ବର୍ଷ-୨୪, ସଂଖ୍ୟା-୨୮୪
ଭୁବନେଶ୍ୱର
୧୮ ନଭେମ୍ବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 284
Bhubaneswar
18 November, 2024 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ନିବେଶକାରୀଙ୍କୁ ଓଡ଼ିଶା ଆମନ୍ତ୍ରଣ କଲେ ମୁଖ୍ୟମନ୍ତ୍ରୀ

**ସିଙ୍ଗାପୁର,୧୭।୧୧(ମହାଭାରତ):** ବିଦେଶରୁ ପୁଞ୍ଜି ଆଣିବାକୁ ସିଙ୍ଗାପୁର ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଞ୍ଜି ନିବେଶକାରୀମାନଙ୍କୁ ଓଡ଼ିଶାରେ ପୁଞ୍ଜି ନିବେଶ କରିବାକୁ ଆକୃଷ୍ଟ କରୁଛନ୍ତି। ଗସ୍ତର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ବୈଠକ କରି ଶିଳ୍ପପତି ମାନଙ୍କୁ ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କ ସହ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଭାରତ-ସିଙ୍ଗାପୁର ବ୍ୟବସାୟିକ ସଂପର୍କ ନେଇ ସିଙ୍ଗାପୁରରେ ଭାରତୀୟ ଉଚ୍ଚ କମିଶନର ଡକ୍ଟର ଶିଲପକ୍ ଆମ୍ବୁଲେ ସ୍ୱାଗତ କରିଥିଲେ।

ହାଇ କମିଶନରଙ୍କ ସଂକ୍ଷିପ୍ତ ବୈଠକ ପରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସାକ୍ଷାତ ସିଟି ମେଟ୍ରିକ୍ସର ପ୍ରତିଷ୍ଠାତା ଡ. ଏଡୱାର୍ଡ ମୋର୍ଟନଙ୍କ ସହ ହୋଇଥିଲା ଯେଉଁଠାରେ ଆଇଟି/ଆଇଟିଇଏସ, ସେମିକଣ୍ଡକ୍ଟର, ମେଡିକାଲ୍ ଯନ୍ତ୍ରପାତି ଉତ୍ପାଦନ ଏବଂ ସ୍ମାର୍ଟ ସିଟି ସଲ୍ୟୁସନର ବିକାଶ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନିଶ୍ଚିତ କରିଛନ୍ତି ଯେ ରାଜ୍ୟରେ ଏକ ଦୃ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମର ବିକାଶକୁ ନିଶ୍ଚିତ କରିବା ପାଇଁ ଓଡିଶା ସରକାର ସମସ୍ତ ସକ୍ରିୟ ପଦକ୍ଷେପ ଗ୍ରହଣ କରିବେ ଏବଂ ମୋର୍ଟନଙ୍କୁ ଓଡିଶା ପରିଦର୍ଶନ କରିବାକୁ ତଥା ରାଜ୍ୟ ପ୍ରଦାନ କରୁଥିବା ବ୍ୟବସାୟ ସୁଯୋଗ ଅନୁସନ୍ଧାନ କରିବାକୁ ଆମନ୍ତ୍ରଣ କରିଛନ୍ତି।



ପରବର୍ତ୍ତୀ ବୈଠକ ଭିସା ଗ୍ରୁପ୍ ଲିମିଟେଡର ନିର୍ଦ୍ଦେଶକ ବିବେକ ଅଗ୍ରୱାଲଙ୍କ ସହ ହୋଇଥିଲା। କ୍ଷମତା ବୃଦ୍ଧି, ମୂଲ୍ୟଯୁକ୍ତ ଉତ୍ପାଦ ବୃଦ୍ଧି ଏବଂ ଇସ୍ପାତ ଏବଂ ଫେରୋ-କ୍ରୋମ ସେକ୍ଟରରେ ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ମୁଖ୍ୟମନ୍ତ୍ରୀ ଭିସା ଗ୍ରୁପକୁ ଅନୁରୋଧ କରିଥିଲେ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ଓରିଣ୍ଡ ସିଙ୍ଗାପୁର ଚେୟାରମ୍ୟାନ ଶିଳ୍ପପତି ରବୀନ ଝୁନଝୁନୱାଲାଙ୍କ ସହ ଆଲୋଚନା କରିଛନ୍ତି। ଜୈବିକ ସାର କ୍ଷେତ୍ରରେ ନିବେଶ କରିବାକୁ ରବୀନ ଝୁନଝୁନାଲା ଆଗ୍ରହ ପ୍ରକାଶ କରିଛନ୍ତି। ସେ ଓଡ଼ିଶାରେ ତାଙ୍କର ଷ୍ଟାର୍ଟ ଅପ୍ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଭରସା ଦେଇଛନ୍ତି।

ଏହାସହ ମୁଖ୍ୟମନ୍ତ୍ରୀ, ସେମ୍ବକର୍ପ ଇଣ୍ଡଷ୍ଟ୍ରୀ ଲିମିଟେଡର ଗ୍ରୁପ୍ ପ୍ରେସିଡେଣ୍ଟ ଓ ସିଇଓ ଙ୍ଗ କିମ୍ ୟିନଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଓଡ଼ିଶାରେ ହେବାକୁଥିବା ସେମ୍ବକର୍ପର ଗ୍ରୀନ୍ ଆମୋନିଆ। ପ୍ରକଳ୍ପ ସହିତ ଭାରତରେ ହେବାକୁ ଥିବା ଅନ୍ୟାନ୍ୟ ଅକ୍ଷୟ ଶକ୍ତି ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହାସହ ୨୦୨୫ ଜାନୁଆରୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ଉତ୍କର୍ଷ ଓଡ଼ିଶା କନକ୍ଲେଭରେ ମୁଖ୍ୟମନ୍ତ୍ରୀ, ସେମ୍ବକର୍ପର ସିଇଓ ଓ ଅଧିକାରୀମାନଙ୍କୁ ନିମନ୍ତ୍ରଣ କରିଛନ୍ତି।

ବୈଠକ ପରେ ମୁଖ୍ୟମନ୍ତ୍ରୀ ମନ୍ତବ୍ୟ ଦେଇଛନ୍ତି, ମୁଖ୍ୟମନ୍ତ୍ରୀ ଭାବେ ଏହା ମୋର ପ୍ରଥମ ବୈଦେଶିକ ଗସ୍ତ ଓ ଆମେ ବିକାଶଶୀଳ ଶିଳ୍ପ ଇକୋସିଷ୍ଟମ ଏବଂ ଅଭିନବ ଅଭ୍ୟାସ କାରଣରୁ ଓଡିଶା ବ୍ୟବସାୟ ମିଟ୍ ପାଇଁ ସିଙ୍ଗାପୁରକୁ ବାଛିଲୁ। କାରଣ ଭାରତ ଓ ସିଙ୍ଗାପୁରର ମଧ୍ୟରେ ଦୃଢ ଅର୍ଥନୈତିକ, ରଣନୀତିକ ଏବଂ ସାଂସ୍କୃତିକ ସମ୍ପର୍କ ରହିଛି ଏବଂ ଏହି ସହଭାଗିତାକୁ ବୃଦ୍ଧି କରିବାକୁ ଓଡିଶା ପ୍ରସ୍ତୁତ ଅଛି। ନିବେଶକମାନଙ୍କ ପାଇଁ ସମ୍ପୂର୍ଣ୍ଣ ସୁବିଧା ଯୋଗାଇବା, ହସ୍ତତନ୍ତ, ସାମୁଦ୍ରିକ ଖାଦ୍ୟ ଏବଂ କୁଶଳୀ ଶ୍ରମିକ ପରି କ୍ଷେତ୍ରରେ ସୁଯୋଗ ପ୍ରଦାନ କରିବାକୁ ମୋ ସରକାର ପ୍ରତିବଦ୍ଧ। ଆଗାମୀ ତିନି ଦିନ ମଧ୍ୟରେ ମୁଁ ବିକାଶ ଏବଂ ସହଯୋଗକୁ ବୃଦ୍ଧି କରିବା ପାଇଁ ସମ୍ଭାବ୍ୟ ନିବେଶକମାନଙ୍କ ସହିତ ସାକ୍ଷାତ କରିବି।

## ବାଲିଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ସମୟ ବଢ଼ିଲା

କଟକ,୧୭।୧୧(ମହାଭାରତ): ଗତକାଲି ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ କମିଶନରେଟ ପୋଲିସ ଅଧାରୁ ବନ୍ଦ କରିବା ଘଟଣା ପରେ ଅସନ୍ତୋଷ ବଢିଥିଲା। ଏହାପରେ ବାଲିଯାତ୍ରାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମୟ ବଢ଼ା ଯାଇଛି।

ଏଣିକି ୧୦ଟା ପରିବର୍ତ୍ତେ ସାଢ଼େ ୧୦ଟା ପର୍ଯ୍ୟନ୍ତ ଚାଲିବ ସାଂସ୍କୃତିକ କାର୍ଯ୍ୟକ୍ରମ। ଏହାକୁ ନେଇ ଖୋଦ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଜିଲ୍ଲା ପ୍ରଶାସନ ସହ ଆଲଚନା କରିଛନ୍ତି। ଏହି କ୍ରମରେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଳେ ବାଧା ସୃଷ୍ଟି ନକରିବାକୁ ସେ ପରାମର୍ଶ ଦେଇଛନ୍ତି। ଗତକାଲି ବୈଷ୍ଣବ ପାଣି ମଞ୍ଚରେ ଜଣାଶୁଣା କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଶୋ' ଚାଲିଥିବା ବେଳେ ଏହାକୁ ଅଧାରୁ ବନ୍ଦ କରାଇ ଦିଆଯାଇଥିଲା। ଏହାକୁ ନେଇ ବାଲିଯାତ୍ରାରେ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

## ପ୍ରଧାନମନ୍ତ୍ରୀଙ୍କୁ ନାଇଜେରିଆର ସର୍ବୋଚ୍ଚ ପୁରସ୍କାର



ଅବୁଜା,୧୭।୧୧(ପିଆଇବି): ଷ୍ଟେଟ୍ ହାଉସରେ ଆୟୋଜିତ ଏକ ସମାରୋହରେ ନାଇଜେରିଆ ଫେଡେରାଲ ରିପବ୍ଲିକ୍ ର ରାଷ୍ଟ୍ରପତି ମହାମହିମ ବୋଲା ଅହମ୍ମଦ ଟିନୁବୁ ଭାରତ-ନାଇଜେରିଆ ସମ୍ପର୍କକୁ ପ୍ରୋତ୍ସାହିତ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ନାଇଜର ଜାତୀୟ ପୁରସ୍କାର ପ୍ରଦାନ କରିଛନ୍ତି। ପୁରସ୍କାର ପ୍ରଶଂସାପତ୍ରରେ ଉଲ୍ଲେଖ କରାଯାଇଛି ଯେ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତ ଏକ ବିଶ୍ୱ ଶକ୍ତି ଭାବରେ ଅବସ୍ଥାପିତ ହୋଇଛି ଏବଂ ତାଙ୍କ ପରିବର୍ତ୍ତନଶୀଳ ଶାସନ ସମସ୍ତଙ୍କ ପାଇଁ ଏକତା, ଶାନ୍ତି ଏବଂ ଅଂଶୀଦାର ସମୃଦ୍ଧିକୁ ପ୍ରୋତ୍ସାହିତ କରିଛି।

ଏହି ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରଧାନମନ୍ତ୍ରୀ ଏହି ସମ୍ମାନକୁ ଭାରତବାସୀ ଏବଂ ଭାରତ ଓ ନାଇଜେରିଅ ମଧ୍ୟରେ ଥିବା ଦୀର୍ଘକାଳୀନ ଐତିହାସିକ ବନ୍ଧୁତାକୁ ଉତ୍ସର୍ଗ କରିଥିଲେ। ସେ ଆହୁରି ମଧ କହିଛନ୍ତି ଯେ ଏହି ସ୍ୱୀକୃତି ଦୁଇ ଦେଶ ମଧ୍ୟରେ ରଣନୈତିକ ଭାଗିଦାରୀ ଏବଂ ଗ୍ଲୋବାଲ୍ ସାଉଥର ଆକାଂକ୍ଷା ପ୍ରତି ସେମାନଙ୍କର ଅଂଶୀଦାର ପ୍ରତିବଦ୍ଧତାକୁ ଦର୍ଶାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହେଉଛନ୍ତି ପ୍ରଥମ ବିଦେଶୀ ନେତା ଯିଏ କି ୧୯୬୯ ପରେ ଏହି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।

## ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

# ଅନନ୍ତ, ଶ୍ରୀନିବାସ ଓ ଜୟୀ ଗ୍ରହଣ କଲେ 'ମୋହନସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର'







ଭୁବନେଶ୍ୱର,୧୭।୧୧(ମହାଭାରତ):ଦୀର୍ଘ ବର୍ଷର ଅପେକ୍ଷା ପରେ ମିଳିଛି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର। ଏକାଥରକେ ୩୨, ୩୩ ଓ ୩୪ ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଆଜିର ପୁରସ୍କାର ବିତରଣ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ରାଜ୍ୟପାଳ ରଘୁବର ଦାସ। ମନରେ ସାହାସ ରଖି ନୂତନତ୍ୱକୁ ଆଧାର କରି ସିନେମା ନିର୍ମାଣ ପାଇଁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ୨୦୨୦, ୨୦୨୧ ଓ ୨୦୨୨ ବର୍ଷ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ଅନନ୍ତ ମହାପାତ୍ର, ଶ୍ରୀନିବାସ ମହାପାତ୍ର, ଜୟୀରାମ ସାମଲଙ୍କୁ ଦିଆଗଲା 'ମୋହନସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର'। ଶ୍ରେଷ୍ଠ ଫିଲ୍ମ ଭାବେ ୨୦୨୦ ପାଇଁ ସହିଦ ରଘୁ ସର୍ଦ୍ଦାର, ୨୦୨୧ ପାଇଁ ପ୍ରତୀକ୍ଷା ଓ ଡାଲଚିନି ଏବଂ ୨୦୨୨ ବର୍ଷ ପାଇଁ ଦମନ ପୁରସ୍କୃତ ହୋଇଛି। ଏଥିସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

୨୦୨୦ ବର୍ଷ ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ ଚଳଚ୍ଚିତ୍ର 'ରଘୁ ସର୍ଦ୍ଦାର' ପାଇଁ ଦେବାଶିଷ ପାତ୍ର ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ କାବ୍ୟା କିରଣ ଶୁକ୍ଲା ପୁରସ୍କୃତ ହୋଇଛନ୍ତି। ଠିକ୍ ସେହିପରି ୨୦୨୧ ବର୍ଷ ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ 'ପ୍ରତୀକ୍ଷା' ଚଳଚ୍ଚିତ୍ର ପାଇଁ ଦୀପନ୍ୱିତ ଦାସ ମହାପାତ୍ର ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ 'ଡାଲଚିନି' ଚଳଚ୍ଚିତ୍ର ପାଇଁ ସୂର୍ଯ୍ୟମୟୀ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଛି। ୨୦୨୨ ବର୍ଷ ପାଇଁ ଚଳଚ୍ଚିତ୍ର 'ଦମନ' ପାଇଁ ଶ୍ରେଷ୍ଠ ଅଭିନେତା ଭାବରେ ବାବୁଶାନ୍ ମହାନ୍ତି ଓ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ଲୋପାମୁଦ୍ରା ମିଶ୍ରଙ୍କୁ 'ବୋଉର ହାତ ବାକ୍ସ' ପାଇଁ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ଗ୍ରହଣ ଅବସରରେ ଶୁଣିବାକୁ ମିଳିଥିଲା ହାସ୍ୟ ସମ୍ରାଟ୍ କୁହାଯାଉଥିବା ଜୟୀଙ୍କ ସିଗ୍ନେଚର ଡାଇଲଗ୍ ଓ ଚିରପରିଚିତ ହସ।

ଉଦ୍‌ବୋଧନ ଛଳରେ ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ ଓଡିଶାକୁ ପ୍ରକୃତି ଅପାର ବିଭବ ଦେଇଛି। ଏହାର ପ୍ରାକୃତିକ ଶୋଭାରାଜି ବହୁତ ସୁନ୍ଦର। ସିନେମା ଉଦ୍ୟୋଗ ଅକୁହା କାହାଣୀଗୁଡ଼ିକୁ ସିନେମା ମାଧ୍ୟମରେ ବୟାନ କରନ୍ତୁ।

## ହିଂସା ମଧ୍ୟରେ ମଣିପୁରରେ ରାଜନୈତିକ ନିଆଁ

ଇମ୍ଫାଲ,୧୭।୧୧: ମଣିପୁରରେ ହିଂସା ଭିତରେ ରାଜନୈତିକ ହଲଚଲ ଦେଖାଦେଇଛି। ମଣିପୁରରେ ପୁଣି ଉଗ୍ର ହେବାରେ ଲାଗିଛି ହିଂସା। ବ୍ୟାପକ ପୋଡାଜଳା ସାଙ୍ଗକୁ ଭଙ୍ଗାରୁଜା କରୁଛନ୍ତି ବିକ୍ଷୋଭକାରୀ। ବିଭିନ୍ନ ନେତାଙ୍କ ଘରକୁ ଉପରକୁ କରାଯାଉଛି ଆକ୍ରମଣ। ଗୋଟିଏ ସମ୍ପ୍ରଦାୟ ଅନ୍ୟ ସମ୍ପ୍ରଦାୟକୁ ହତ୍ୟା କରୁଥିବା ବେଳେ ନେତାମନ୍ତ୍ରୀଙ୍କୁ ବି ଆକ୍ରମଣ କରୁଛନ୍ତି ଉଗ୍ରବାଦୀ। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ବିରେନ୍ ସିଂହଙ୍କ ଘର ଉପରକୁ ମଧ୍ୟ ଆକ୍ରମଣ କରିଛନ୍ତି। ଏହାପରେ ମେତେଇ ସମ୍ପ୍ରଦାୟର ମଣିପୁରର ନାଗରିକ ସମାଜ ଗୋଷ୍ଠୀ ରାଜ୍ୟ ସରକାରଙ୍କୁ ୨୪ ଘଣ୍ଟିଆ ଅଲ୍ଟିମେଟମ୍ ଜାରି କରିଛି। ଏହା ମଧ୍ୟରେ ନ୍ୟାସନାଲ ପିପୁଲ୍ସ ପାର୍ଟି (ଏନପିପି) ଏବଂ ବିଜେପି ମଧ୍ୟରେ ମେଣ୍ଟ ଭାଙ୍ଗିଯାଇଛି। ଏନପିପି ବିରେନ ସିଂ ସରକାରଙ୍କଠାରୁ ସମର୍ଥନ ପ୍ରତ୍ୟାହାର କରିନେଇଛି।



ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଲେଖିଥିବା ଚିଠିରେ ଏନପିପି କହିଛି ଯେ ମଣିପୁରରେ ହିଂସା ରୋକିବାରେ ବିରେନ ସିଂହଙ୍କ ସରକାର ବିଫଳ ହୋଇଛନ୍ତି। ଏହି କାରଣରୁ ସରକାରରୁ ସମର୍ଥନ ପ୍ରତ୍ୟାହାର କରାଗଲା। ତେବେ ଏହା ଦ୍ୱାରା ବିଜେପି ସରକାର ପ୍ରତି କୌଣସି ବିପଦ ନାହିଁ। କାରଣ ୬୦ ସଦସ୍ୟ ବିଶିଷ୍ଟ ମଣିପୁର ବିଧାନସଭାରେ ବିଜେପିର ୩୨ ସଦସ୍ୟ ଅଛନ୍ତି। ମଣିପୁର ବିଧାନସଭାରେ ଏନପିପିର ୭ ଜଣ ସଦସ୍ୟ ଅଛନ୍ତି। କୋନରାଡ୍ ସାଙ୍ଗମାଙ୍କ ନେତୃତ୍ୱାଧୀନ ନ୍ୟାସନାଲ ପିପୁଲ୍ସ ପାର୍ଟି ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି । ମଣିପୁର ରାଜ୍ୟ ସରକାରଙ୍କ ସଙ୍କଟ ମୁକାବିଲା ଓ ନିରୀହ ଜୀବନ ହାନିକୁ ନେଇ ଅସନ୍ତୋଷ ପ୍ରକାଶ କରି ଦଳ ତୁରନ୍ତ ସମର୍ଥନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି। ଏନପିପି ପକ୍ଷରୁ ଜାରି ଏକ ଚିଠିରେ କୁହାଯାଇଛି ଯେ, ଆମେ ଦୃଢ଼ ଭାବରେ ବିଶ୍ୱାସ କରୁଛୁ ଯେ ବୀରନ ସିଂହଙ୍କ ନେତୃତ୍ୱାଧୀନ ମଣିପୁର ସରକାର ସଙ୍କଟର ସମାଧାନ ଏବଂ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ନ୍ୟାସନାଲ ପିପୁଲ୍ସ ପାର୍ଟି ମଣିପୁରରେ ବିରଣ ସିଂହଙ୍କ ନେତୃତ୍ୱାଧୀନ ସରକାରରୁ ସମର୍ଥନ ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛି।

# ଆମିଷ ବଜାରରେ କୋଟି କୋଟି ଟଙ୍କାର ବେପାର



ଭୁବନେଶ୍ୱର,୧୭।୧୧(ମହାଭାରତ): ଜମିଲା ଛାଡ଼ଖାଇ ବଜାର। କାର୍ତ୍ତିକ ପୂର୍ଣ୍ଣମା ପରେ ଗତକାଲି ସଂକ୍ରାନ୍ତି ଯୋଗୁଁ ଫିକା ପଡ଼ିଥିଲା ଆମିଷ ବଜାର। ଆଜି ରବିବାର ହୋଇଥିବାରୁ ଆମିଷପ୍ରେମୀଙ୍କ ଭିତରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା। ସକାଳୁ ସକାଳୁ ଆମିଷ ବଜାରରେ ଭିଡ଼ ଜମିଛି। ରାଜ୍ୟର ସବୁ ସ୍ଥାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଅନେକ ସ୍ଥାନରେ ଲୋକମାନେ ଆଗୁଆ ବରାଦ ଦେଇଥିବାରୁ ଲୋକମାନଙ୍କୁ ବହୁ ସମୟ ଅପେକ୍ଷା କରିବାକୁ ପଡ଼ିଥିଲା। କିଛି ସ୍ଥାନରେ ଆମିଷ କିଣିନପାରି ଅନ୍ୟସ୍ଥାନକୁ ଦୌଡୁଥିବା ମଧ୍ୟ ଦେଖିବାକୁ ମିଳିଥିଲା। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମାର୍କେଟରେ ମଟନ୍, ଚିକେନ୍, ମାଛ, ଚିଙ୍ଗୁଡ଼ି ଆଦି ବିଭିନ୍ନ ପ୍ରକାରର ଆମିଷ ବିକ୍ରି ହେଉଛି। କାର୍ତ୍ତିକରେ ମାସରେ ହବିଷ କରିଥିବା ଲୋକ ଆଜି ଆମିଷ ଖାଇବାକୁ ଅଧିକ ପସନ୍ଦ କରୁଛନ୍ତି।

ଚାହିଦା ଅନୁସାରେ ଦାମ ମଧ୍ୟ ପୂର୍ବାପେକ୍ଷା ଅଧିକ ରହିଥିଲା। ଭୁବନେଶ୍ୱର ୪ ନମ୍ବର ମାଛ ମାର୍କେଟରେ ବାରିପଦା ଦେଶୀ ଚିକେନ କେଜିକୁ ୫୫୦ ଟଙ୍କା ଥିବାବେଳେ ବ୍ରୟଲର ୨୪୦, ମଟନ ୮୦୦, ଖଇଙ୍ଗା ମାଛ ୫୦୦, କଳା ପାମ୍ଫ୍ଲେଟ ୪୫୦, ରୂପ ଚାନ୍ଦି ୨୫୦, ପାମ୍ଫ୍ଲେଟ ୧ ହଜାର, ବଡ଼ ଚିଙ୍ଗୁଡ଼ି ୫୫୦ ରହିଥିଲା। ସେହିପରି ବଡ଼ କଣ୍ଟାଲ ଚିଙ୍ଗୁଡ଼ି ୬୦୦ ଟଙ୍କା, ବଡ଼ କଙ୍କଡା ୩ ହଜାର ଟଙ୍କା, ଚିଲିକା ଗ୍ରୀନ କଙ୍କଡା ୨୨ଶହ, ରେଡ଼ କଙ୍କଡା ୮୫୦, ଭେକଟି ୫୫୦, ଟାଇଗର ବାଗଦା ଚିଙ୍ଗୁଡ଼ି ୧ ହଜାର, ନଈ ଚିଙ୍ଗୁଡ଼ି ୫୦୦ ଟଙ୍କା ରହିଛି। ଭାକୁର କେଜି ୨୦୦ ଟଙ୍କା, ରୋହି ୧୮୦, ଝୁଡୁଙ୍ଗ ମାଛ ୨୬୦, ସୁରୁଙ୍ଗି ୪୦୦ ଓ ମହୁରାଳି ୩୨୦ ଟଙ୍କା ରହିଥିଲା। ଦର ଅଧିକ ଥିଲେ ବି ଲୋକମାନେ ଖାଇବାକୁ ବାହିନେଇଯାଇଥିଲେ।

# ଭିକ୍ଟୋରିଆ କଜେର ମିସ୍ ୟୁନିଭର୍ସ



**ମେକ୍ସିକୋ ସିଟି,୧୭।୧୧:** ମିସ ୟୁନିଭର୍ସ ୨୦୨୪ ଘୋଷଣା ହୋଇଛି ଏବଂ ଚଳିତ ବର୍ଷର ମିସ ୟୁନିଭର୍ସର ବିଜେତା ହେଉଛି ମିସ ଡେନମାର୍କ, ଯାହାଙ୍କ ନାମ ଭିକ୍ଟୋରିଆ କଜେର୍ ଥିଲଭିଗ। ପ୍ରଥମ ରନର୍ ଅପ ନାଇଜେରିଆର ଚିଡିମ୍ମା ଆଡେଟସିନା, ଦ୍ୱିତୀୟ ରନର୍ ଅପ ମେକ୍ସିକୋର ମାରିଆ ଫର୍ନାଣ୍ଡା ବେଲ୍ଟ୍ରାନ, ତୃତୀୟ ରନର୍ ଅପ ଥାଇଲ୍ୟାଣ୍ଡର ଓପମ୍ଲ ସୁଚାଟା ଚୁଆଙ୍ଗସ୍ରି ଏବଂ ଚତୁର୍ଥ ରନର୍ ଅପ ଭେନେଜୁଏଲର ଇଲିଆନା ମାର୍କେଜ ଥିଲେ। ମିସ ୟୁନିଭର୍ସ ୨୦୨୪ ବିୟୁଟି କଣ୍ଟେଷ୍ଟର ୭୩ତମ ସଂସ୍କରଣ ମେକ୍ସିକୋର ଆରେନା ସିଡିଏମଏକ୍ସ, ମେକ୍ସିକୋ ସିଟିରେ ଅନୁଷ୍ଠିତ ହୋଇଥିଲା। ମିସ ୟୁନିଭର୍ସ ୨୦୨୪ ର ଗ୍ରାଣ୍ଡ ଫିନାଲରେ ଭାରତର ରିୟା ସିଙ୍ଗା ମଧ୍ୟ ଅଂଶଗ୍ରହଣ କରିଥିଲେ, ଯିଏ ଶ୍ରେଷ୍ଠ ୩୦ରେ ସ୍ଥାନ ପାଇଥିଲେ, କିନ୍ତୁ ଶ୍ରେଷ୍ଠ ୧୨ରେ ପ୍ରବେଶ କରିପାରି ନ ଥିଲେ।

ସୂଚନାଯୋଗ୍ୟ, ଚଳିତ ବର୍ଷ ୧୨୫ ଟି ଦେଶରୁ ପ୍ରତିଯୋଗୀମାନେ ଏଥିରେ ଭାଗ ନେଇଥିଲେ ଗତ ବର୍ଷର ମିସ ୟୁନିଭର୍ସ ବିଜେତା ନିକାରାଗୁଆର ଶେନିସ ପାଲାସିଓସ ଚଳିତ ବର୍ଷର ମିସ ୟୁନିଭର୍ସ ବିଜେତା ଭିକ୍ଟୋରିଅ। କେଜର୍ ଥେଲଭିଗଙ୍କୁ ବିଜେତା ଭାବରେ ମୁକୁଟ ପିନ୍ଧାଇଥିଲେ। ଏଥର ମିସ ୟୁନିଭର୍ସର ମୁକୁଟ ଅତ୍ୟନ୍ତ ସ୍ୱତନ୍ତ୍ର, ଯାହାର ନାମ ଲୁମିଏରେ ଦେ ଇନଫିନି ରଖାଯାଇଛି। ଏହାର ଅର୍ଥ ଆଲୋକର ଅସୀମତା ଏହି ମିସ ୟୁନିଭର୍ସ ମୁକୁଟ ମହିଳା ସଶକ୍ତିକରଣର ପ୍ରତିନିଧି କରେ ଏବଂ ଏହା ହୀରା ସହିତ ୨୩ ଟି ସୁବର୍ଣ୍ଣ ମୋତି ସହିତ ସୁସଜ୍ଜିତ।

# ଆପ୍ ଛାଡ଼ିଲେ ମନ୍ତ୍ରୀ କୈଳାଶ ଗେହଲଟ

ନୂଆଦିଲ୍ଲୀ,୧୭।୧୧(ମହାଭାତର: ଆଗକୁ ଦିଲ୍ଲୀ ବିଧାନସଭା ନିର୍ବାଚନ। ତେବେ ଏହା ପୂର୍ବରୁ ଅରବିନ୍ଦ କେଜ୍ରିୱାଲଙ୍କ ଆମ୍ ଆଦମୀ ପାର୍ଟିକୁ ଲାଗିଛି ଜୋରଦାର ଝଟକା। ଦଳ ଛାଡ଼ିଲେ ଦିଲ୍ଲୀ ସରକାରର ପରିବହନ ମନ୍ତ୍ରୀ କୈଳାଶ ଗେହଲଟ। ସେ ନିଜ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। କେବଳ ସେତିକି ନୁହେଁ ସେ ଆମ ଆଦମୀ ପାର୍ଟି (ଆପ)ର ପ୍ରାଥମିକ ସଦସ୍ୟତା ମଧ୍ୟ ଛାଡିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ନିଜକୁ ସେ ନିଜ ଇସ୍ତଫା ପତ୍ର ପଠାଇଛନ୍ତି।



ସୋଶାଲ ମିଡିଆ। ପ୍ଲାଟଫର୍ମ ଏକ୍ସ ମାଧ୍ୟମରେ କୈଳାଶ ଗେହଲଟ ତାଙ୍କ ଇସ୍ତଫା ବିଷୟରେ ସୂଚନା ଦେଇଛନ୍ତି। ଏଥିସହ ଆମ୍ ଆଦମୀ ପାର୍ଟି ଓ ଅରବିନ୍ଦ କେଜ୍ରିୱାଲଙ୍କ ବିରୋଧରେ ସେ ବଡ଼ ଅଭିଯୋଗ ଆଣିଛନ୍ତି। ଲୋକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ନକରିବାରୁ ସେ ଇସ୍ତଫା ଦେଇଥିବା ନେଇ କାରଣ ଦର୍ଶାଇଛନ୍ତି। ସେ ଏ ବିଷୟରେ କେଜ୍ରିୱାଲଙ୍କୁ ମଧ୍ୟ ଏକ ଚିଠି ଲେଖିଛନ୍ତି। ସେ ତାଙ୍କ ଇସ୍ତଫା ପତ୍ରରେ ଯମୁନା ନଦୀ ସଫା କରିବା ଏବଂ କେଜ୍ରିୱାଲଙ୍କ ବଙ୍ଗଳା ନିର୍ମାଣ ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି। ଏଥିସହ ଦଳପ୍ରତି ଥିବା ନିଜ ଅସନ୍ତୋଷକୁ ମଧ୍ୟ ଜାହିର କରିଛନ୍ତି। ଗେହଲଟ୍ କହିଛନ୍ତି ଯେ ଗତ ନିର୍ବାଚନରେ ଆମେ ଯମୁନାକୁ ସଫା କରିବାକୁ ପ୍ରତିଶୃତି ଦେଇଥିଲୁ କିନ୍ତୁ ଆମେ ଏହା କରିପାରିଲୁ ନାହିଁ। କୈଳାଶ ଗେହଲଟ୍ ଚିଠିରେ ଲେଖିଛନ୍ତି, 'ଶିସ୍ମହଲ ପରି ଅନେକ ଲଜ୍ଜାଜନକ ଏବଂ ଅଜବ ବିବାଦ ରହିଛି, ଯାହା ସନ୍ଦେହ ସୃଷ୍ଟି କରୁଛି କି ଆମେ କ'ଣ ଏବେ ବି ଆମ ଆଦମୀ ହୋଇ ଅଛେ ? ବର୍ତ୍ତମାନ ଏହା ସ୍ପଷ୍ଟ ହୋଇଛି ଯେ ଯଦି ଦିଲ୍ଲୀ ସରକାର ଏହାର ଅଧିକାଂଶ ସମୟ କେନ୍ଦ୍ର ସହ ଲଢେଇ କରିବାରେ ଖର୍ଚ୍ଚ କରିବେ, ତେବେ ଦିଲ୍ଲୀର କୌଣସି ପ୍ରଗତି ହୋଇପାରିବ ନାହିଁ, ମୋ ପାଖରେ ଆପ୍ ଠାରୁ ଅଲଗା ହେବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ତେଣୁ ମୁଁ ଆମ୍ ଆଦମୀ ପାର୍ଟିର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି।

# ଓଡ଼ିଶାର ପାଟପୁର ଥାନାକୁ ପୁରସ୍କୃତ କରିବେ ଗୃହମନ୍ତ୍ରୀ

ନୂଆଦିଲ୍ଲୀ,୧୭।୧୧(ମହାଭାରତ): ପୁଣିଥରେ ଓଡ଼ିଶାର ଥାନାକୁ ମିଳିଛି ଦେଶରେ ଶ୍ରେଷ୍ଠ ପୁରସ୍କାର। ଗଞ୍ଜାମ ଜିଲାର ପାଟପୁର ଥାନାକୁ ୨୦୨୪ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଦେଶର ତିନୋଟି ସର୍ବୋତ୍ତମ ପୋଲିସ ଷ୍ଟେସନ ମଧ୍ୟରୁ ଗୋଟିଏ ଭାବରେ ମନୋନୀତ କରାଯାଇଛି। ନଭେମ୍ବର ୨୯ ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ମହାନିର୍ଦ୍ଦେଶକ ପୋଲିସର ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହି ଟ୍ରଫି ପୋଲିସ ଷ୍ଟେସନର ଇନ୍ସପେକ୍ଟରଙ୍କୁ ପ୍ରଦାନ କରିବେ। ଯୁଗ୍ମ ନିର୍ଦ୍ଦେଶକ ତଥା ସମ୍ମିଳନୀ ସଚିବ, ଏମଏଚଏର ଇଣ୍ଟେଲିଜେନ୍ସ ବ୍ୟୁରୋ ସମୀର ଏସ ଆଇଏମ ଓଡ଼ିଶା ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆଙ୍କୁ ଦେଶର ସର୍ବୋତ୍ତମ ପୋଲିସ ଷ୍ଟେସନ ଭାବରେ ଚୟନ ବିଷୟରେ ଚିଠି ଲେଖି ସୂଚନା ଦେଇଛନ୍ତି।





ସାରା ଦେଶରେ ଶ୍ରେଷ୍ଠ ଥାନାକୁ ପୁରସ୍କୃତ କରିବା ହେଉଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାର୍ଷିକ କାର୍ଯ୍ୟକ୍ରମ, ଯେଉଁଥିରେ ଥାନାଗୁଡିକର ଅପରାଧ ହାର, ମାମଲାର ଅନୁସନ୍ଧାନ ଏବଂ ମାମଲାର ରଫାଦଫା, ଭିତ୍ତିଭୂମି ଏବଂ ଜନସେବା ପରି ୧୫୦ ରୁ ଅଧିକ ବିଭିନ୍ନ ପାରାମିଟର ଆଧାରରେ ବିଚାର କରାଯାଇଥାଏ। ମୋଟ ପଏଣ୍ଟଗୁଡିକର ପ୍ରାୟ ୨୦ ପ୍ରତିଶତ ନାଗରିକଙ୍କ ଠାରୁ ପୋଲିସ୍ ଷ୍ଟେସନ ବିଷୟରେ ମତାମତ ଉପରେ ଆଧାରିତ ହୋଇଥାଏ। ଏହି ମାନ୍ୟତା ପ୍ରସ୍ତୁତ କରିବାର ମୁଖ୍ୟ ଉଦେଶ୍ୟ ହେଉଛି ପୋଲିସର ଗୁଣବତ୍ତା ଉନ୍ନତ କରିବା ଏବଂ ଥାନାକୁ ବନ୍ଧୁତ୍ୱପୂର୍ଣ୍ଣ କରିବା। ଏସପି (ଗଞ୍ଜାମ) ସୁଭେନ୍ଦୁ କୁମାର ପାତ୍ର କହିଛନ୍ତି ଯେ ଆମର ପୋଲିସ୍ ଷ୍ଟେସନ୍ ଦେଶର ତିନିଟି ସର୍ବୋତ୍ତମ ପୋଲିସ୍ ଷ୍ଟେସନ୍ ମଧ୍ୟରୁ ଗୋଟିଏ ହୋଇଥିବାରୁ ଆମେ ବହୁତ ଖୁସି। କର୍ମଚାରୀଙ୍କ ଦଳଗତ କାର୍ଯ୍ୟ ହେତୁ ଏହା ସମ୍ଭବ ହୋଇପାରିଛି। ଏହାର ଭିତ୍ତିଭୂମି ସୁବିଧା ଆକଳନ କରିବା ପାଇଁ ଗୃହ ମନ୍ତ୍ରଣାଳୟରର ଏକ ଟିମ୍ ସେପ୍ଟେମ୍ବର ୨୮ ରେ ୧୧୩ ବର୍ଷ ପୁରୁଣା ପାଟପୁର ପୋଲିସ ଷ୍ଟେସନ ପରିଦର୍ଶନ କରିଥିଲେ ବୋଲି ସବ୍-ଡିଭିଜନାଲ ପୋଲିସ୍ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର କହିଛନ୍ତି।

# ନେତାନ୍ୟାହୁଙ୍କୁ ଆକ୍ରମଣର ପ୍ରତିଶୋଧ ନେଲା ଇସ୍ରାଏଲ୍

ବେରୁତ,୧୭।୧୧(ମହାଭାରତ): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ଘର ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେଇଛି ଇସ୍ରାଏଲ ସେନା। ଇସ୍ରାଏଲ ସେନା ଲେବାନନ ଉପରେ ଏୟାରଷ୍ଟ୍ରାଇକ୍ କରି ହେଜବୁଲ୍ଲାର ମୁଖ୍ୟ ମୁଖ୍ୟପାତ୍ର ମହମ୍ମଦ ଆଫିଫକୁ ମାରିଦେଇଛି। ଏ ସଂପର୍କରେ ଜଣେ ହେଜବୁଲ୍ଲା ଅଧିକାରୀ କହିଛନ୍ତି ଯେ ରବିବାର ହୋଇଥିବା ଇସ୍ରାଏଲ ଆକ୍ରମଣରେ ହିଜବୁଲ୍ଲାର ମୁଖ୍ୟ ମୁଖପାତ୍ର ମହମ୍ମଦ ଆଫିଫ ନିହତ ହୋଇଛନ୍ତି। ସେପ୍ଟେମ୍ବରରେ ଇସ୍ରାଏଲର ସାମରିକ କାର୍ଯ୍ୟକଳାପ ବୃଦ୍ଧି ଏବଂ ନିକଟରେ ହିଜବୁଲ୍ଲା ନେତା ହାସନ ନସରଲ୍ଲାଙ୍କ ମୃତ୍ୟୁ ପରେ ଆଫିଫ୍ ଗଣମାଧ୍ୟମରେ ତାଙ୍କ ସଂଗଠନ ପାଇଁ ସମର୍ଥନ ଯୋଗାଡ଼ କରୁଥିଲେ ଏବେ ଇସ୍ରାଏଲ ସେନା ତାକୁ ନିପାତ କରିଦେଇଛି।

ମହମ୍ମଦ ଆଫିକର ମୃତ୍ୟୁ ପୂର୍ବରୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବାସଭବନ ଉପରେ ୨ଟି ରକେଟ୍ ଆକ୍ରମଣ ହୋଇଥିଲା । ଇସ୍ରାଏଲ ସେନା ର କହିବା ଅନୁଯାୟୀ, ଏହି ୨ଟି ବିସ୍ଫୋରକ କ୍ଷେପଣାସ୍ତ୍ର ନେତାନ୍ୟାହୁଙ୍କ ଆବାସିକ ପରିସରରେ ମାଡ଼ ହୋଇଥିଲା। ତେବେ ଏହି ଘଟଣା ସମୟରେ ପ୍ରଧାନମନ୍ତ୍ରୀ ଓ ତାଙ୍କ ପରିବାର ଲୋକ ଉପସ୍ଥିତ ନଥିଲେ। ଏହା ପୂର୍ବରୁ ଅକ୍ଟୋବର ମାସରେ ବେଞ୍ଜାମିନ ନେତାନ୍ୟାହୁଙ୍କ ଘର ଉପରକୁ ଡ୍ରୋନ୍ ଆକ୍ରମଣ ହୋଇଥିଲା ଏହି ଆକ୍ରମଣ ପାଇଁ ହିଜବୁଲ୍ଲା ମଧ୍ୟ ନିଜକୁ ଦାୟୀ କରିଥିଲା ସେହି ସମୟରେ ନେତାନ୍ୟାହୁ ଏହି ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ।।

## ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:**ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରଷୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରଷୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।



### ଖବର

# ଧନୁଷ ମାଗିଲେ ୧୦ କୋଟି, ନୟନତାରା ଇନଷ୍ଟାରେ ପୋଷ୍ଟ କଲେ ଚିଠି





'ଲେଡି ସୁପରଷ୍ଟାର' ଭାବରେ ଜଣାଶୁଣା ନୟନତାରା ଓ ଧନୁଷଙ୍କ ମଧ୍ୟରେ ବଢ଼ିଚାଲିଛି ବିବାଦ। ନୟନତାରାଙ୍କ ଜୀବନ ଏବଂ କ୍ୟାରିୟର ଉପରେ ଆଧାରିତ ନେଟଫ୍ଲିକ୍ସ ଡକ୍ୟୁମେଣ୍ଟାରୀ 'ନୟନତାରା: ବିଅଣ୍ଡ୍ ଫେରି ଟେଲ୍' ମୁକ୍ତିଲାଭ କରିବାକୁ ଥିବାବେଳେ କଥା ଯାଇ ଥାନାରେ ପହଞ୍ଚିଛି। ଅଭିନେତ୍ରୀ, ସୁପରଷ୍ଟାର ଧନୁଷଙ୍କୁ ସମାଲୋଚନା କରି ଇନଷ୍ଟାରେ ଏକ ଖୋଲା ଚିଠି ସେୟାର କରିଛନ୍ତ। ବାସ୍ତବରେ ଯଦିଓ ଏହି ଡକ୍ୟୁମେ□ାରୀରେ ନୟନତାରା ମୁଖ୍ୟ ଭୂମିକାରେ ଅଛନ୍ତି ଏବଂ ତାଙ୍କ ସ୍ୱାମୀ ବିଗ୍ନେଶ ଶିବନ ଏହାର ନିର୍ଦ୍ଦେଶନା ଦେଇଛନ୍ତି କିନ୍ତୁ ଏହି ଚଳଚ୍ଚିତ୍ରରେ ଧନୁଷ ତାଙ୍କ ଗୀତ ବ୍ୟବହାରକୁ ନେଇ ଅସନ୍ତୁଷ୍ଟ ଅଛନ୍ତି। ନୟନତାରା ନିଜ ଡକ୍ୟୁମେଣ୍ଟାରୀରେ ସାଉଥ୍ ମୁଭି 'ନାନୁମ ରାଓଡି ଧାମ' ଗୀତର କିଛି ଦୃଶ୍ୟ ବ୍ୟବହାର କରିଛନ୍ତି। ଏଥିରେ ଧନୁଷ ରାଗିଯାଇ ନୟନତାରାଙ୍କ ନାଁରେ ନୋଟିସ ପଠାଇବା ସହ ୧୦ କୋଟି ଦାବି କରିଛନ୍ତି।ଯାହାର ଜବାବ ଦେଇ ନୟନତାରା ନିଜ ଇନଷ୍ଟାରେ ୩ ପୃଷ୍ଠାର ଏକ ଚିଠି ପୋଷ୍ଟ କରିଛନ୍ତି। ସେ ଏହି ଖୋଲା ଚିଠିରେ ସ୍ପଷ୍ଟ ଭାବରେ ଲେଖିଛନ୍ତି ଯେ,''ନିକଟରେ ରିଲିଜ୍ ହୋଇଥିବା ନେଟଫ୍ଲିକ୍ସ ଡକ୍ୟୁମେ□ାରୀ 'ନୟନତାରା: ଓଣ୍ଡ ଦ ଫେୟରି ଟେଲ' ତିଆରି କରିବା ସମୟରେ ସେ ଧନୁଷଙ୍କଠାରୁ ତାଙ୍କ ୨୦୧୫ ଚଳଚ୍ଚିତ୍ର 'ନାନୁମ ରାଓଡି ଧାମ'ର କିଛି ଦୃଶ୍ୟ ବ୍ୟବହାର କରିବାକୁ ଅନୁମତି ମାଗିଥିଲେ। ହେଲେ ଏହାକୁ ଅନୁମତି ଦେଇ ନଥିଲେ ଧନୁଷ। ଏହାପରେ ଅଭିନେତ୍ରୀ କର୍ମଚାରୀଙ୍କ ଫୋନରେ ରେକର୍ଡ ହୋଇଥିବା କିଛି ଦୃଶ୍ୟକୁ 'ନୟନତାରା: ବିଅଣ୍ଡ୍ ଫେରି ଟେଲ୍'ରେ ରଖିଥିଲେ। ଏହା ଜାଣିବା ପରେ ଧନୁଷ, ନୟନଙ୍କୁ ୧୦କୋଟିର କପିରାଇଟ୍ ଲିଗାଲ ନୋଟିସ୍ ପଠାଇଥିଲେୟ ଏକ ସାକ୍ଷାତକାରରେ ଭିଗ୍ନେଶ କହିଛନ୍ତି,'' ଧନୁଷ ସାର୍ ମୋତେ ନୟନଙ୍କୁ କାହାଣୀ ବର୍ଣ୍ଣନା କରିବାକୁ କହିଥିଲେ। ସେ ଏହାକୁ ପସନ୍ଦ କରିଥିଲେୟ ଥରେ ସେ ବିମାନରେ ଆସିବା ପରେ ମୁଁ ଅଭିନେତା ବିଜୟ ସେଥୁପାଠୀଙ୍କୁ କାଷ୍ଟ କରିବାରେ ସକ୍ଷମ ହୋଇଥିଲି, ଯିଏ ପ୍ରଥମେ ଏହି ଚଳଚ୍ଚିତ୍ର କରିବାକୁ ଆଗ୍ରହୀ ନଥିଲେ। ସେ ସ୍କ୍ରିପ୍ଟ ବିଷୟରେ ଆତ୍ମବିଶ୍ୱାସୀ ନଥିଲେ। କିନ୍ତୁ ନୟନ କହିବା ପରେ ସେ ରାଜି ହୋଇଥିଲେ। ଏହି ଚଳଚ୍ଚିତ୍ର ମୋତେ ତାଙ୍କ ସହିତ ବହୁତ ସମୟ ବିତାଇବାକୁ ଏକ ଉପାୟ ଦେଇଥିଲା।'' ବିଗ୍ନେଶ ଉଭୟ ଚଳଚ୍ଚିତ୍ରର ଲେଖକ ଏବଂ ନିର୍ଦ୍ଦେଶକ ଥିଲେ।ନଭେମ୍ବର ୧୮ ରେ ନୟନତାରାଙ୍କ ଜନ୍ମଦିନରେ ଏହି ନେଟଫ୍ଲିକ୍ସ ଡକ୍ୟୁମେଣ୍ଟାରୀ ମୁକ୍ତିଲାଭ କରିବ।

## ପ୍ରତିଦିନ କେତେ ପ୍ରୋଟିନ୍ ଖାଇବା ଉଚିତ

ଉତ୍ତମ ସ୍ୱାସ୍ଥ୍ୟ ପାଇଁ, କେବଳ ପୁଷ୍ଟିକର ଖାଦ୍ୟ ନୁହେଁ, ଆମକୁ ଏହା ସହିତ ପ୍ରୋଟିନ୍ ମଧ୍ୟ ନେବାକୁ ପଡିବ। ଆମ ଶରୀର ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରର ମାଂସପେଶୀ ସହିତ କୋଷର ବିକାଶ ପାଇଁ ପ୍ରୋଟିନ୍ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହାକୁ ସଠିକ୍ ପରିମାଣରେ ନେବା ଆବଶ୍ୟକ କାରଣ କିଛି ଲୋକ ଏହାକୁ ବହୁ ପରିମାଣରେ ଖାଇଥା'ନ୍ତି । ଯାହା ଆମ ଶରୀର ପାଇଁ କ୍ଷତିକାରକ । ତେବେ ଚାଲନ୍ତୁ ଜାଣିବା ଗୋଟିଏ ଦିନରେ କେତେ ପ୍ରୋଟିନ୍ ଖାଇବା ଉଚିତ:




- ବିଶେଷଜ୍ଞଙ୍କ ଅନୁଯାୟୀ, ଶରୀରରେ ଥିବା ପ୍ରୋଟିନ୍ ଆମର ନୂତନ କୋଷଗୁଡ଼ିକର ବୃଦ୍ଧିରେ ସାହାଯ୍ୟ କରେ। ତେଣୁ, ଯେଉଁମାନେ କଠିନ ପରିଶ୍ରମ କରନ୍ତି ନାହିଁ, ସେମାନେ ନିଜ ଶରୀରର ପ୍ରତ୍ୟେକ କିଲୋ ଓଜନ ପାଇଁ ପ୍ରତିଦିନ ୦.୭୫ ଗ୍ରାମ ପ୍ରୋଟିନ୍ ନେବା ଉଚିତ।
- ପ୍ରତିଦିନ ଜଣେ ପୁରୁଷକୁ ଅତି କମରେ ୫୫ ଗ୍ରାମ୍ ଏବଂ ମହିଳାକୁ ୪୫ ଗ୍ରାମ ପ୍ରୋଟିନ୍ ନିଜ ଖାଦ୍ୟରେ ସାମିଲ କରିବା ଉଚିତ।
- ଜଣେ ବ୍ୟକ୍ତିର ଗୋଟିଏ ଦିନରେ ମୋଟ କ୍ୟାଲୋରୀର ୨୦ ରୁ ୩୫ ପ୍ରତିଶତ ପ୍ରୋଟିନ୍ ରହିବା ଉଚିତ।
- ବୃଦ୍ଧମାନଙ୍କୁ ଅଧିକ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ, କାରଣ ମଣିଷ ଶରୀରର ମାଂସପେଶୀ ବୃଦ୍ଧ ହେବା ସହିତ ଦୁର୍ବଳ ହେବାକୁ ଲାଗିଥାଏ। ଅନୁସନ୍ଧାନ ଅନୁଯାୟୀ, ବୃଦ୍ଧମାନଙ୍କୁ ଶରୀରର ଓଜନ ଅନୁଯାୟୀ କିଲୋଗ୍ରାମ ପ୍ରତି ୧.୨ ଗ୍ରାମ ପ୍ରୋଟିନ୍ ଗ୍ରହଣ କରିବା ଉଚିତ।

ପ୍ରୋଟିନ୍ କମ୍ ହେବାର ଲକ୍ଷଣ :ଯେତେବେଳେ ଶରୀରରେ ପ୍ରୋଟିନ୍ କମ୍ ହୋଇଥାଏ, ସେତେବେଳେ ଆମେ ଏନର୍ଜୀ କମ୍ ଅନୁଭବ କରିଥାଉ। ଆମେ ଶୀଘ୍ର କ୍ଲାନ୍ତ ଅନୁଭବ କରିଥାଉ । ଏହି ସମୟ ମଧ୍ୟରେ ମଣିଷର କେଶ ମଧ୍ୟ ଝଡିବା ଆରମ୍ଭ କରେ। ଏହା ବ୍ୟତୀତ ନଖ ଦୁର୍ବଳ ହେବା, ଓଜନ ହ୍ରାସ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟା ହୋଇଥାଏ।

## ସୁସ୍ଥ ରହିବା ପାଇଁ ସକାଳୁ ପିଅନ୍ତୁ ପୁଦିନା ସରବତ

ଏକ ଭଲ ଦିନର ଆରମ୍ଭ ଏକ ଭଲ ସକାଳରୁ ହିଁ ହୋଇଥାଏ। ଆପଣ ସକାଳ ସମୟରେ କ'ଣ ଖାଉଛନ୍ତି ଓ କ'ଣ ପିଉଛନ୍ତି ତାହା ଆପଣଙ୍କ ଶରୀର ଉପରେ ବିଶେଷ ଭାବେ ପ୍ରଭାବ ପକାଇଥାଏ। ରାତିରେ ଆମେ ଦୀର୍ଘ ସମୟ ଧରି ଶୋଇ ରହୁଥିବା କାରଣରୁ ଶରୀରକୁ ଖାଦ୍ୟ, ପାନୀୟ ଠିକ୍ ଭାବେ ମିଳିପାରେ ନାହିଁ। ସକାଳୁ ଉଠିବା ପରେ ଆମ ଦେହ ଶୁଷ୍କ ହୋଇ ଯାଇଥାଏ। ଶରୀରରେ ଜଳୀୟ ଅଂଶ କମ୍ ହୋଇଥାଏ। ଏହି କାରଣରୁ ଆମକୁ ସକାଳ ପାନୀୟ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ, ଚାଲନ୍ତୁ ଜାଣିବା ନିଜକୁ ସୁସ୍ଥ ରଖିବା ପାଇଁ ଆମକୁ କ'ଣ କ'ଣ କରିବାକୁ ପଡ଼ିଥାଏ। ଖରାଦିନେ ବିଭିନ୍ନ ସ୍ଥାନରେ ଆଖୁ ରସ ବିକ୍ରି ହେଉଥାଏ। ସକାଳ ସମୟରେ ଯଦି ପାରୁଛନ୍ତି ଆଖୁ ରସରୁ ଗୋଟାଏ ଗ୍ଲାସ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ। କେବଳ ଆଖୁ ରସ ନୁହେଁ, ଆପଣ ପଇଡ଼ ମଧ୍ୟ ପିଇପାରିବେ। ଆପଣ ଭାବିପାରନ୍ତି ଯେ ପଇଡ଼ ହେଉଛି ସକାଳ ସମୟର ସବୁଠାରୁ ଭଲ ପାନୀୟ। ସକାଳ ସମୟରେ ଲେମ୍ବୁ ପାଣି ପିଇବା ଖୁବ୍ ଉପକାରୀ ହୋଇଥାଏ। ମାତ୍ର ମନେ ରଖନ୍ତୁ କେବେ ବି ଲେମ୍ବୁ ପାଣି ଖାଲି ପେଟରେ ପିଇବେ ନାହିଁ। ଲେମ୍ବୁ ପାଣି ପିଇବା ପୂର୍ବରୁ ଆପଣ ସକାଳ ଜଳଖିଆ କରି ସାରିଥିବା ଆବଶ୍ୟକ। ଏହାବ୍ୟତୀତ ବିଟ୍, ଗାଜର, ପୋଦିନା ଓ କଲରା ଆଦିର ରସ ମଧ୍ୟ ସକାଳୁ ପିଇବା ଅତ୍ୟନ୍ତ ଭଲ ହୋଇଥାଏ।



# ହୃଦଘାତର ଆଶଙ୍କା କମାଏ ଆଭୋକାଡୋ, ଡାଏଟରେ କରିପାରିବେ ସାମିଲ୍



ସୁସ୍ଥ ରହିବା ପାଇଁ ସନ୍ତୁଳିତ ଆହାର ଜରୁରି । ସେଥିପାଇଁ ଖାଦ୍ୟରେ ବିଭିନ୍ନ ପ୍ରକାରର ଫଳ ଓ ପନିପରିବାକୁ ସାମିଲ୍ କରିବାକୁ କୁହାଯାଇଥାଏ । ପ୍ରତ୍ୟେକ ଫଳର କିଛି ନା କିଛି ବିଶେଷତ୍ୱ ରହିଥାଏ, ଯଦ୍ୱାରା ଏହା ଲୋକମାନେ ଏହାକୁ ପସନ୍ଦ କରିଥାନ୍ତି । ସେମିତି ଏକ ଫଳ ହେଉଛି ଆଭୋକାଡୋ, ଯାହା ଶରୀର ପାଇଁ ଖୁବ୍ ଲାଭଦାୟକ । ଏହା ପୋଷକତତ୍ୱ□ରେ ଭରା, ଯାହା ପାଚନ ତନ୍ତ୍ରଠାରୁ ଆରମ୍ଭ କରି ମଧୁମେହ ଓ ହୃଦ୍ଘାତ ତଥା ମସ୍ତିଷ୍କ ପାଇଁ ମଧ୍ୟ ବେଶ ଉପକାରୀ । ଚାଲନ୍ତୁ ଜାଣିବା ଆଭୋକାଡୋ ଶରୀରକୁ କେତେ ସୁସ୍ଥ ରଖିଥାଏ।

**ସୁସ୍ଥ ରଖେ ହୃଦୟ**

ଆଭୋକାଡୋ ଲିପଡ୍ ପ୍ରୋଫାଇଲରେ ସୁଧାର ଆଣିବା ସହ ହୃଦୟକୁ ସୁରକ୍ଷାତ୍ମକ ବଳୟ ଦେଇଥାଏ । ନିୟମିତ ୫ ସପ୍ତାହ ଆଭୋକାଡୋ ଖାଇବା ଦ୍ୱାରା ବଢିଥିବା ଲିପିଡ୍ ପ୍ରୋଫାଇଲ୍ସ୍ତରକୁ କମ୍ କରାଯାଇପାରେ। ଟ୍ରାଇଗ୍ଲିସରାଇଡସ୍ ଏବଂ ଏଲଡିଏଲ୍କୁ କମ୍ କରି ଏଚଡିଏଲ୍କୁ ବଢାଇଥାଏ ।

**ଶର୍କରାସ୍ତରକୁ ନିୟନ୍ତ୍ରିତ ରଖେ**

ଡାଏଟରେ ଆଭୋକାଡୋକୁ ସାମିଲ୍ କରିବା ଦ୍ୱାରା ରକ୍ତରେ ଶର୍କରା ସ୍ତର ଅଧିକ ବଢି ନଥାଏ । ଦିନକୁ ଅଧା ଆଭୋକାଡୋ ଖାଇବା ଦ୍ୱାରା ଶର୍କରାର ବୃଦ୍ଧିକୁ ନିୟନ୍ତ୍ରିତ କରାଯାଇପାରିବ।ନିୟମିତ ଖାଇବା ଦ୍ୱାରା ଏହା ପେଟର ଚର୍ବି ଓ ଅନ୍ତଃନଳୀରେ ଜମୁଥିବା ଚର୍ବିକୁ ମଧ୍ୟ କମ୍ କରିଥାଏ । ଅନ୍ତଃନଳୀରେ ଜମୁଥିବା ଚର୍ବି ମଧୁମେହର କାରଣ ସାଜିଥାଏ ।

**ଶରୀରରେ ପୋଷକ ତ□ର ଅଭାବକୁ ଦୂରାଏ**

ଅନ୍ୟାନ୍ୟ ସମସ୍ତ ଖାଦ୍ୟ ଅପେକ୍ଷା ଆଭୋକାଡୋ ଅଧିକ ଆଣ୍ଟି ଅକ୍ସିଡାଣ୍ଟ ଅବଶୋଷଣ କରିଥାଏ । ଆଭୋକାଡ୍ ସହ ଟମାଟୋ ସସ୍ ଓ ଗାଇଜର ମିଶାଇ ଖାଇବା ଦ୍ୱାରା ଭିଟାମିନ୍ଏ'ର ଅବଶୋଷଣ ବଢିଥାଏ, ଯାହା ଚର୍ମ, ଦୃଷ୍ଟିଶକ୍ତି ଓ ରୋଗ ପ୍ରତିରୋଧକ ଶକ୍ତିପାଇଁ ମହ□ତପୂର୍ଣ୍ଣ।



## ଛଚିନ୍ଦ୍ରା ଖାଉଛନ୍ତି କି ? ଏହି ସବୁ ରୋଗରୁ ମିଳିବ ମୁକ୍ତି

ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ଏତେ ଲାଭଦାୟକ ଯେ ଏହାକୁ ଖାଇବା ଦ୍ୱାରା ଆପଣ ଅନେକ ଗମ୍ଭୀର ରୋଗରୁ ମୁକ୍ତି ପାଇପାରିବେ। ତେବେ ଆସନ୍ତୁ ଆଜି ଛଚିନ୍ଦ୍ରାର ପୁଷ୍ଟିକର ଗୁଣ ଏବଂ ଏହାର ଉପକାରିତା ବିଷୟରେ ଜାଣିନେବା। ଶରୀରକୁ ଫିଟ୍ ଏବଂ ସୁସ୍ଥ ରଖିବା ପାଇଁ ପନିପରିବା ଖାଇବା ବେଶ୍ ଗୁରୁତ୍ୱପୂର୍ଣ୍ଣ । ପନିପରିବା ମଧ୍ୟରେ ଅନ୍ୟତମ ଛଚିନ୍ଦ୍ରା । ଏଥିରେ ରହିଥାଏ ପୋଷକ ତ□, ଯାହା ଆମ ଶରୀରକୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ଛଚିନ୍ଦ୍ରା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ । ଛଚିନ୍ଦ୍ରାରେ ପ୍ରଚୁର ପରିମାଣର ପ୍ରୋଟିନ୍ ଏବଂ ଫାଇବର ଥାଏ, ଯାହା ଶରୀରକୁ ଫିଟ୍ ରଖିବାରେ ସାହାଯ୍ୟ କରିଥାଏ। ଛଚିନ୍ଦ୍ରାରେ ଏତେ ପରିମାଣର କ୍ୟାଲ୍ସିୟମ୍ ଥାଏ ଯେ ଏହା ଆମ ହାଡ ଏବଂ ଦାନ୍ତକୁ ଶକ୍ତିଶାଳୀ କରିପାରେ । ମଧୁମେହ ରୋଗୀଙ୍କ ପାଇଁ ଛଚିନ୍ଦ୍ରା ବେଶ୍ ଲାଭଦାୟକ ।ମଧୁମେହ ରୋଗୀମାନେ ଏହାକୁ ଖାଇବା ଦ୍ୱାରା ସେମାନଙ୍କ ରକ୍ତରେ ଶର୍କରା ବୃଦ୍ଧି ହୁଏନାହିଁ। ଏଥିରେ ମଧୁମେହକୁ ନିୟନ୍ତ୍ରଣ କରିବାରେ ବେଶ୍ ସହାୟକ ହୋଇଥାଏ । ଛଚିନ୍ଦ୍ରା ରୋଗ ପ୍ରତିରୋଧକ ଶକ୍ତି ବଢାଇ ଥାଏୟ ଏଥିରେ ଆୟୋଡିନ୍ ରହିଥାଏ, ଯାହା ପ୍ରତିରକ୍ଷା ପ୍ରଣାଳିକୁ ବୃଦ୍ଧି କରିବା ସହ ଥାଇରଏଡ୍ ପରି ରୋଗକୁ ରୋକିବାରେ ବେଶ୍ ସହାୟକ ହୋଇଥାଏ । ଏହାବ୍ୟତୀତ ଛଚିନ୍ଦ୍ରା ହଜମ ପ୍ରକ୍ରିୟାକୁ ଠିକ କରିପାରିବାରେ ସହାୟକ ହୋଇଥାଏ ।ଛଚିନ୍ଦ୍ରା ଖାଇବା ଦ୍ୱାରା କିଡ୍ନୀ ରୋଗର ଆଶଙ୍କା କମ୍ ହୋଇଥାଏ ।ଏହା ଆମ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ଏହାବ୍ୟତୀତ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଛଚିନ୍ଦ୍ରା ଅତ୍ୟନ୍ତ ଲାଭଦାୟକ। ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏୟ ଏହି ପନିପରିବା ହୃଦ୍ଘାତରେ ପୀଡିତ ଲୋକଙ୍କ ପାଇଁ ମଧ୍ୟ ଲାଭଦାୟକ। ଛଚିନ୍ଦ୍ରା ଖାଇବା ଦ୍ୱାରା ଲୋକଙ୍କ ନିଦ୍ରା ସମସ୍ୟା ମଧ୍ୟ ଦୂର ହୋଇଥାଏ । ଏଥିରେ ଭିଟାମିନ୍ ଇ୬ ଭରପୂର ରହିଥାଏ । ଏହା ଆପଣଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ୍ୟ ମଜବୁତ କରିପାରେ।



ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ସମାରୋହ

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ମଣିଷ ଜୀବନରେ ସ୍ୱାଧୀନତାର ବିଶେଷ ଗୁରୁତ୍ୱ ରହିଛି। ସ୍ୱାଧୀନତାର ସହ ବଞ୍ଚିଲେ ମଣିଷ ଜୀବନର ପ୍ରକୃତ ଆନନ୍ଦ ଲାଭ କରିପାରିବ। ତେବେ ଦାୟିତ୍ୱ ବିନା ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ। ନିରଙ୍କୁଶ ସ୍ୱାଧୀନତା ଭିତରେ ବି ଦାୟିତ୍ୱବୋଧ ଥାଏ। ଅନୁରୂପ ଭାବେ ଗଣମାଧ୍ୟମ ପାଇଁ ସ୍ୱାଧୀନତା ଯେତିକି ଜରୁରୀ, ଦାୟିତ୍ୱବୋଧତା ମଧ୍ୟ ସମପରିମାଣରେ ଆବଶ୍ୟକ ବୋଲି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଓଡ଼ିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଛନ୍ତି।

ଭୁବନେଶ୍ୱରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ମିଶ୍ର କହିଛନ୍ତି, ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ ସ୍ୱାଧୀନତାର ଜରୁରୀ ଆବଶ୍ୟକତା ଉପରେ ଦାର୍ଶନିକମାନେ ଆଲୋକପାତ କରିଛନ୍ତି। 'ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ' ଶୀର୍ଷକ ବିଷୟବସ୍ତୁ ଉପରେ ଅଭିଭାଷଣ ରଖି ସେ କହିଛନ୍ତି, ଗଣମାଧ୍ୟମ ପାଇଁ ମଧ୍ୟ ସ୍ୱାଧୀନତା ଜରୁରୀ। ତେବେ ଗଣମାଧ୍ୟମ ସରକାରଙ୍କ ସହ ରହିବା ଦରକାର ବୋଲି ସେ ନିବେଦନ କରିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି,



ସରକାର ହେଉଛନ୍ତି ଜନସାଧାରଣଙ୍କ ଆଶା ଓ ଭରସାର ପ୍ରତୀକ। ତେଣୁ ଗଣମାଧ୍ୟମ ସରକାରଙ୍କ ସହ ରହି ମଧ୍ୟ ପରିବର୍ତ୍ତନର ବାହକ ହେବା ଆବଶ୍ୟକ। ସବୁ ସରକାରୀ କର୍ମଚାରୀ ଏବଂ ଗଣମାଧ୍ୟମ ଜନସାଧାରଣଙ୍କ ଆଶାଆକାଂକ୍ଷାକୁ ପୂରଣ କରିବା ପାଇଁ କାମ କରିଥା'ନ୍ତି ବୋଲି ଶ୍ରୀ ମିଶ୍ର କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ କହିଥିଲେ, ବିଗତ ଦଶନ୍ଧିରେ ଗଣମାଧ୍ୟମ ପରିଦୃଶ୍ୟରେ ଅନେକ ପରିବର୍ତ୍ତନ ଆଣିଛି। ମୁଦ୍ରିତ ଗଣମାଧ୍ୟମର କ୍ରମବିକାଶ ସହିତ ବୈଦ୍ୟୁତିକ ଗଣମାଧ୍ୟମର ଉଦ୍ଭବ ହୋଇଛି ଏବଂ ବର୍ତ୍ତମାନ ଆମେ ସମସ୍ତେ ଡିଜିଟାଲ ମିଡିଆର ଯୁଗରେ ପହଞ୍ଚିଛୁ। ଫଳରେ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ପରିବର୍ତ୍ତିତ ସମୟ ସହିତ ତାଳ ଦେଇ ବଦଳିବାକୁ ପଡ଼ିଛି। ସ୍ୱାଧୀନତା ପୂର୍ବ ଏବଂ ପରବର୍ତ୍ତୀ ସମୟ ତୁଳନାରେ ବର୍ତ୍ତମାନ ଗଣମାଧ୍ୟମର ଆକାର, ପ୍ରକୃତି ତଥା ପରିସର ବଦଳିଛି ଓ ବ୍ୟାପକ ହୋଇଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ଭାରତୀୟ ଗଣତନ୍ତ୍ରରେ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ମତ ରଖିଥିଲେ। ସେ କହିଥିଲେ ସମ୍ବିଧାନ ଭାରତୀୟ ଗଣତନ୍ତ୍ରର ମୂଳପିଣ୍ଡ ଏବଂ ଏଥିରେ ସ୍ୱାଧୀନ ଭାବେ ମତ ରଖିବାର ଅଧିକାର ଉପରେ ଗୁରୁତ୍ୱାରୋପ କରାଯାଇଛି। ଏହା ଜରିଆରେ ଗଣମାଧ୍ୟମକୁ ବି ସ୍ୱାଧୀନତା ମିଳିଛି। କାର୍ଯ୍ୟକ୍ରମରେ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ୨୧ରୁ ଭୁବନେଶ୍ୱରରେ ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଓଡ଼ିଶା ପ୍ଲାଷ୍ଟ

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ଶିଳ୍ପ ରାଜ୍ୟ ମଧ୍ୟରୁ ଓଡିଶା ପ୍ଲାଷ୍ଟିକ୍ ଏବଂ ପ୍ୟାକେଜିଂ ଶିଳ୍ପ ପାଇଁ ଏକ ଅଗ୍ରଣୀକେନ୍ଦ୍ରରେପରିଣତହେବାକୁଯାଉଛି, ଯାହା ପ୍ରଚୁର ଉତ୍ସ, ରଣନୀତିକ ସ୍ଥାନ, ସରକାରୀ ସହାୟତା ଏବଂ ଘରୋଇ ଚାହିଦା ବୃଦ୍ଧି ଦ୍ୱାରା ପରିଚାଳିତ ଆଗାମୀଏକ୍ସପୋ'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୪' ଓ 'ଓଡ଼ିଶା ପ୍ଲାଷ୍ଟ-୨୦୨୪'ର ଶୁଭାରମ୍ଭ କରି ଓଏଏସ୍ଏମ୍ଇର ଅଧ୍ୟକ୍ଷ ଗୌରୀଶଙ୍କର ଦାଶ କହିଛନ୍ତି, ପ୍ଲାଷ୍ଟିକ୍ ଓ ପ୍ୟାକେଜିଂକ୍ଷେତ୍ରରେ ଓଡ଼ିଶାର ସମ୍ଭାବନା ବ୍ୟବସାୟ, ନିବେଶକ ଓ ନିଯୁକ୍ତି ସୃଷ୍ଟିକାରୀଙ୍କ ପାଇଁ ଆକର୍ଷଣୀୟ ସୁଯୋଗସୃଷ୍ଟି କରିଛି। ଏ ସବୁସୁବିଧାରଉପଯୋଗକରି ଆହ୍ୱାନର ମୁକାବିଲା କରି ଆଗାମୀ ଦିନରେ ମୁଦ୍ରଣ ଓ ପ୍ଲାଷ୍ଟିକ ଶିଳ୍ପରେ ଓଡ଼ିଶାଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଏହି ଶିଳ୍ପ ଗୁଡ଼ିକର ସାମର୍ଥ୍ୟକୁ ଦୃଷ୍ଟିରେ ରଖି ଓଡ଼ିଶା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ସଭା (ଓଏଏସ୍ଏମ୍ଇ) ଓ ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ର ମିଳିତ ଆନୁକୂଲ୍ୟରେ ଆସନ୍ତା ନଭେମ୍ବର ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଜନତା ମଇଦାନରେ 'ପ୍ରୋପ୍ୟାକ୍ ଓଡ଼ିଶା-୨୦୨୪' ଓ 'ଓଡ଼ିଶା ପ୍ଲାଷ୍ଟ-୨୦୨୪'ହେବାକୁ ଯାଉଛି। ଏହି ଏକ୍ସପୋ ଉପରେ ବର୍ଣ୍ଣନା କରି ଓଏଏସ୍ଏମ୍ଇର ମହାସଚିବ ସ୍ୱାସ୍ତିକ ସ୍ୱାଇଁ କହିଛନ୍ତି ଯେ୪ ଦିନ ଧରି ଚାଲିବାକୁ ଥିବା ଏହି ତୃତୀୟ ଏକ୍ସପୋରେ ମୁଖ୍ୟତଃ ପ୍ଲାଷ୍ଟିକ, ପ୍ରିଣ୍ଟିଂ, ପ୍ୟାକେଜିଂ, କନଭର୍ଟିଂ ଏବଂ ଫୁଡ୍ ପ୍ରୋସେସିଂ ଇଣ୍ଡଷ୍ଟ୍ରି ଉପରେ ଗୁରୁତ୍ୱ ଦିଆଯିବ। ଓଡ଼ିଶାରେ ଏହି ସବୁ କ୍ଷେତ୍ରପାଇଁ ବିପୁଳ ସୁଯୋଗ ଓ ସମୃଦ୍ଧ ଭବିଷ୍ୟତ ରହିଛି। ୨୦୨୩ର ଦ୍ୱିତୀୟ ସଂସ୍କରଣକୁ ଏହାର ୨୦୦+ ପ୍ରଦର୍ଶକ ଏବଂ ୫୦୦୦୦+ ପର୍ଯ୍ୟଟକଙ୍କ ଠାରୁ ବିପୁଳ ପ୍ରତିକ୍ରିୟା ମିଳିଥିଲା।

# ସଚିବାଳୟରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍



**ଭୁବନେଶ୍ୱର,୧୭।୧୧ (ମହାଭାରତ):** ମହିଳା କର୍ମଚାରୀମାନଙ୍କ ଉପଯୋଗ ନିମନ୍ତେ ରାଜ୍ୟ ସଚିବାଳୟ ବା ଲୋକସେବା ଭବନରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଓ ସାନିଟାରୀ ନାପକିନ୍ ଡିସପୋଜେବଲ ମେସିନ୍ ସ୍ଥାପନ କରାଯାଇଛି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସାନିଟାରୀ ଭେଣ୍ଡିଂ ମେସିନକୁ ସ୍ଥାପନକୁ ଉଦଘାଟନ କରିବା ସହ ମହିଳାମାନଙ୍କ ପାଇଁ ସ୍ୱଚ୍ଛତା ଓ ସହାୟକ କର୍ମକ୍ଷେତ୍ର ସୃଷ୍ଟି ଦିଗରେ ଏକ ପ୍ରଗତିଶୀଳ ପଦକ୍ଷେପ ବୋଲି କହିଛନ୍ତି। ଲୋକସେବା ଭବନର ମହିଳା ଶୌଚାଳୟ କମ୍ପ୍ଲେକ୍ସ ଓ ଲେଡିଜ୍ କମନରୁମ୍ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଏହି ମେସିନ୍ ଲଗାଯାଇଛି। ଖୁବଶୀଘ୍ର ସଚିବାଳୟ ବିଲିଡିଂର ସମସ୍ତ ମହିଳା ଶୌଚାଳୟରେ ଏହି ସୁବିଧା ଉପଲବ୍ଧ ହେବ। ଅଭିଯୋଗ ସମାଧାନ ପାଇଁ ଲୋକସେବା ଭବନକୁ ଆସୁଥିବା ମହିଳାମାନେ ମଧ୍ୟ ଏହି ସୁବିଧାକୁ ଉପଯୋଗ କରିପାରିବେ। ଶ୍ରୀମତୀ ପରିଡ଼ା ଲୋକସେବା ଭବନ ପରିସରରେ ଛୋଟ ପିଲାମାନଙ୍କ ପାଇଁ ଥିବା କ୍ରେଚ୍ ପରିଦର୍ଶନ ମଧ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ, ନଗର ଉନ୍ନୟନ ସଚିବ ଉଷା ପାଢ଼ୀ, ମହିଳା ଓ ଶିଶୁବିକାଶ ସଚିବ ଶୁଭା ଶର୍ମା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ ପ୍ରେସ୍ ଦିବସ

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ରାଜ୍ୟର ସାମ୍ବାଦିକମାନଙ୍କ ପାଇଁ ଓଡ଼ିଶାରେ ପେନସନ ଯୋଜନା ଲାଗୁ କରିବାକୁ ରାଜ୍ୟପାଳଙ୍କୁ ସରକାର ପ୍ରସ୍ତାବ ଦେଲେ ତାହା କାର୍ଯ୍ୟକାରୀ କରାଯିବ। ଆସନ୍ତା ବର୍ଷ ଜାତୀୟ ପ୍ରେସ୍ ଦିବସ ପୂର୍ବରୁ ଏହି ବ୍ୟବସ୍ଥା ଲାଗୁ ହେବା ଦିଗରେ ପ୍ରଚେଷ୍ଟା ହେବ। ଏଥିସହିତ ପ୍ରତି ଜିଲ୍ଲାରେ ଝାଡ଼ଖଣ୍ଡ ପ୍ରଦେଶ ଢାଞ୍ଚାରେ ପ୍ରେସ୍ କ୍ଲବ ନିର୍ମାଣ ପାଇଁ ଓଡ଼ିଶା ସରକାର ଆସନ୍ତା ୫ ବର୍ଷରେ ଧ୍ୟାନ ଦେବେ ବୋଲି ରାଜ୍ୟପାଳ ରଘୁବର ଦାସ ସୂଚନା ଦେଇଛନ୍ତି।




ସ୍ଥାନୀୟ ଜୟଦେବ ଭବନଠାରେ ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ ଆନୁକୂଲ୍ୟରେ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସରେ ମୁଖ୍ୟଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଶ୍ରୀ ଦାସ ଚଳିତ ବର୍ଷ ରାଜ୍ୟର ୩୩ଜଣଙ୍କୁ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ କରାଯିବା ସହିତ ୭ଜଣ ବରିଷ୍ଠ ସାମ୍ବାଦିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରିଥିଲେ। ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ,ଡିଜିଟାଲ ମିଡ଼ିଆ ଯୁଗରେ ସାମ୍ବାଦିକର ବୃତ୍ତିଗତ ପରିବର୍ତ୍ତନ ହୋଇଛି। ଆଜି ସାମାଜିକ ସ୍ଥିତି ବଦଳିଛି ଏବଂ ଗଣମାଧ୍ୟମର ଦାୟିତ୍ୱ ମଧ୍ୟ ବଢିଛି। ସାମ୍ବାଦିକମାନେ ବିଭ୍ରାନ୍ତିକର ଖବର ଛାପିବା ପରିବର୍ତ୍ତେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସମସ୍ୟା ଉପସ୍ଥାପନା କରିବା ସହ ଏହାର ସମାଧାନର ସୂତ୍ର ବାହାର କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ 'ଉତ୍କଳ ଦୀପିକା' ସମ୍ବାଦପତ୍ରର ଉଦାହରଣ ଦେଇ ସାମ୍ବାଦିକମାନେ ନିର୍ଭୀକ, ନିରପେକ୍ଷ ହେବା ପାଇଁ ପରାମର୍ଶ ଦେଇଥିଲେ। ଭୁବନେଶ୍ୱରଠାରେ ଏକ ସାମ୍ବାଦିକ ଭବନ ନିର୍ମାଣ କ୍ଷେତ୍ରରେ ଉଦ୍ୟମ ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ସ୍ୱୀକୃତି ଦେଉଛନ୍ତି ବୋଲି ବାଚସ୍ପତି ଶ୍ରୀମତୀ ପାଢୀ କହିଥିଲେ। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦୀପକ ମାଲବ୍ୟ କହିଥିଲେ ଯେ, ସାମ୍ବାଦିକ ୨୪ ଘଣ୍ଟା କାର୍ଯ୍ୟ କରେ। ତେଣୁ ଏମାନଙ୍କର ଦାୟିତ୍ୱ ଅନ୍ୟାନ୍ୟ ବୃତ୍ତି ଠାରୁ ଭିନ୍ନ ଏବଂ ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକତା ଜନତାର ସେବକ ବୃତ୍ତି ଏବଂ ଜନତାର ସ୍ୱର ବୋଲି କହି ସାମ୍ବାଦିକମାନଙ୍କୁ ପେନସନ ପ୍ରଦାନ କ୍ଷେତ୍ରରେ ଏକ ବୋର୍ଡ଼ ଗଠନ କରି ଏହି ବୋର୍ଡ଼ରେ କିଛି ପାଣ୍ଠି ରଖି ପେନସନ ଦିଆଯିବା ପାଇଁ ପ୍ରସ୍ତାବ ଦେଇଥିଲେ। ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡ଼ର ସଭାପତି ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରାରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ସନତ ମିଶ୍ର ଦେଶରେ ସାମ୍ବାଦିକମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ପ୍ରତ୍ୟେକ ରାଜ୍ୟରେ ସାମ୍ବାଦିକ କଲ୍ୟାଣ ଭବନ ନିର୍ମାଣ ହେବା ଉଚିତ୍ ବୋଲି କହିଥିଲେ। ବୋର୍ଡ଼ର ଉପସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଦୈନିକ ସମ୍ବାଦପତ୍ର 'ସତ୍ୟର ସ୍ୱର ନିର୍ଭୟ'ର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ନବୀନ ଦାସଙ୍କୁ 'ଉତ୍କଳ ସାମ୍ବାଦିକ ରତ୍ନ ସମ୍ମାନ-୨୦୨୪' ପ୍ରଦାନ କରାଯିବା ସହିତ ରାଜ୍ୟ ବାହାରର ୭ଜଣ ବରିଷ୍ଠ ସାମ୍ବାଦିକଙ୍କୁ 'ରାଷ୍ଟ୍ରୀୟ ସାମ୍ବାଦିକ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

# ପ୍ରତି ପଞ୍ଚାୟତରେ ଖୋଲିବ କ୍ଷୀର ଧାରା କେନ୍ଦ୍ର

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ରାଜ୍ୟର ପ୍ରତି ପଞ୍ଚାୟତରେ ଖୋଲିବ କ୍ଷୀର ଧାରା କେନ୍ଦ୍ର। ଚାଷୀମାନେ ସେଠାରେ କ୍ଷୀର ବିକ୍ରି କରିପାରିବେ। ଓମଫେଡ୍ ସମୀକ୍ଷା ବୈଠକ ପରେ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହି ସୂଚନା ଦେଇଛନ୍ତି।

ଶ୍ରୀ ମଲ୍ଲିକ କହିଛନ୍ତି, ଲୋକଙ୍କ ଚାହିଦା ଦେଖି ବିଭିନ୍ନ ସ୍ଥାନରେ ଓମଫେଡ୍ ପାର୍ଲର ଖୋଲାଯିବ। ଏହାଛଡ଼ା ପ୍ରତି ପଞ୍ଚାୟତରେ କ୍ଷୀରଧାରା କେନ୍ଦ୍ର ଖୋଲାଯିବ। ଚାଷୀମାନେ ସେଠାରେ କ୍ଷୀର ବିକ୍ରି କରିପାରିବେ। ଚାଷୀଙ୍କ ପାଖକୁ ଡିବିଟି ମାଧ୍ୟମରେ ଟଙ୍କା ଟ୍ରାନ୍ସଫର କରାଯିବ। ଅତି ଆବଶ୍ୟକ ଥିବା ସ୍ଥାନରେ ବର୍ତ୍ତମାନ ସୁଦ୍ଧା ୨୦ଟି କ୍ଷୀରଧାରା କେନ୍ଦ୍ର ଖୋଲା ସରିଲାଣି। ମାସେ ଭିତରେ ଆଉ ୨୭ରୁ ୨୮ଟି କ୍ଷୀରଧାରା କେନ୍ଦ୍ର ଖୋଲିବା ପାଇଁ ବ୍ୟବସ୍ଥା କରିଛୁ ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ଶ୍ରୀମନ୍ଦିରକୁ




ଓମଫେଡ୍ ଘିଅ ଯୋଗାଇ ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଚିଠି କରିଥିଲେ। ତା'ପରେ ଓମଫେଡ୍ ଘିଅ ଯୋଗାଣ ଆରମ୍ଭ କରିଛି। ହୋଲସେଲ ଦରରେ ଆମେ ଘିଅ ଯୋଗାଇଦେବୁ। ଶ୍ରୀମନ୍ଦିର ପାଇଁ ପ୍ରତିଦିନ ୪ ଟନ୍‌ରୁ ଅଧିକ ଘିଅର ଆବଶ୍ୟକତା ରହିଛି। ଓମଫେଡ୍ କେବଳ ଅରିଲୋ ପ୍ଲାଣ୍ଟରେ ପ୍ରତିଦିନ ୮ ଟନରୁ ଅଧିକ ଘିଅ ଉତ୍ପାଦନ କରିବାର ବ୍ୟବସ୍ଥା ରହିଛି। ଏହାଛଡ଼ା ରାଜ୍ୟର ଅନ୍ୟ ପ୍ଲାଣ୍ଟରେ ମଧ୍ୟ ଘିଅ ଉତ୍ପାଦନ ହେଉଛି ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ରାଜ୍ୟର ବିଭିନ୍ନ ମନ୍ଦିରରେ ଓମଫେଡ୍ ଘିଅ ବ୍ୟବହାର କରିବା ପାଇଁ ସବୁ ଜିଲ୍ଲାପାଳଙ୍କୁ ଓମଫେଡ୍ ଏମ୍‌ଡ଼ି ଚିଠି ଲେଖିଛନ୍ତି। ଯଦି ସବୁ ମନ୍ଦିରକୁ ଘିଅ ଯୋଗାଇବା ପାଇଁ ପ୍ରସ୍ତାବ ଆସେ, ତାହାହେଲେ ଆମେ ପ୍ରସ୍ତୁତ ଅଛୁ। କ୍ଷୀର ଓ ଘିଅ ଉତ୍ପାଦନ ବଢ଼ାଇବା ପାଇଁ ସମ୍ବଲପୁର, ଗଞ୍ଜାମ, ବାଲେଶ୍ୱରରେ ଓମଫେଡ୍ ନୂଆ ଡାଏରୀ ପ୍ଲାଣ୍ଟ ଖୋଲିବାକୁ ଯୋଜନା କରୁଛି। ସେଥିପାଇଁ ଡିପିଆର୍ ପ୍ରସ୍ତୁତ କରାଯାଉଛି। ଡାଇରେକ୍ଟ ଓ ଇନଡ଼ାଇରେକ୍ଟ ଭାବେ ଓମଫେଡ୍ ସମସ୍ତଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ଲୋକମାନେ ଆତ୍ମ ନିର୍ଭର ହୋଇପାରୁଛନ୍ତି। ଆଗାମୀ ଦିନରେ ନିଶ୍ଚିତ ଭାବରେ ଓମଫେଡ୍ ଆହୁରି ସଶକ୍ତ ଓ ସମୃଦ୍ଧ ହେବ ବୋଲି ମନ୍ତ୍ରୀ କହିଛନ୍ତି। ନୂଆ ପ୍ରଡକ୍ଟ ନେଇ ମନ୍ତ୍ରୀ କହିଛନ୍ତି, ଓମଫେଡ୍ ଆଗାମୀ ଦିନରେ ବହୁ ନୂଆ ପ୍ରଡକ୍ଟ ଆଣିବାକୁ ଯାଉଛି।

# ଏନବିସିସିର ୬୫ ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ଭାରତ ସରକାରଙ୍କ ନବରତ୍ନ କମ୍ପାନୀ ଏନବିସିସି ଶନିବାର ତାହାର ୬୫ ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଓପିଟିସିଏଏ ପରିସରରେ ଏକ ସ୍ୱତନ୍ତ୍ର



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ପୂର୍ତ୍ତ, ଆଇନ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଏନବିସିସି ପକ୍ଷରୁ ୫ଶହରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ପାଇଁ ରନ୍ଧା ଖାଦ୍ୟ ବ୍ୟବସ୍ଥା କରାଯାଇଥିବା ବେଳେ ସମସ୍ତ ଶ୍ରମିକମାନଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଥିଲେ ଏନବିସିସି ପକ୍ଷରୁ ଯେଉଁ ଭଳି ଭାବେ ଯୁଦ୍ଧକାଳୀନ ଭିତ୍ତିରେ ପୂର୍ତ୍ତ ବିଭାଗ ଅଧିନସ୍ଥ କାର୍ଯ୍ୟକୁ କରାଯାଉଛି ତାହାକୁ ପ୍ରଶଂସା କରିଥିଲେ। ଓଡ଼ିଶାର ବିକାଶ ଲାଗି ଆଗାମୀ ଦିନରେ ଏନବିସିସି କାନ୍ଧରେ କାନ୍ଧ ଦେଇ କାର୍ଯ୍ୟ କରିବ ବୋଲି ମନ୍ତ୍ରୀ ଅଶୋବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ମନ୍ତ୍ରୀ ଓପିଟିସିଏଲ ପରିସରରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏନବିସିସିର ଜିଏମ ଆର ଏନ ସିହ୍ନାଙ୍କ ସମେତ ଡିଜିଏମ ଶୈଳାଶ କୁମାର, ଡିଜିଏମ ପ୍ରଦୀପ କୁମାର, ସନ୍ତୋଷ କୁମାର ଏସକେ ସେନାପତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମଟିକୁ ଶ୍ରମିକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା।

# ଏସ୍‌ବିଆଇ ଜାଗୃତି ଯାତ୍ରା ଜରିଆରେ ଉଦ୍ୟୋଗୀଙ୍କ ସଶକ୍ତୀକରଣ

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ଦେଶର ସର୍ବବୃହତ ବ୍ୟାଙ୍କ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଜାଗୃତି ଯାତ୍ରା ୨୦୨୪ ସହିତ ସହଯୋଗିତା ସ୍ଥାପନ କରାଯାଇଛି। ଏହା ହେଉଛି ଭାରତର ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ସହରର ହେବାକୁ ଥିବା ୮୦୦୦ କିମି ବ୍ୟାପୀ ୧୫ ଦିନିଆ ଉଦ୍ୟୋଗୀ ଯାତ୍ରା। ଏହି ସହଯୋଗିତାରେ ଏସ୍‌ବିଆଇ ପକ୍ଷରୁ ଉଦ୍ୟୋଗୀ ହେବର ଅଭିଳାଷ ଅନୁସନ୍ଧାନ କରିବାକୁ ଚାହୁଁଥିବା ୫୦୦ ଯୁବପିଢ଼ିଙ୍କ ପାଇଁ ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବ। ସେମାନଙ୍କୁ ବିଶେଷଜ୍ଞଙ୍କ ମେଂଟରସିପ୍ ଓ ପ୍ରତ୍ୟକ୍ଷ ତାଲିମ ସହାୟତା ପ୍ରଦାନ କରାଯିବ। ଯୁବ ଉଦ୍ୟୋଗୀଙ୍କ ଅଭିବୃଦ୍ଧିକୁ ସୁଦୃଢ଼ କରି ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ପୂରଣ କରିବାକୁ ଏସବିଆଇ ଲକ୍ଷ୍ୟ ରଖିଛି।

ସାରା ଭାରତରେ ଉଦ୍ୟମିତାକୁ ଉତ୍ସାହିତ କରିବା ଲାଗି ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ପ୍ରତିଟି ଭାରତୀୟଙ୍କୁ ତାଲିମ ଓ ଆର୍ଥିକ ସହାୟତା ଜରିଆରେ ସଶକ୍ତ କରୁଛି। ବ୍ୟାଙ୍କ ପକ୍ଷରୁ ୧୫୨ ଗ୍ରାମୀଣ ସ୍ୱା ନିୟୋଜନ ତାଲିମ ପ୍ରତିଷ୍ଠାନ (ଆରଏସଇଟିଆଇ) ସ୍ଥାପନ କରିଛି ଯାହା ନିଜର ଲଘୁ ଉଦ୍ୟୋଗ ସ୍ଥାପନ କରିବା ଲାଗି ଗ୍ରାମୀଣ ଯୁବବର୍ଗଙ୍କୁ ତାଲିମ ଦେଉଥିବା ବେଳେ ସେମାନଙ୍କ ଦକ୍ଷତାର ବିକାଶ କରୁଛି। ଏହି ଅନୁଷ୍ଠାନଗୁଡ଼ିକ ୧୧.୫ ଲକ୍ଷରୁ ଅଧିକ ପ୍ରାର୍ଥୀଙ୍କୁ ସଫଳତାର ସହ ତାଲିମ ପ୍ରଦାନ କରିଥିବା ବେଳେ ସେଥିରୁ ୭୪ ପ୍ରତିଶତ ଛାତ୍ରଛାତ୍ରୀ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଏଥି ସହିତ ୫୦,୦୦୦ କୋଟି ଟଙ୍କାର ଏସ୍‌ଏଚ୍‌ଜି ଋଣ ପ୍ରଦାନ କରିଥିବା ଏସ୍‌ବିଆଇ ହେଉଛି ଏସ୍‌ଏଚ୍‌ଜି ଋଣର ଅଗ୍ରଣୀ ବ୍ୟାଙ୍କ ଯାହା ୧ କୋଟିରୁ ଅଧିକ ମହିଳାଙ୍କୁ ସହାୟତା ପ୍ରଦାନ କରିଛି। ଏଥି ସହିତ ବ୍ୟାଙ୍କ ପକ୍ଷରୁ ୪୯୦୦୦ କୋଟି ଟଙ୍କାର ମୁଦ୍ରା ଋଣ ଓ ୧୫୫୦ କୋଟି ଟଙ୍କାର ପିଏମ୍ ସ୍ୱନିଧି ଋଣ ୨୦୨୩-୨୪ରେ ପ୍ରଦାନ କରାଯାଇଛି। ଏହି ଅବସରରେ ଏସ୍‌ବିଆଇର ଏମ୍‌ଡି ଶ୍ରୀ ରାଣା ଆଶୁତୋଷ କୁମାର ସିଂହ କହିଛନ୍ତି ଯେ, "ଉଦ୍ୟମିତା ଏକ ଆତ୍ମନିର୍ଭରଶୀଳ ଓ ପ୍ରଗତିଶୀଳ ଭାରତର ମୂଳଦୁଆ ବୋଲି ଏସବିଆଇରେ ଆମର ବିଶ୍ୱାସ ରହିଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଆମେ କାର୍ଯ୍ୟ କରୁଥିବା ବେଳେ ସାରା ଦେଶରେ ନସବୃଜନ ଓ ଅଭିବୃଦ୍ଧି ଆଗକୁ ବଢ଼ାଇବା ଲାଗି ଯୁବ ଉଦ୍ୟୋଗୀମାନେ ଆବଶ୍ୟକ କରୁଥିବା ଦକ୍ଷତା, ସମ୍ବଳ ଓ ସୁଯୋଗ ପ୍ରଦାନ କରିବା ଆବଶ୍ୟକ।

# ଭିମ୍ ପକ୍ଷରୁ ଏନ୍‌ପିଏସ୍‌ରେ ଅବଦାନ ରାଶି ଦାଖଲ ସୁବିଧା

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ନ୍ୟାସନାଲ୍ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ)ର ସମ୍ପୂର୍ଣ୍ଣ ସହାୟକ ସଂସ୍ଥା ଏନପିସିଆଇ ଭିମ୍ ସର୍ଭିସେସ୍ ଲିମିଟେଡ୍ (ଏନବିଏସ୍‌ଏଲ୍) ପକ୍ଷରୁ ଭିମ୍ ଆପ୍ ଜରିଆରେ ନ୍ୟାସନାଲ୍ ପେମେଂଟ୍ ସିଷ୍ଟମ୍ (ଏନ୍‌ପିଏସ୍)ରେ ଅବଦାନ ରାଶି ଦାଖଲ ସୁବିଧାର ଶୁଭାରମ୍ଭ କରାଯାଇଛି, ଯାହା ଫଳରେ ଲକ୍ଷ ଲକ୍ଷ ଭାରତୀୟଙ୍କ ପାଇଁ ପେନ୍‌ସନ୍ ପାଣ୍ଠିରେ ଯୋଗଦାନର ସରଳୀକରଣ ହୋଇପାରିଛି। ଏକ ନିରବଚ୍ଛିନ୍ନଳ ସୁରକ୍ଷିତ ଓ ସରଳ ଅବସରକାଳୀନ ସଂଚୟ ସମାଧାନ ପ୍ରଦାନ କରିବା ଲାଗି ଏହା 'ଭାରତ କନେକ୍ଟ'କୁ ବ୍ୟବହାର କରୁଛି। ଭିମ୍ ଗ୍ରାହକମାନେ ବର୍ତ୍ତମାନ ଜଟିଳ ବିବରଣୀ ମନେ ରଖିବାର ଆବଶ୍ୟକତା ରହିବ ନାହିଁ। ସହଜରେ ସେମାନେ ଏନପିଏସ ଖାତାରେ ଯୋଗଦାନ କରିପାରିବେ। ଏହା ପରିବର୍ତ୍ତେ ଗ୍ରାହକମାନେ କେବଳ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବର ଏବଂ ସର୍ବନିମ୍ନ ଗ୍ରାହକ ମାନଦଣ୍ଡ ବ୍ୟବହାର କରି ଯୋଗଦାନ କରିପାରିବେ। ଭିମ୍ ମାଧ୍ୟମରେ ଦିଆଯାଇଥିବା ଯୋଗଦାନଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ପ୍ରକ୍ରିୟାକରଣ କରାଯାଇ ଗୋଟିଏ ବ୍ୟବସାୟ ଦିବସ ମଧ୍ୟରେ ବିନିଯୋଗ କରାଯାଏ ଯାହା ଠିକ୍ ସମୟରେ ନିବେଶ ସୁନିଶ୍ଚିତ କରିବ।

ଏନବିଏସଏଲର ମୁଖ୍ୟ ବ୍ୟବସାୟ ଅଧିକାରୀ ରାହୁଲ ହାଣ୍ଡା କହିଛନ୍ତି ଯେ, "ଭୀମରେ ଏନପିଏସ ଯୋଗଦାନ ଯୋଡିବା ସମଗ୍ର ଭାରତରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅତ୍ୟାବଶ୍ୟକ ଆର୍ଥିକ ସେବାକୁ ଅଧିକ ଉପଲବ୍ଧ କରାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଭିମରେ ସିଧାସଳଖ ଏନପିଏସ ଯୋଗଦାନକୁ ସକ୍ଷମ କରି ଆମେ ସମସ୍ତଙ୍କ ପାଇଁ ସକ୍ରିୟ ଅବସର ଯୋଜନା ଏବଂ ଦୀର୍ଘମିଆଦୀ ନିରାପତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛୁ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଏକ ବ୍ୟାପକ ଆର୍ଥିକ ପ୍ଲାଟଫର୍ମ ଭାବରେ ଭିମର ବିକାଶ ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଥିବା ଏକ ଅଧିକ ସ୍ଥିର ରାଷ୍ଟ୍ର ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।" ଏନପିସିଆଇ ଭାରତ ବିଲ୍ ପେ ଲିମିଟେଡ୍ (ଏନବିବିଏଲ୍)ର ସିଇଓ ନୂପୁର ଚତୁର୍ବେଦୀ କହିଛନ୍ତି ଯେ, "ଭାରତ କନେକ୍ଟ ଦ୍ୱାରା ପରିଚାଳିତ ଏନ୍‌ପିଏସ୍ ନିବେଶ ପାଇଁ ଉପଲବ୍ଧ ଭିମ୍ ପାଇ ଆମେ ଆନନ୍ଦିତ। ସମଗ୍ର ଭାରତରେ ସମସ୍ତ ନାଗରିକଙ୍କ ପାଇଁ ଆର୍ଥିକ ଉପଲବ୍ଧତା।

# ଜାନୁୟାରୀରେ ଭିନ୍ନକ୍ଷମ ଚଳଚିତ୍ର ଉତ୍ସବ

**ଭୁବନେଶ୍ୱର,୧୭।୧୧ (ମହାଭାରତ):** ଦିବ୍ୟାଙ୍ଗମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଆସନ୍ତା ବର୍ଷ ଜାନୁଆରୀ ମାସରେ ଭୁବନେଶ୍ୱର ଠାରେ ଭିନ୍ନକ୍ଷମ ସମସ୍ୟା ଉପରେ ପ୍ରଥମ ଜାତୀୟସ୍ତରୀୟ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବ ଆୟୋଜନ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ଉତ୍ସବ ଭଳି ରାଜ୍ୟରେ ଏଭଳି ଅଭିନବ ଚଳଚିତ୍ର ମହୋତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଯୋଜନା ଅନୁଯାୟୀ, ଏସଏସଇପିଡି ବିଭାଗ ଚଳଚ୍ଚିତ୍ର ନିର୍ମାତା ଏବଂ ପ୍ରଯୋଜକମାନଙ୍କୁ ଭିନ୍ନକ୍ଷମ ସମସ୍ୟା ଉପରେ ସେମାନଙ୍କର କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ କରିବା ପାଇଁ ନିମନ୍ତ୍ରଣ କରିବ ଏବଂ ଜାନୁଆରୀ, ୨୦୨୫ ର ଦ୍ୱିତୀୟ ସପ୍ତାହରେ ଏଠାରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରେଷ୍ଠ ତିନୋଟି ଚଳଚ୍ଚିତ୍ରକୁ ପୁରସ୍କାର ପ୍ରଦାନ କରାଯିବ। ଜୁରି ସଦସ୍ୟଙ୍କୁ ନେଇ ଗଠିତ ଏକ ପ୍ୟାନେଲ ୫ଟି କ୍ଷୁଦ୍ର ଚଳଚ୍ଚିତ୍ର ଚୟନ କରିବା ସହ ଭୁବନେଶ୍ୱର, ପୁରୀ, ରାଉରକେଲା, ସମ୍ବଲପୁର ଓ ବ୍ରହ୍ମପୁରରେ ପ୍ରାୟ ୨୫୦ରୁ ୩୦୦ ଭିନ୍ନକ୍ଷମ ପିଲାଙ୍କ ଉପସ୍ଥିତିରେ ଏହି ଚଳଚ୍ଚିତ୍ର ପ୍ରଦର୍ଶିତ ହେବ। ନିର୍ଦ୍ଦେଶନା, ସାଉଣ୍ଡ ଡିଜାଇନିଂ, ଏଡିଟିଂ, ସିନେମାଟୋଗ୍ରାଫି ଏବଂ କରୋଇଟିଂ ଫିଲ୍ମରେ ଅତି କମରେ ଜଣେ ବିଶେଷଜ୍ଞଙ୍କ ସହ ଭିନ୍ନକ୍ଷମ କ୍ଷେତ୍ରର ଜଣେ ବିଶେଷଜ୍ଞ କିମ୍ବା ଜଣେ ମନୋବିଜ୍ଞାନୀ ରହିବେ। ମହୋତ୍ସବ ଆୟୋଜନ ପୂର୍ବରୁ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ଚଳଚ୍ଚିତ୍ର ମହୋତ୍ସବ ଘୋଷଣା ଓ ଟିଜର/କ୍ଷୁଦ୍ର ଭିଡିଓ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହେବ।

# ଭେଜାଲ କାରବାର

କାଁ ଭାଁ କିଏ କେମିତି ଧରାପଡ଼ି କିଛି ଦିନ ପାଇଁ ଜେଲ ଯାଉଛନ୍ତି, ପୁଣି ଜେଲରୁ ବାହାରି ପୂର୍ବ ପରି ଭେଜାଲ କାରବାର ଚଳାଉଛନ୍ତି। କଟକ ବା ଅନ୍ୟତ୍ର କେତେବେଳେ କେମିତି ନକଲି ସାମଗ୍ରୀ ପ୍ରସ୍ତୁତ କାରଖାନା ଉପରେ ଚଢ଼ାଉ କରାଯାଇ କିଛି ସାମଗ୍ରୀକୁ ସିଲ କରାଯାଉଛି, କିଛି ଲୋକଙ୍କୁ ଗିରଫ କରାଯାଉଛି। କିନ୍ତୁ ତଥାପି ନକଲି କାରବାର କମୁନି ବରଂ ଏହା ଦିନକୁ ଦିନ ବଢ଼ି ଚାଲିଛି। ମାତ୍ର ୧ ପ୍ରତିଶତ ଅପରାଧି ଧରାପଡୁଛନ୍ତି, କିନ୍ତୁ ଆଇନର ଫାଙ୍କ ଦେଇ ଖସି ଯାଉଛନ୍ତି। ଏଥିପାଇଁ କଡ଼ା ଆଇନ ଏବଂ ଚୀନ ଭଳି କଠୋର ଦଣ୍ଡ ବ୍ୟବସ୍ଥା ରହିବା ଉଚିତ। ଏହା ଦ୍ୱାରା କେହି ଏଭଳି କାରବାର କରିବାକୁ ସାହସ କରିବେ ନାହିଁ। କିନ୍ତୁ ସରକାର ଏହାକୁ କେବେ ଗୁରୁତ୍ୱର ସହ ନେଉ ନାହାଁନ୍ତି ବା ନକଲି କାରବାର ରୋକିବାକୁ ସରକାରଙ୍କ ନିକଟରେ ଇଚ୍ଛାଶକ୍ତିର ଘୋର ଅଭାବ ରହିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ନଚେତ ନକଲି କାରବାର ବା ଭେଜାଲ କାରବାର ରୋକିବାକୁ କାହିଁକି କଡ଼ା ଆଇନ ହେଉନାହିଁ ? ନକଲି ଘିଅଠାରୁ ଆରମ୍ଭ କରି ନକଲି ମଦ, ନକଲି ଡିଜେଲ ପର୍ଯ୍ୟନ୍ତ ସବୁ କିଛି ଏଠାରେ ନକଲି ମିଳୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହିସବୁ ଭେଜାଲ ବା ଅପମିଶ୍ରିତ ସାମଗ୍ରୀ ମଣିଷର ଜୀବନ ପ୍ରତି ବିପଦ ସୃଷ୍ଟି କରିବାର ଆଶଙ୍କା ରହୁଛି। ଅନେକ ଭେଜାଲ ସାମଗ୍ରୀ ଖାଇବା ଫଳରେ ଗୁରୁତର ରୋଗର ଶୀକାର ହେଉଛନ୍ତି। ଅସଲି ତେଲ, ଘିଅ ଏବେ ବଜାରରେ ମିଳିବା କଷ୍ଟକର ହେଲାଣି। ଚା’ ପତିଠାରୁ ଆରମ୍ଭ କରି ବେସନ, ହଳଦୀ ଗୁଣ୍ଡ ପର୍ଯ୍ୟନ୍ତ ସବୁ ପ୍ରକାର ଖାଦ୍ୟ ସାମଗ୍ରୀ ଭେଜାଲ ହେଉଛି। ସବୁଜ ପନିପରିବା ବୋଲି ଯାହାକୁ ଆମେ ଆଗ୍ରହର ସହିତ କିଣି ଖାଉଛୁ, ସେଥିରେ ସବୁଜ ରଙ୍ଗ ବୋଳାଯାଉଛି। ଏସବୁ ଜୀବନ ପ୍ରତି ବିପଦର କାରଣ ହେଉଛି। ଭେଜାଲ ଖାଦ୍ୟ ସାମଗ୍ରୀ ବିକ୍ରି କରିବା ନରହତ୍ୟା ସହ ସମାନ। ଏହା ଏକ ଗର୍ହିତ ଅପରାଧ। ଏଥିପାଇଁ କଠୋରରୁ ଅତି କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ନକଲି କାରବାର କେବଳ ଏତିକିରେ ସୀମିତ ନୁହେଁ। ନିକଟରେ ବଲାଙ୍ଗୀରରେ ଏକ ନକଲି ସାର୍ଟିଫିକେଟ ର୍ୟାକେଟ ଧରାପଡ଼ିଛି। ଏକ କମ୍ପ୍ୟୁଟର ସେଣ୍ଟର ଉପରେ ପୋଲିସ ଚଢ଼ାଉ କରି ବିପୁଳ ପରିମାଣର ନକଲି ସାର୍ଟିଫିକେଟ ଏବଂ ଏହାର ପ୍ରସ୍ତୁତିରେ ବ୍ୟବହୃତ ସାମଗ୍ରୀ ଏବଂ ଲକ୍ଷାଧିକ ଟଙ୍କା ଜବତ କରିଛି। ଏଥିରେ ସମ୍ପୃକ୍ତ ୨୦ରୁ ଅଧିକ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହାର ଚେର ରାଜ୍ୟର ଅନ୍ୟାନ୍ୟ ସ୍ଥାନକୁ ମଧ୍ୟ ବ୍ୟାପିଛି। ଏହି ନକଲି ସାର୍ଟିଫିକେଟ ଏତେ ଅସଲି ଭଳି ଜଣାପଡୁଛି ଯେ, ଏହାକୁ କେହି ସହଜରେ ଜାଣିପାରିବେ ନାହିଁ। ଏହି ନକଲି ସାର୍ଟିଫିକେଟ ଦେଖାଇ ଅନେକ ସରକାରୀ ଚାକିରୀ ମଧ୍ୟ କରିଛନ୍ତି। ଫଳରେ ଅନେକ ଯୋଗ୍ୟ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଜଣେ ମାସ ମାସ ଧରି କଠିନ ପରିଶ୍ରମ କରି ଯାହା ପାଇପାରୁନି, ଆଉ ଜଣେ କିଛି ଟଙ୍କା ପ୍ରତିବଦଳରେ ଆଦୌ ପରିଶ୍ରମ ନକରି ତାହା ପାଇପାରୁଛି। ଏହା ଅନ୍ୟର ଅଧିକାର ଅପହରଣ କରିବା ସହ ସମାନ। ଏଭଳି ନକଲି ସାର୍ଟିଫିକେଟ କାରବାର ସାରା ଭାରତରେ ଚାଲିଛି। ଅନେକ ବର୍ଷ ହେବ ଚାଲିଆସୁଛି। କିଛି ବ୍ୟକ୍ତି ନକଲି ସାର୍ଟିଫିକେଟ ଦ୍ୱାରା ଚାକିରୀ କରି ଅବସର ନେଇ ସାରିଲେଣି। ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବଂଚିତ ହୋଇ ଆତ୍ମହତ୍ୟା କରୁଛନ୍ତି। ଆଉ ନକଲି ସାର୍ଟିଫିକେଟ ପ୍ରସ୍ତୁତକର୍ତ୍ତା କୋଟିପତି ହୋଇଯାଉଛନ୍ତି। କୋହଳ ଦଣ୍ଡ ବ୍ୟବସ୍ଥା ଯୋଗୁ ଏଭଳି ଅପରାଧ ବଢ଼ିଚାଲିଛି ଯାହା ସମଗ୍ର ଦେଶ ଏବଂ ସମାଜ ପାଇଁ ବିପଜ୍ଜନକ। ଏହି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏନଏସଏ ଲାଗୁ ହେବା ଉଚିତ। ଯେଉଁମାନେ ନକଲି ସାର୍ଟିଫିକେଟରେ ଚାକିରୀ କରିଛନ୍ତି, ସେମାନଙ୍କୁ କେବଳ ଗିରଫ ନୁହେଁ, ସେମାନଙ୍କ ସମ୍ପତ୍ତି ନିଲାମ କରାଯିବା ଉଚିତ।

# ଲୋକଙ୍କ ସମସ୍ୟା ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ

॥ ଗୋପାଳ ମହାପାତ୍ର ॥

ଶାସନ ଗାଦିହାସଲ ପାଇଁ କିଛି ବି କରାଯାଇପାରେ, ଏଥିପାଇଁ କିଛି ଅସମ୍ଭବ ନୁହେଁ । ରାଜନେତା ମାନଙ୍କର ସଦୈବ ଏହି ଇଚ୍ଛା ଥାଏ, ଆଗକୁ ମଧ୍ୟ ରହିବ । ନିର୍ବାଚନ ସମୟରେ ନେତା ସାଧାରଣ ଜନତାଙ୍କୁ ଯେଉଁସବୁ ଆଶ୍ୱାସନା ଓ ପ୍ରତିଶ୍ରୁତି ସବୁ ଦେଇଥାନ୍ତି ସେ ସବୁକୁ କ’ଣ ସେମାନେ ପୂରଣ କରିଥାନ୍ତି ? ହୋଇପାରେ କିଛି ନେତା ତାଙ୍କ ପ୍ରତିଶ୍ରୁତି ପୁରଣ କରିଥାନ୍ତି ? କିନ୍ତୁ ଅନେକେ ପ୍ରତିଶୃତି ପୂରଣ କରିବାରେ ବିଫଳ ହୋଇଥାନ୍ତି । ଯଦି ନେତା ତାଙ୍କ ପ୍ରତିଶୃତି ପୂରଣ କରୁଥାନ୍ତେ ତେବେ ସ୍ୱାଧୀନତା ପରଠାରୁ ଅଦ୍ୟାବଧି ୭୫ ବର୍ଷ ପୂର୍ଣ୍ଣ ହେବା ପରେ ଭାରତ ଆମେରିକା ଭଳି ବିକଶିତ ଦେଶ ଭାବେ ଉଭା ହୋଇଥାନ୍ତା ଓ ଭାରତୀୟମାନେ ଆମେରିକା ଭଳି ବିକଶିତ ଦେଶମାନଙ୍କୁ ଜୀବିକାଅର୍ଜନ ପାଇଁ ଯାଉନଥାନ୍ତେ । ଲୋକେ ନିଜ ନିଜର ଜୀବିକା ଅର୍ଜନ ପାଇଁ ଯେ କୌଣସି ସ୍ଥାନ(ଦେଶ)କୁ ଯାଇପାରିବେ । ଏହା ତାଙ୍କର ବ୍ୟକ୍ତିଗତ ସ୍ୱାଧୀନତା । ଏକଥା ଆମେ ଆମ ଭାରତୀୟ ମାନସିକତାରେ ଭାବୁଛେ । କିନ୍ତୁ କେତେଜଣ ଆମେରିକୀୟ ବା ବିକଶିତ ଦେଶର ଲୋକେ ଜୀବିକା ଅର୍ଜନ ପାଇଁ ଭାରତ ଆସୁଛନ୍ତି ? ଆମ ଦେଶ ଭାରତର ଯେ ବିକାଶ ହୋଇନାହିଁ ସେ କଥା ମଧ୍ୟ କୁହାଯାଇ ପାରିବ ନାହିଁ । ଭାରତର ବିକାଶ ଘଟିଛି ନିଶ୍ଚୟ । ସତ୍ୟ ହେଉଛି ଦେଶ ସ୍ୱାଧୀନ ହେବା ପରେ ଆମ ପାଖରେ ଥିଲା କ’ଣ ? ସବୁ କିଛି ଇଂରେଜମାନେ ଲୁଟି ନେଇଥିଲେ । ସେଥିପାଇଁ ତତ୍‌କାଳୀନ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚର୍ଚ୍ଚିଲ କହିଥିଲେ ଯେ ଯଦି ଭାରତର ଶାସନ ଅଯୋଗ୍ୟ ରାଜନେତାଙ୍କ ହାତରେ ପଡ଼ିଯିବ ତେବେ ଭାରତ ଖଣ୍ଡ ଖଣ୍ଡ ହୋଇ ବିଭାଜିତ ହୋଇଯିବ । କିନ୍ତୁ ଏମିତି ହୋଇନଥିଲା କି ହେବନାହିଁ । ଯଦି ଚର୍ଚ୍ଚିଲ ଆଦି ବଞ୍ଚିଥାନ୍ତେ ତେବେ ଭାରତର ଏକଜୁଟତା ଏବଂ ବିକାଶକୁ ଦେଖି ଆତ୍ମହତ୍ୟା କରିଥାନ୍ତେ ନିଶ୍ଚୟ । ଦେଶ ଯେତିକି ବିକାଶ କରିଛି ତାଠାରୁ ଅଧିକ ବିକାଶ ହୋଇଥାନ୍ତା ଯଦି ଆମ ରାଜନେତାମାନେ ପରସ୍ପର ମଧ୍ୟରେ କଳହ ନକରି ଦଳଗତ ରାଜନୀତିରୁ ଊର୍ଦ୍ଧ୍ୱରେ ରହି ଦେଶର ବିକାଶ କଥା ଚିନ୍ତା କରିଥାନ୍ତେ। ଦେଶର ସ୍ୱାଧିନତା ସଂଗ୍ରାମରେ ଅନେକଙ୍କର ଯୋଗଦାନ ରହିଛି । କେତେକଙ୍କ ଯୋଗଦାନ ମଧ୍ୟ ଅଜ୍ଞାତ ହୋଇ ରହିଯାଇଛି । ଆମେ ସେମାନଙ୍କୁ ହୁଏତ ଭୁଲିଯାଇ ପାରିଥାଏ କିନ୍ତୁ ସ୍ୱାଧିନତା ସଂଗ୍ରାମରେ କଂଗ୍ରେସର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ଏକଥା ସମସ୍ତେ ସ୍ୱୀକାର କରିବେ ନିଶ୍ଚୟ । ଏକଥା ମଧ୍ୟ ଠିକ୍ ଯେ ୧୯୨୫ ମସିହା ବିଜୟାଦଶମୀ ଦିନ ଡକ୍ଟର ହେଡ଼େଗଓ୍ୱାର ଏକ ସଂସ୍ଥା ଆରମ୍ଭ କରିଥିଲେ ଯାହାର ନା ହେଉଛି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ । ଡକ୍ଟର ହେଡେଗେଓ୍ୱାରଙ୍କର ଉଦ୍ଦେଶ୍ୟ ମଧ୍ୟ ରାଷ୍ଟ୍ରୀୟ ସ୍ୱାଧିନତା ଥିଲା । ସଂଘର ସ୍ୱୟଂସେବକଙ୍କୁ ଶପଥ ଦିଆଯାଇଥାଏ ଯେ ରାଷ୍ଟ୍ରର ସ୍ୱତନ୍ତ୍ରତା ପାଇଁ ତନ-ମନ-ଧନରେ ଆଜନ୍ମ ଏବଂ ପ୍ରାମାଣିକତା ସହ ପ୍ରଯତ୍ନ କରିବେ । ସଂଘର ସ୍ୱୟଂସେବକ ମାନେ ସ୍ୱାଧିନତା ସଂଗ୍ରାମରେ ନିଜର ଭୂମିକା ନିର୍ବାହ କରିଥିଲେ ବୋଲି ସଂଘ କହୁଛି । କିନ୍ତୁ ସଂଘର ଦେଶ ଭକ୍ତିକୁ ନେଇ ଅନେକ ସମୟରେ ପ୍ରଶ୍ନ ଉଠିଛି । ସ୍ୱାଧୀନତା ଆନ୍ଦୋଳନରେ ସଂଘର ଯୋଗଦାନ କ’ଣ ଥିଲା ବୋଲି ମଧ୍ୟ ପ୍ରଶ୍ନ ଉଠେ । ସଂଘକୁ ଅନେକ ସମୟରେ ପ୍ରଶ୍ନ କରାଯାଏ ଯେ ୧୯୪୭ରେ ଦେଶ ସ୍ୱାଧିନ ହେବା ପରଠାରୁ ୧୯୫୨ ପର୍ଯ୍ୟନ୍ତ ସଂଘର ମୁଖ୍ୟ ନାଗପୁର କାର୍ଯ୍ୟାଳୟରେ ତ୍ରିରଙ୍ଗା ଉଡ଼ାଯାଉନଥିଲା କାହିଁକି ? ଅନେକଙ୍କ ମତରେ ଦେଶର ସ୍ୱାଧିନତା ସଂଗ୍ରାମରେ ସଂଘର ଯୋଗଦାନ ନଥିଲା । ସ୍ୱାଧିନତା ସଂଗ୍ରାମରେ ସଂଘର ଯୋଗଦାନ କ’ଣ ଥିଲା କାହିଁକି ୧୯୫୨ ପର୍ଯ୍ୟନ୍ତ ନାଗପୁର କାର୍ଯ୍ୟାଳୟରେ ଜାତୀୟ ପତାକା ଉଡ଼ାଯାଇ ନଥିଲା ତା ବାବଦରେ ଅଧିକ ବିମର୍ଷ ହେବା ଆବଶ୍ୟକ । ଆଉ ଏକ ପ୍ରସଙ୍ଗ ହେଉଛି ସଂଘ କେବେ କଂଗ୍ରେସକୁ ଗୁରୁତ୍ୱ ଦେଉନଥିଲା କି ଏବେ ମଧ୍ୟ ଗୁରୁତ୍ୱ ଦେଉନାହିଁ । ସେଇଥିପାଇଁ ସଂଘର ସହଯୋଗୀ ଭାରତୀୟ ଜନତା ପାର୍ଟି କଂଗ୍ରେସ ମୁକ୍ତ ଭାରତ କଥା କହୁଛି । ଅନ୍ୟପକ୍ଷରେ କଂଗ୍ରେସ ମଧ୍ୟ ସଂଘକୁ ବିରୋଧ କରୁଛି । ଯଦି ଉଭୟ ପକ୍ଷ ଏ ପ୍ରକାର ବିରୋଧାତ୍ମକ ମାନସିକତାରୁ ଦୁରେଇ ଯାଇ ଦେଶରୁ ଗରିବୀ ହଟାଓ, ବେରୋଜଗାରୀ ହଟାଓ, ଦରଦାମକୁ ନିୟନ୍ତ୍ରଣ କରିବା ଆଦିକୁ ଗୁରୁତ୍ୱ ଦିଅନ୍ତେ ଦେଶର ସାମଗ୍ରିକ ବିକାଶ ହୋଇପାରନ୍ତା ନିଶ୍ଚୟ । ୧୯୪୭ରେ ଦେଶ ସ୍ୱାଧିନ ହେବା ପରେ ଦେଶର ଜନସଂଖ୍ୟା ୩୩କୋଟି ଥିଲା ବୋଲି ଆକଳନ କରାଯାଇଥିଲା । ୧୯୫୧ରେ ଭାରତ ସରକାରଙ୍କ ପକ୍ଷରୁ ଜନଗଣନା ହେବା ପରେ ଜନସଂଖ୍ୟା ପାଖାପାଖି ୩୬କୋଟି ବୋଲି ଜଣାପଡ଼ିଥିଲା । ଇଂରେଜ ଶାସନ କାଳରେ ପ୍ରତି ୧୦ ବର୍ଷରେ ଜନଗଣନା ହେଉଥିଲା ଏବେ ଏବେ ମଧ୍ୟ ସେଇ ପ୍ରଥା ଚାଲିଛି । ସେତେବେଳେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ ଏପରିକି ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ଶିକ୍ଷା ନିଃଶୁଳ୍କ ଥିଲା । ଯଦିଓ କିଛି ଘରୋଇ ଶିକ୍ଷାନୁଷ୍ଠାନ ଥିଲା ତେବେ ଶିକ୍ଷାର ପ୍ରବନ୍ଧନ ମୁଖ୍ୟତଃ ରାଜ୍ୟ ସରକାରଙ୍କ ଦାୟୀତ୍ୱ ଥିଲା । ସ୍ୱାଧିନତା ସମୟରେ(୧୯୪୭) ପ୍ରତି ବ୍ୟକ୍ତିର ବାର୍ଷିକ ଆୟ ୨୪୯ ଟଙ୍କା ୬୦ ଟଇସା ଥିଲା । ୨୦୨୨ ଶେଷ ସୁଦ୍ଧା ଭାରତର ଜନ ସଂଖ୍ୟା ୧୪୦କୋଟିକୁ ଟପିଯାଇଛି । ଲୋକଙ୍କ ବାର୍ଷିକ ଆୟ ବଢ଼ିଯାଇ ୧ଲକ୍ଷ ୭୨ ହଜାରରେ ପହଞ୍ଚିଛି ବୋଲି ଏନ୍‌ଏସଓ ର ରିପୋର୍ଟ କହୁଛି, ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତ ପ୍ରଗତି ପଥରେ ଆଗେଇଛି ନିଶ୍ଚୟ ହେଲେ କିଛି ତୃଟି ମଧ୍ୟ ରହିଛି । ଏକଥା ଏଇଥିପାଇଁ କୁହାଯାଉଛି ଯେ ଭାରତ ସ୍ୱାଧିନ ହେବା ବେଳେ ଟଙ୍କା ଏବଂ ଡଲାରର ମୂଲ୍ୟ ପ୍ରାୟତଃ ସମାନଥିଲା । କିନ୍ତୁ ଏବେ ଡଲାରର ବିନିମୟ ମୂଲ୍ୟ ୮୦ ଟଙ୍କା ବା ତା ଠାରୁ ଅଧିକ ହେଲାଣି । ସୁନା ଭରି(୧୦ଗ୍ରାମ)ର ମୂଲ୍ୟ ସେତେବେଳେ ୮୦ଟଙ୍କା ଥିଲା ଏବେ ୫୫ ହଜାରରୁ ଅଧିକ ହେଲାଣି । ଆମ ଟଙ୍କାର ଏତେ ଅବମୂଲ୍ୟାୟନ ହେଲା କାହିଁକି ଓ କେମିତି ହେଲା ? ନିଶ୍ଚିତ ଭାବରେ ଆମ ଆର୍ଥୀକ ବ୍ୟବସ୍ଥାରେ କିଛି ତୃଟି ରହିଛି । ଏହି ଅବମୂଲ୍ୟାୟନର କାରଣ ମଧ୍ୟରୁ ବିମୁଦ୍ରୀକରଣ, କୋରୋନା ମହାମାରୀ ସମୟରେ ବ୍ୟବସାୟ ଠପ୍ ହେବା ଓ ଶିଳ୍ପ ସଂସ୍ଥା ବନ୍ଦ ହୋଇଯିବା ଭଳି କାରଣ ମଧ୍ୟ ଅନ୍ୟତମ । ଅନେକେ ଏହାକୁ ସରକାରଙ୍କ ବିଫଳତା ବୋଲି କହୁଛନ୍ତି ।

ଦେଶରେ ଜାତିଗତ ବିଦ୍ୱେଷ, ହିନ୍ଦୁ-ମୁସଲିମ କହି ସମାଜକୁ ବିଭାଜିତ କରିବା, ଉଚ୍ଚ ଜାତି, ନୀଚଜାତି, ପଛୁଆ ଜାତି ଭଳି ଜାତିକୁ ବିଭାଜିତ କରାଯିବା ଓ ସର୍ବୋପରି ଶିଳ୍ପପତି ମାନଙ୍କୁ ପ୍ରୋତ୍ସାହିତ କରାଯାଉଥିବା ବେଳେ ଗରୀବ ଲୋକଙ୍କୁ ୫କେଜି ଚାଉଳ ଗହମ ବାଣ୍ଟିବା ଭଳି ଘଟଣା କେବଳ ସମାଜକୁ ନୁହେଁ ଦେଶକୁ ଦୁର୍ବଳ କରିଦେଉଛି। କେବଳ ଏତିକି ନୁହେଁ ଦେଶ ଭିତରେ ଆଭ୍ୟନ୍ତରୀଣ କଳହ, ଏକଛତ୍ର ଶାସନ କବିବାର ଇଚ୍ଛା ମଧ୍ୟ ଦେଶର ବିକାଶ ପାଇଁ ବାଧା ସୃଷ୍ଟି କରୁଛି । ଶାସନ ଗାଦିରେ ଯିଏ ବସୁଛି ସିଏ ଲୋକଙ୍କ ସମସ୍ୟାକୁ ଗୁରତ୍ୱ ଦେବା ପରିବର୍ତ୍ତେ ପୂର୍ବ ସରକାରର ଦୋଷ ଗୁଣ ବଖାଣି ଲୋକଙ୍କ ଧ୍ୟାନ ସେଇ ଆଡ଼କୁ ଟାଣିନେବାକୁ ଚେଷ୍ଟା କରୁଛି । ଦେଶରେ ଶିକ୍ଷିତ ଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ନାହିଁ । ଦେଶରେ ଦରଦାମ ହୁ ହୁ ହୋଇ ବଢ଼ିବାରେ ଲାଗିଛି । ଲୋକେ ଦରଦାମ ବୃଦ୍ଧି ଯୋଗୁଁ ନୟାନ୍ତ ହେଉଥିବା ବେଳେ ସରକାର ଏକଥାକୁ ଏଡ଼ାଇ ଚାଲିଛନ୍ତି । ଦେଶରେ ଭିନ୍ନ ଏକ ମାହୋଲ ସୃଷ୍ଟି ହେବାରେ ଲାଗିଛି । ସରକାରୀ ଦଳ କଂଗ୍ରେସ ମୁକ୍ତ ଭାରତ କଥା କହୁଥିବା ଓ କଂଗ୍ରେସର ଦୋଷ ଦୁର୍ଗୁଣ ଏବଂ କଂଗ୍ରେସ ସରକାର ଅମଳର ଭ୍ରଷ୍ଟାଚାର କଥା ବଖାଣୁଥିବା ବେଳେ କଂଗ୍ରେସ ମଧ୍ୟ ସରକାରୀ ଦଳର ଭ୍ରଷ୍ଟାଚାର ବାବଦରେ ଅନେକ ଅଭିଯୋଗ ଆଣୁଛି । ନେତା ମାନଙ୍କର ବକ୍ତବ୍ୟରେ ଅନେକ ସମୟରେ ଶାଳୀନତା ମଧ୍ୟ ରହୁନାହିଁ । ସଂସଦ କାର୍ଯ୍ୟ ଠିକ୍ ଭାବରେ ଚାଲିପାରୁନାହିଁ । ଗାନ୍ଧୀ-ନେହେରୁଙ୍କୁ ଅପମାନିତ କରାଯାଉଛି, ହିନ୍ଦୁ ଓ ମୁସଲିମ ସମାଜମଧ୍ୟରେ ଘୃଣା ଭାବ ବଢୁଛି । ଦେଶର ସାର୍ବଜନୀନ ସମ୍ପତ୍ତି ବିକ୍ରୀ ହେବାରେ ଲାଗିଛି। ଏମିତି ଅନେକ କଥା ଚାଲିଛି ଯେଉଁଥିପାଇଁ କିଂଭୂତକିମାକାର ପରିସ୍ଥିତି ସୃଷ୍ଟି ହେଉଛି । ଏବେ କିଛିଦିନ ତଳେ ନୂତନ ସଂସଦଭବନ ଉଦ୍‌ଘାଟନ ସମୟର ସେଙ୍ଗୋଲ(ରାଜଦଣ୍ଡ)କୁ ନେଇ ମଧ୍ୟ ବିବାଦ ସୃଷ୍ଟି ହୋଇଛି । ତାମିଲ ଭାଷାରେ ସେଙ୍ଗୋଲର ଅର୍ଥ ନ୍ୟାୟ । ଚୋଳ ଶାସକମାନଙ୍କ ରାଜ୍ୟାଭିଷେକ ସମାରୋହରେ ସେଙ୍ଗୋଲକୁ ଅଧିକ ଗୁରୁତ୍ୱ ଦିଆଯାଉଥିଲା । ଗତ ମେ ମାସ ୨୯ତାରିଖରେ ଇଣ୍ଡିଆନ ଏକ୍ସପ୍ରେସ୍ ଖବରକାଗଜରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଅନ୍ୟତମ ପ୍ରମୁଖ ରାମ ମାଧବଙ୍କର ‘ଦି ସୁପ୍ରିମ୍ ଅଥରିଟି’ ଶୀର୍ଷକ ଲେଖା ପ୍ରକାଶ ପାଇଥିଲା । ରାମ ମାଧବ ସେଥିରେ ସେଙ୍ଗୋଲ କଥା ଉଠାଇ ରାଜଦଣ୍ଡକୁ ରାଜଚିହ୍ନର ପ୍ରତୀକ ବୋଲି ଉଲ୍ଲେଖ କରିଛନ୍ତି । ନରୱେ, ସ୍ୱିଡେନ୍, ଇଂଲଣ୍ଡରେ ଏବେ ରାଜଦଣ୍ଡର ପ୍ରଚଳନ ଅଛି ବୋଲି ମଧ୍ୟ ଲେଖିଥିଲେ । କିନ୍ତୁ ଏବେ ଭାରତରେ ରାଜତନ୍ତ୍ର ନାହିଁ । ଏଣୁ ସେଙ୍ଗୋଲ ପ୍ରସଙ୍ଗ ଉଠାଇ ରାମମାଧବ କ’ଣ କହିବାକୁ ଚାହୁଁଛନ୍ତି ? ସଂସଦ ଭବନ ଉଦ୍‌ଘାଟନ ସମାରୋହରେ ରାଷ୍ଟ୍ରପତି ଉପରାଷ୍ଟ୍ରପତିଙ୍କ ଅନୁପସ୍ଥିତିକୁ ନେଇ ଅନେକ ପ୍ରଶ୍ନ ମଧ୍ୟ ଉଠୁଛି । ଶାସକ ଓ ବିରୋଧି ପରସ୍ପର ବିରୁଦ୍ଧରେ କହିବେ । ରାଜନୀତିରେ ଏହା ନୂଆ କଥା ନୁହେଁ । କିନ୍ତୁ ସବୁ ପରେ ଲୋକଙ୍କ ଜ୍ୱଳନ୍ତ ସମସ୍ୟା କଥା ବୁଝିବା ଓ ଏହାର ସମାଧାନ କରାଯିବା ମଧ୍ୟ ଜରୁରୀ । ସରକାରୀ ଦଳ ହୁଅନ୍ତୁ ବା ବିରୋଧି ଲୋକଙ୍କ ସମସ୍ୟାକୁ ଅଗ୍ରାଧିକାର ଦେବା ସର୍ବାଦୌ ଆବଶ୍ୟକ ଅନ୍ୟଥା ଲୋକଙ୍କ ମୁଡ୍ (ମାନସିକତା) କେତେବେଳେ ବି ବଦଳିଯିବ ସେକଥା କହିବା ମୁସ୍କିଲ୍ ।

**ରାମଚନ୍ଦ୍ରପୁର, ରଣପୁର, ମୋ-୯୪୩୮୪୮୫୦୯୪**

> “ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମୁଦ୍ରରେ ରହିଛି। ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ।

# ଜଳବାୟୁ ପ୍ରଦୂଷଣ

॥ ଅଜୟ କୁମାର ବେହେରା ॥

ଜାପାନ ଶିଳ୍ପପତିଙ୍କୁ ଓଡ଼ିଶା ଆଣିବା ପୂର୍ବରୁ ଭାବନ୍ତୁ। ଶିଳ୍ପ ପାଇଁ ଭିତ୍ତିଭୂମି ପାଇଁ ସ୍ଥାନ, ସ୍ଥାନକୁ ରାସ୍ତା ପଥ, ଶିଳ୍ପକୁ କଞ୍ଚାମାଲ, ଜଳ, ବିଦ୍ୟୁତ ଯୋଗାଇବାକୁ ପଡ଼ିବ। ଶିଳ୍ପ ଜାତ ଦ୍ରବ୍ୟକୁ କଞ୍ଚାମାଲର ଉତ୍ସ ଖଣି। ଖଣିରୁ ଉତ୍ତୋଳନ ଦ୍ରବ୍ୟ ଯାହା ମିଳିବ ତାହା ସେ ଶିଳ୍ପରେ ପୂର୍ଣ୍ଣ ଲାଗିବ ନା ତାର ଅଂଶ ତାଙ୍କ ଦେଶକୁ ଆଳ କରି ରପ୍ତାନୀ କରିବେ। ପୁଣି ଉପାଦିତ ଶିଳ୍ପଜାତ ଦ୍ରବ୍ୟକୁ ପୂର୍ଣ୍ଣ ଭାରତ ଭୂଖଣ୍ଡରେ ବିକ୍ରୟ ବ୍ୟବସ୍ଥା ରଖିବେ ନା ଉତ୍ପାଦିତ ବସ୍ତୁର ଅର୍ଦ୍ଧ ପ୍ରସ୍ତୁତକୁ ପୁଣି ତାଙ୍କ ଦେଶକୁ ପଠାଇ ସେଠାରୁ ଦରକାରୀ ଷ୍ଟିଲର ପୁଣି ଆମ ଦେଶକୁ ବିକ୍ରୟ କରିବେ। ଯେମିତି କମ୍ପାନୀମାନେ ଆମ ଦେଶରୁ ଲୁଣ ଧଳାକୁ ବନ୍ଦ କରି ତାଙ୍କ ଦେଶରୁ ଲୁଣ ଆଣି ଆମକୁ ବାଧ୍ୟକରି ବିକ୍ରୟ କଲେ ଆମ ମାଟିଆ ଲୁଣକୁ ସଫାକରି ବିକ୍ରୟ କରି ଧନ୍ଦା ଚାଳନା କରୁଥିଲେ। ପୁଣି ଏ ସମୟ ଅଟୋମେଟିକ ମେସିନ ବହୁ ଶ୍ରମିକଙ୍କର ବୃତ୍ତି ରନ୍ଧ କରୁଛି। ଏପରି ଅଟୋମେଟିକ ମେସିନର ଅପରେଟର ଏ ପର୍ଯ୍ୟନ୍ତ ଆମ ଦେଶରେ ବହୁତ ତିଆରି ନାହାଁନ୍ତି ଯାହା ସେମାନଙ୍କର ଦେଶର ବା ଅନ୍ୟ ରାଜ୍ୟରୁ ଏପରି ବିଶେଷଜ୍ଞ ଆସି ଆମ ରାଜ୍ୟରେ ଶିଳ୍ପ ସଞ୍ଚାଳନ କରିବେ ଫଳରେ ସ୍ଥାନୀୟ ଲୋକେ ଠିକ କର୍ମ ନିଯୁକ୍ତି ପାଇବେ ବି ?

ଅନେକ ସଂସ୍ଥା ଠିକ ଶ୍ରମିକ ବା କର୍ମଚାରୀ କିଛି ବର୍ଷ ପାଇଁ ରଖି ତାଙ୍କୁ ଛଟେଇ କରୁଛନ୍ତି। ଯୌବନକାଳର ରୋଜଗାର ବାଧା କି କଷ୍ଟକର ଅନୁଭବୀ ହିଁ ଜାଣି ପାରିବେ। ଏପରି ଅସ୍ଥାୟୀ ମୁତୟନ କରିବେ କି ? ଲୁହା କାରଖାନାକୁ ହାର୍ଡ଼କୋକ ବା ସଫ୍ଟକୋକ କୋଇଲା ନହେଲେ ଲୁହା ତରଳା ଚୁଲ୍ଲୀ ଚାଲି ପାରିବ ନାହିଁ। ଲୁହା ଯେତେ ତାପରେ ତରଳେ ବା ପଥରକୁ ଗୁଣ୍ଡକରି ତାକୁ ଚୁଲ୍ଲୀରେ ତରଳାଇ ଲୁହାପିଣ୍ଡ କାଢ଼ିବାବେଳେ ଯେ ଉତ୍ତାପ ବିକିରଣ ହେବ ତାହା ଯେଉଁଠି କାରଖାନା ହେବ ସବୁ ଋତୁରେ ବହୁଥିବା ପବନରେ ବିଭିନ୍ନ ଦିଗକୁ ଯିବ ନାହିଁ। ସ୍ଥାନ ଗରମରୁ ସ୍ଥାନର ପାଣିପାଗ ଉପରେ ପ୍ରକୃତି ଉପରେ ପ୍ରଭାବ ପଡ଼ିବ କି ନାହିଁ ? ଓଡ଼ିଶାର ସ୍ୱାଧିନତା ପୂର୍ବରୁ ଯେ ଜଳ ବାୟୁ ଥିଲା ଏବେ ସେପରି କାହିଁକି ନାହିଁ ?

ପୂର୍ବେ ଲୋକେ ଏତେ ପ୍ରକାର ରୋଗ ଭୋଗୁଥିଲେ କି ? ପ୍ରଦୂଷିତ ବାୟୁମଣ୍ଡଳ ଓ ତାପବୃଦ୍ଧି କେତେ ହିଂସା ଚିନ୍ତା ଲୋକଙ୍କୁ ଘାରୁଛି। ଏତେ ପୋଲିସ ଥିଲେ କି ? ଏତେ ଥାନା ଥିଲା କି ? କେତେ ବୃକ୍ଷ ଏବେଳରେ ଶିଳ୍ପ ନାମରେ ରାସ୍ତା ନିର୍ମାଣରେ କ୍ଷୟ ଶିଳ୍ପକୁ ରାସ୍ତା, ରେଳରାସ୍ତା ପାଇଁ କେତେ ଶସ୍ୟ କ୍ଷେତ୍ର କ୍ଷୟ ଏକଥା କଣ ବିଜ୍ଞମାନେ ଜାଣି ପାରୁନାହାଁନ୍ତି ? ଏକଦା ଗଡ଼ଜାତ ମୟୂରଭଞ୍ଜ ରାଜ୍ୟରେ ବାଦାମ ପାହାଡ଼ରେ ଲୁହା ଖଣିର ସନ୍ଧାନ ମିଳିଥିଲା। ତାହା ଟାଟା କମ୍ପାନୀଙ୍କ ଦ୍ୱାରା ନିର୍ମାଣ ହେବା ପାଇଁ ସ୍ଥାନ ଖୋଜାରେ କଣ ମୟୂରଭଞ୍ଜର ବଡ଼ ସହର ବାରିପଦା ରାଜାଙ୍କ ରାଜଧାନୀ ପାଖରେ ହୋଇପାରି ନଥାନ୍ତା। ରାଜ୍ୟରେ କଣ ଶ୍ରମିକ ନା ସ୍ଥାନ ଅଭାବ ଥିଲା ତେବେ ବିହାର, ସିଂହଭୂମର ବର୍ଗମକର ଜାମସେଦପୁରକୁ କାହିଁକି ସ୍ଥାନାନ୍ତର ହୋଇଥିଲା ? ଏବେ ବିହାରର ଭଙ୍ଗ ହୋଇ ଏବେ ଝାରଖଣ୍ଡ ରାଜ୍ୟରେ ଏବେ ଆସିଗଲାଣି। ଝାରଖଣ୍ଡ ଅର୍ଥ ବନାଞ୍ଚଳ ରାଜ୍ୟ ଯେଉଁଠି ବହୁତ ବୃକ୍ଷଲତା ଭରି ରହିଥିଲା। ଏହି କାରଖାନା ପରେ ଅନ୍ୟକ ଆନୁସଙ୍ଗିକ କାରଣରୁ ବହୁ ଜଙ୍ଗଲ ପଦା ବହୁ ପଶୁପକ୍ଷୀ ବିଲୁପ୍ତ। ଲୋକଙ୍କୁ ଅର୍ଥ ମିଳିବ ମାତ୍ର ଖାଇବା ପଦାର୍ଥ ଅନ୍ନ ଧାନ୍ୟ ପନିପରିବା ମହରଗ ହୋଇଯିବା ନିଶ୍ଚିନ୍ତ।

ଆମର କଳିଙ୍ଗ ନଗର ଶିଳ୍ପାଞ୍ଚଳ କଟକର ଉତ୍ତର ଦିଗରେ ପୁରୀ ଖୋର୍ଦ୍ଧା, ଭୁବନେଶ୍ୱର ଏ ସ୍ଥାନରୁ ଦକ୍ଷିଣରେ ଏପରିକି ବଙ୍ଗୋପସାଗର ଦକ୍ଷିଣ ପୂର୍ବ ସମ୍ମୁଦ୍ରରେ ରହିଛି। ଶିଳ୍ପାଞ୍ଚଳରେ ଧୂ ଧୂ ଜଳୁଥିବା ଚିମିନୀର ନିଆଁ ସ୍ଥାନକୁ ସର୍ବଦା ଗରମ କରୁଛି ଯାହା ବର୍ଷା ଋତୁ ଶେଷ ସେପ୍ଟେମ୍ବରରୁ ନଭେମ୍ବର ପ୍ରତ୍ୟାବର୍ତ୍ତନଶୀଳ ମୌସୁମୀ ବାୟୁ ପ୍ରବାହ ଯେଉଁ ମହାବାତ୍ୟା ସୃଷ୍ଟି କରୁଛି ଏହା ଏକ ବଡ଼ କାରଣ। ଏହି କାରଣ ସହିତ କେନ୍ଦ୍ରାପଡ଼, ଜଗତସିଂହପୁରରେ ନିର୍ମାଣକୁ ଜାପାନ ଶିଳ୍ପପତିଙ୍କୁ ଅଣାଯିବା ଯଦି ଭବିଷ୍ୟତକୁ ଏ ଅଞ୍ଚଳ ଜଳବାୟୁକୁ କ୍ଷତି ନହେବ ତାହା ଚିନ୍ତା କରାଯାଉ। ଜାପାନୀ ଦ୍ରବ୍ୟ ଆମ ଦେଶରେ ଅନେକ ଯହିଁରେ ବ୍ୟାଟ୍ରୀ ଆଇସି, ମୋବାଇଲ ଫୋନ, ଇଲେକ୍ଟ୍ରନିକ ଖେଳନା ବ୍ୟବହାର ପ୍ରତି ଘରେ ଜଳୁଥିବା ବଲବ୍ ଏମିତି ଜିନିଷ ଏକ ପ୍ରକାର ଛୋଟ ଛୋଟ ଶିଳ୍ପରେ ପ୍ରସ୍ତୁତ ପୁଣି ଏମାନଙ୍କର ଛୋଟ ଶିଳ୍ପମାନେ ପରସ୍ପର ସହଯୋଗ ଏହାକୁ ନିର୍ମାଣ କରି ଅନେକ ଲୋକଙ୍କୁ ବୃତ୍ତିରେ ରଖି ପାରୁଛନ୍ତି। ସେ ଦେଶ ୧୯୪୫ ପରେ ସମୃଦ୍ଧ ହୋଇଛି। କେବଳ ପରସ୍ପର ସହଯୋଗ ତାଙ୍କର ମୂଳ ପୁଞ୍ଜିକୁ କାରିଗରୀ ଜ୍ଞାନ କୌଶଳ ତାଙ୍କର ଦୁଇ ପ୍ରୟୋଗାତ୍ମକ ବିଦ୍ୟା ଆମର କୌଳିକ ବୃତ୍ତି ରନ୍ଧ କରି ସମସ୍ତଙ୍କୁ ବେକାର କରାଯାଇଛି।

ଶିକ୍ଷା ଖାଲି ଚାକିରୀ ପାଇଁ ଉଦ୍ଦିଷ୍ଟ। ନୂଆ ଛାଞ୍ଚରେ ଲୋକଙ୍କୁ ସେ ଦେଶ ପରି ଶିକ୍ଷା, କାରିଗରୀ ଜ୍ଞାନରେ ଦେଲେ ଶୀଘ୍ର ବେକାରୀ ହଟନ୍ତା। ଲୋକେ ସହଜରେ ଚଳି ପାରନ୍ତେ ନିଜ ଭିଟାମାଟି ଛାଡ଼ି ସ୍ଥାନାନ୍ତର ପସନ୍ଦ କରନ୍ତେ ନାହିଁ ପାରିବାରିକ ଜୀବନ ସୁଖପ୍ରଦ ହୁଅନ୍ତା। ଚାଷଜମି ଠିକ ଚାଷ ହୁଅନ୍ତା। ସରକାର ଯାନ୍ତ୍ରିକ ଦ୍ୱିଚକ୍ର ତ୍ରିଚକ୍ର ବାହାର କରି ଦ୍ୱିଚକ୍ର ସାଇକେଲକୁ ଆସ୍ତେ ଆସ୍ତେ ବନ୍ଦ କରି ଦେଲେ ତ୍ରିଚକ୍ର ରିକ୍ସା ସହରରେ କାଁ ଭାଁ ଟ୍ରାକ୍ଟର ଟ୍ରଲି ଲଗାଇ ମାଲବୁହା ଚାଲିଲାଣି। ଶଗଡ଼ ଅଦୃଶ୍ୟ, ହଳ ପାଇଁ ହଳ ଲଙ୍ଗଳ ମଇର ଦରକାର ନାହିଁ ଏଣୁ ବଳଦ ଆଉ ଦୃଶ୍ୟ ନୁହଁନ୍ତି। ଏସବୁ ପାଇଁ ପ୍ରଗତିର ବିରୁଦ୍ଧ ଆମେ ଚାହୁଁନା ଗ୍ରାମାଞ୍ଚଳ ମଟରସାଇକେଲ ସ୍କୁଟି ଅଟୋରିକ୍ସା ଟ୍ରାକ୍ଟର ପାୱାର ଟିଲର ପରି ଯାନ ମରାମତି ଶିକ୍ଷା ଦେଇ ଲୋକଙ୍କୁ ଏଥିରେ ବ୍ରତୀ କଲେ କଣ ବେକାରୀ ହଟିବ ନାହିଁ। ସମସ୍ତେ ଲୁଗା ଯାମା ପ୍ୟାଣ୍ଟ ପିନ୍ଧୁଛନ୍ତି। ଗାମୁଛା ବ୍ୟବହାର କରୁଛନ୍ତି ଏସବୁ ପ୍ରସ୍ତୁତି ନୂଆ ରୂପରେ କଣ ଗ୍ରାମରେ କରାଯାଇ ପାରିବ ନାହିଁ। କମାର କାମର ସଂସ୍କାରରେ ଗ୍ୟାସ ବିଦ୍ୟୁତର ଝଲେଇ କାମରେ କାରିଗର ସଂକ୍ଷିପ୍ତ ତାଲିମ ଦେଇ ଗ୍ରାମାଞ୍ଚଳର ଗୃହ ଉପକରଣ କଣ ପ୍ରସ୍ତୁତ କରି ହେବନାହିଁ? ଏମିତି ଅନେକ ଶିଳ୍ପ ମଧ୍ୟରେ କୃଷି ଜାତ ଦ୍ରବ୍ୟର ପ୍ରକ୍ରିୟାକରଣ। ଏହା ଗ୍ରାମେ ଗ୍ରାମେ କଣ ହୋଇପାରିବ ନାହିଁ? ଏହାଦ୍ୱାରା ସରକାର କଣ ଟିକସ ପାଇବେ ନାହିଁ। ଶ୍ରମିକ ସମସ୍ୟା ତୁଟିବ ବେକାରୀ ସମସ୍ୟା ତୁଟିଯିବ ଏହା ଚିନ୍ତାଶୀଳମାନେ ଭାବନ୍ତୁ।

‘ବରେଣ୍ୟ ବାଣୀ’ ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଇମ୍ପୋଷ୍ଟର ସିଣ୍ଡ୍ରୋମ

॥ ଡାକ୍ତର ସମ୍ରାଟ କର ॥

ସେଦିନ ସକାଳୁ ସକାଳୁ ସୁଦୂର ନୂଆଦିଲ୍ଲୀରୁ ବନ୍ଧୁ ଅବିନେଶଙ୍କ ଫୋନ ପାଇଲି। ସେ ତାଙ୍କ ସାନ ଭାଇ ସୁଜିତ କୁମାର ବିଷୟରେ କହୁଥାନ୍ତି। ସେ ଜଣେ ଭଲ ମେଧାବୀ ଛାତ୍ର, ପ୍ରତିଭାବାନ ଓ କୃତବିଦ୍ୟ ଛାତ୍ର ଭାବେ ବେଶ ପରିଚିତ। କିନ୍ତୁ ତା ଭିତରେ ଯେତେ ପ୍ରତିଭା ରହିଥିଲେ ମଧ୍ୟ ଆତ୍ମବିଶ୍ୱାସର ଢ଼ଙ୍ଗ ଦୃଢ଼ ହୋଇପାରୁନଥିବା କଥା ନେଇ ସେ ଟିକିଏ ଅନ୍ୟ ମାନଙ୍କ ପାଖରେ ସତସିଦ୍ଧ ପ୍ରମାଣ ହୋଇପାରୁନାହିଁ। ଏହି ଘଟଣା ତା ସହିତ ଆମ ସମସ୍ତଙ୍କ ପରିବାରର ଦୁଃଖ ମଧ୍ୟ ବଢ଼ି ଯାଉଛି। ମୁଁ ବନ୍ଧୁ ଅବିନେଶକୁ କହିଲି ତୁମେ ବ୍ୟସ୍ତ ହୁଅନାହିଁ, ସର୍ବପ୍ରଥମେ ଶୁଣ। ଆମେ ଜୀବନରେ ୪୦ ବର୍ଷ ପର୍ଯ୍ୟନ୍ତ ପହଞ୍ଚି ବହୁତ କିଛି ହାସଲ କରି ଦେଇଥାଉ। ତଥାପି ମଣିଷର ଆକାଂକ୍ଷା କେବେ ପୁରା ହୋଇନଥାଏ। ବରଂ ପରକୁ ପର ନୂଆ ସଫଳତା ପାଇବାକୁ ଚେଷ୍ଟା କରିଥାଉ। ଆମେ ଜାଣିଛୁ ଏହି ଦୁନିଆରେ ଉଚ୍ଚାଭିଳାଷୀଙ୍କୁ ସନ୍ତୁଷ୍ଟ କରିବା କଷ୍ଟକର କିନ୍ତୁ ସେମାନେ ମଧ୍ୟ ଗୋଟିଏ ସ୍ଥିତିରେ ପହଞ୍ଚିବା ପରେ ତାଙ୍କ ଭିତରେ ଥିବା ଉଚ୍ଚ ଅଭିଳାଷ କମିଯାଏ। ଜୀବନରେ ଟିକେ ସଫଳତା ମିଳିବା ପରେ ଆମେ ଟିକିଏ ଆତ୍ମବିଶ୍ୱାସୀ ହୋଇଥାଉ ଏବଂ ଏହା ଖରାପ ନୁହେଁ। ବରଂ ଏହା ଆମର ସାମର୍ଥ୍ୟର ଏକ ପ୍ରମାଣ ଯେ କୌଣସି ବି କାମ କରିବାକୁ ଆମ ଭିତରେ ଆତ୍ମବିଶ୍ୱାସ ଅଛି। ଆଉ ଏଥିରେ ସନ୍ଦେହ କରୁନାହୁଁ। କିନ୍ତୁ ଆମ ଭିତରୁ କିଛି ଲୋକ ଥାଆନ୍ତି ଯିଏ ପ୍ରତ୍ୟେକ ମୁହୂର୍ତ୍ତରେ ନିଜକୁ ସନ୍ଦେହ କରିଥାନ୍ତି। ସେହି ବ୍ୟକ୍ତିଙ୍କ ପାଖରେ ଜୀବନରେ ସବୁକିଛି ଥାଏ ତଥାପି ସେ ନିଜର ଦକ୍ଷତା ଉପରେ ସନ୍ଦେହ କରିଥାନ୍ତି। ନିଜ ଉପରେ କେବେ ବି ବିଶ୍ୱାସ କରିପାରନ୍ତି ନାହିଁ। ସେମାନଙ୍କ ଭିତରେ ପ୍ରତିଭା ଯେତେ ଥାଉ ନା କାହିଁକି କିନ୍ତୁ ସେମାନେ ଆତ୍ମବିଶ୍ୱାସୀ ବୋଲି ମିଛ ଢ଼ଙ୍ଗ କରନ୍ତି। ଏପରି ବ୍ୟକ୍ତିମାନେ ଏକ ପ୍ରକାର ମାନସିକ ରୋଗରେ ପୀଡ଼ିତ ଥାଆନ୍ତି। ଯାହାକୁ କୁହାଯାଇଥାଏ ଇମ୍ପୋଷ୍ଟର ସିଣ୍ଡ୍ରୋମ। ଜୀବନରେ ସବୁକିଛି ପାଇ ମଧ୍ୟ ନିଜ ଉପରେ ବିଶ୍ୱାସ ନରଖିବା ହେଉଛି ଇମ୍ପୋଷ୍ଟର ସିଣ୍ଡ୍ରୋମ।

ଏହି ମାନସିକ ରୋଗରେ ପୀଡ଼ିତ ବ୍ୟକ୍ତି ସବୁବେଳେ ନିଜ ଦକ୍ଷତା ଉପରେ ସନ୍ଦେହ କରିଥାଏ। ଏହି ମାନସିକ ରୋଗ ସେହି ଲୋକଙ୍କ ଠାରେ ଦେଖାଯାଏ, ଯେଉଁମାନେ ଜୀବନରେ ଅନେକ ସଫଳତା ହାସଲ କରିସାରିଥିବେ। ଏହା ସେହିମାନଙ୍କୁ ପ୍ରଭାବିତ କରେ ଯେଉଁମାନେ ସେମାନଙ୍କର ସଫଳତା ସ୍ୱୀକାର କରିବାକୁ ଚାହୁଁ ନଥିବେ। ସେମାନେ ନିଜକୁ ପ୍ରଶ୍ନ ପଚାରନ୍ତି ପ୍ରକୃତରେ ସେମାନେ ପ୍ରଶଂସା ପାଇବା ଯୋଗ୍ୟ କି ନାହିଁ, ସନ୍ଦେହ କରନ୍ତି। ଜଣେ ସାଧାରଣ ବ୍ୟକ୍ତି ଯଦି ଜୀବନରେ କିଛି ହାସଲ କରିଥାଏ ଲୋକମାନେ ତାଙ୍କର ପ୍ରଶଂସା କରନ୍ତି ଏବଂ ପ୍ରତିବଦଳରେ ଲୋକଟି ମନରେ ଆତ୍ମବିଶ୍ୱାସ ସୃଷ୍ଟି ହୁଏ, ଆଗକୁ ବଢ଼ିବାର ପ୍ରେରଣା ମିଳେ। କିନ୍ତୁ ଇମ୍ପୋଷ୍ଟର ସିଣ୍ଡ୍ରୋମ ରୋଗରେ ପୀଡ଼ିତ ବ୍ୟକ୍ତି ଭାବନ୍ତି ସେ ଏକ ପ୍ରକାର ଛଳନା କରୁଛନ୍ତି ଏବଂ ଏହାକୁ ସେ ତାଙ୍କ ଭାଗ୍ୟ ଯୋଗୁ ପାଇଛନ୍ତି। ଏମିତି ବ୍ୟକ୍ତି ପ୍ରତିଦିନ ଅନୁଭବ କରନ୍ତି, ସେ କିଛି ଜାଣି ନାହାନ୍ତି ଏବଂ ତାଙ୍କର ସତ ଦିନେ ନା ଦିନେ ସମସ୍ତଙ୍କ ଆଗକୁ ଆସିଯିବ। ଏହି ସିଣ୍ଡ୍ରୋମ ହେବାର ନିର୍ଦ୍ଦିଷ୍ଟ କୌଣସି କାରଣ ନାହିଁ। ବରଂ କିଛି ପରିସ୍ଥିତି ଏଥିପାଇଁ ଦାୟୀ ହୋଇଥାଏ ବୋଲି ମନସ୍ତତ୍ତ୍ୱବିଦମାନେ କୁହନ୍ତି। ପ୍ୟାରେଣ୍ଟିଙ୍ଗ ମଧ୍ୟ ଏଥିପାଇଁ ଦାୟୀ। ଯେମିତି ସ୍କୁଲରେ ଭଲ ମାର୍କ ଆଣିବା ପାଇଁ ପିଲା ଉପରେ ଅଧିକ ଚାପ ପକାଇବା, ଅନ୍ୟ ପିଲାଙ୍କ ସହିତ ତୁଳନା କରିବା, ନିୟନ୍ତ୍ରିତ ବା ଅଧିକ ପ୍ରୋଟେକ୍ଟିଭ ପରିବେଶ, ପିଲାବେଳେ ଲୋକଙ୍କ ଠାରୁ ବାରମ୍ବାର ନିଜ ବିଷୟରେ ଆଲୋଚନା ଶୁଣିବା ଏସବୁ ଇମ୍ପୋଷ୍ଟର ସିଣ୍ଡ୍ରୋମ ପାଇଁ ଦାୟୀ ହୋଇପାରେ। ଏ କ୍ଷେତ୍ରରେ ରୋଗୀକୁ ଆଦୌ ଅବହେଳା ନକରି ବା ମାନସିକ ରୋଗୀ କହି ବିରକ୍ତି କରାନ୍ତୁନାହିଁ। ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଏକ ଭଲ ରୁଟିନ ଟିଏ ତିଆରି କରନ୍ତୁ। ତାଙ୍କୁ କେବଳ ଚିକିତ୍ସା ନୁହେଁ ଏହା ସହ ଡାକ୍ତରୀ ପରାମର୍ଶ ସହ ମନସ୍ତାତ୍ତ୍ୱିକ ପ୍ରୋତ୍ସାହନ ଦିଅନ୍ତୁ ଏହା ହିଁ ତାଙ୍କ ପାଇଁ ବଡ଼ ମୂଲ୍ୟବାନ ଚିକିତ୍ସା ସାବ୍ୟସ୍ତ ହେବ।

**ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# କଳାହାଣ୍ଡି ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

କଳାହାଣ୍ଡି(ମହାଭାରତ): ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଜିଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ତନ୍ମୟ କୁମାର ଦରୱାନ,ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବଇତାରୁ ଦୀପ,ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର,ସମ୍ମାନିତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଶାନ୍ତନୁ କୁମାର ବେହେରା, ସତ୍ୟନାରାୟଣ ମହାପାତ୍ର,ଶିକ୍ଷାବିତ ଡକ୍ଟର ଉମେଶ ଚନ୍ଦ୍ର ଶତପଥି ଯୋଗଦେଇ ଜାତୀୟ ପ୍ରେସ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଚଳିତ ବର୍ଷ ଜାତୀୟ ପ୍ରେସ ଦିବସ ର ଥିମ୍ ପରିବର୍ତ୍ତନଶୀଳ ଗଣମାଧ୍ୟମ ସମ୍ପର୍କରେ ଆଲୋଚନା କରାଯାଇଥିଲାୟ ଏକ ସଶକ୍ତ ଓ ସୁଦୃ ଗଣତନ୍ତ୍ର ରେ ପ୍ରେସ ର ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲାର ସର୍ବାଙ୍ଗୀନ ଉତ୍ତତି ଓ ବିକାଶ କ୍ଷେତ୍ରରେ ଜନସାଧାରଣଙ୍କ ହିତରେ ଗଣମାଧ୍ୟମ ର ପ୍ରମୂଖ ଭୂମିକା ରହିଥିବା ସମ୍ପର୍କରେ ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ର ସଫଳ ପ୍ରତିଯୋଗି ମାନଙ୍କୁ ଜିଲ୍ଲାପାଳଙ୍କ ଦ୍ୱାର ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲାୟ ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ଗଣମାଧ୍ୟମ ର ପ୍ରତିନିଧି ପ୍ରମୁଖ ଯୋଗଦେଇ ଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ ଏବଂ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ନୟାଗଡରେ ମାଣ୍ଡିଆ ବଣ୍ଟନରେ କେଁ

# ୭୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଙ୍କୁ ଆଦୌ ମିଳିନି



ନୟାଗଡ଼, ( ମହାଭାରତ ) : ରାଜ୍ୟରେ ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ସରକାର ମିଲେଟ୍ ମିସନ ଉପରେ ଗୁରୁ ଦେବା ସହ ଖାଉଟିଙ୍କୁ ମାଣ୍ଡିଆ ଯୋଗାଇ ଦେବା ପାଇଁ ଯୋଜନା କରିଛନ୍ତି ।ଫଳରେ ପ୍ରତ୍ୟେକ ରାସନ କାର୍ଡ ପିଛା ହିତାଧିକାରୀଙ୍କୁ ଦୁଇକେଜି ମାଣ୍ଡିଆ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିଲେ । ଅନୁରୂପ ଭାବେ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏ ନେଇ ପଦକ୍ଷେପ ମଧ୍ୟ ନିଆଯାଇଥିଲାୟ ମାତ୍ର ବର୍ତ୍ତମାନ ୭୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ଆଦୌ ମାଣ୍ଡିଆ ମିଳିନଥିବା ବେଳେ ଅନ୍ୟ ମାନଙ୍କୁ କେବଳ ନାଁ କୁ ମାତ୍ର ମିଳିଛି । ଫଳରେ ମାଣ୍ଡିଆକୁ ନେଇ ଜିଲ୍ଲା ବ୍ୟାପି ହିତାଧିକାରୀ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖା ଦେଇଛି । ମିଳିଥିବା ସୂଚନା ମୁତାବକ, ଜିଲ୍ଲାରେ ମୋଟ୍ ୨ ଲକ୍ଷ ୨୨ ହଜାର ୧୦ ଜଣ ରାସନକାର୍ଡ ହିତାଧିକାରୀ ରହିଛନ୍ତିୟ ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୨୯ ହଜାର ୪୧୪ ଜଣ ହିତାଧିକାରୀଙ୍କୁ ମାଣ୍ଡିଆ ମିଳିଛି । ସେମାନଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ଦୁଇକେଜି ଲେଖାଏଁ ମାଣ୍ଡିଆ ମିଳିନାହିଁ । ଜିଲ୍ଲାକୁ ଯେତିକି ମାଣ୍ଡିଆ ଆସିଥିଲା ପ୍ରତ୍ୟେକ ବ୍ଲକ୍ରେ ହିତାଧିକାରୀ ମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଛି । ସେମାନଙ୍କୁ ସମ୍ପୂର୍ଣ୍ଣ ଦୁଇକେଜି ଲେଖାଏଁ ମାଣ୍ଡିଆ ମିଳିନଥିବା ବେଳେ ଅନ୍ୟ ହିତାଧିକାରୀ ମାନଙ୍କୁ ଆଦୌ ମିଳିନାହିଁ । ଫଳରେ ଏହାକୁ ନେଇ ବିବାଦ ଏବେ ବଢ଼ିବାରେ ଲାଗିଛି । ଯଦି ପର୍ଯ୍ୟାପ୍ତ ପରିମାଣରେ ମାଣ୍ଡିଆ ନଥିଲା, ତେବେ ସରକାର କାହିଁକି ଏମିତି ନିଷ୍ପତ୍ତି ନେଲେ ବୋଲି ହିତାଧିକାରୀ ମାନେ ପ୍ରଶ୍ନ ଉଠାଇଛନ୍ତି । ଏହାସହ ବିଭାଗୀୟ ଅଧିକାରୀ ମାନେ କେବେ ମାଣ୍ଡିଆ ମିଳିବ, ଏହାର ଉତ୍ତର ମଧ୍ୟ ଠିକ୍ ଭାବେ ଦେଇ ପାରୁନାହାନ୍ତି । ଫଳରେ ଆଉ ମାଣ୍ଡିଆ ଆସିବ କି ନାହିଁ, ଏହାକୁ ନେଇ ସମସ୍ତଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି । ଏ ନେଇ ଜିଲ୍ଲା ଯୋଗାଣ ଅଧିକାରୀ ବ୍ରଜେନ୍ଦ୍ର ମହାନ୍ତି କହିଛନ୍ତି ଯେଉଁ ହିତାଧିକାରୀ ମାନେ ପ୍ରଥମେ ଆସିବେ, ସେମାନଙ୍କୁ ମାଣ୍ଡିଆ ବଣ୍ଟନ କରାଯିବୟ ଯେହେତୁ ଜିଲ୍ଲାକୁ ପର୍ଯ୍ୟାପ୍ତ ପରିମାଣରେ ମାଣ୍ଡିଆ ଆସିନଥିଲା, ସେଥିପାଇଁ ସମସ୍ତଙ୍କୁ ଅଳ୍ପ ଅଳ୍ପ ପରିମାଣରେ ଦିଆଯାଇଛ । ମାଣ୍ଡିଆ ଆସିଲେ ବାକି ଥିବା ହିତାଧିକାରୀ ମାନଙ୍କୁ ଏହାକୁ ପ୍ରଦାନ କରାଯିବ । ସେଥିପାଇଁ ସରକାରଙ୍କୁ ଚିଠି ଲେଖାଯିବ । ଏଣୁ ଖୁବଶୀଘ୍ର ଜିଲ୍ଲାରେ ମାଣ୍ଡିଆ ଉପଲବ୍ଧ ହେବ ବୋଲି ଆଶା କରାଯାଉଛି ।

# ସରାସବିଲା ଆଶ୍ରମ ବିଦ୍ୟାଳୟ ରେ ୧୫୦ ତମ ର୍ବିସାମୁଣ୍ଡା ଜୟନ୍ତୀ ପାଳିତ

ଉଦଲା ( ମହାଭାରତ )-ସରାସବିଲା ଆଶ୍ରମ ବିଦ୍ୟାଳୟ ରେ ବୀର ର୍ବିସା ମୁଣ୍ଡା ଙ୍କ ୧୫୦ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଇତି ଅବସରରେ ବିଦ୍ୟାଳୟ ରେ ପେରେଣ୍ଟସ ଆଣ୍ଡ ପାଟନର୍ସ ବୈଠକ ମଧ୍ୟ ଆୟୋଜନ ହୋଇଥିଲା । ବୈଠକ ଦିବା ଦଶ ଘଟିକା ସମୟ ରେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ସୁଜାତା ଦାସ ଙ୍କ ଓଧକ୍ଷତାରେ ଏହି ବୈଠକ ରେ ବିଭିନ୍ନ ବିଭାଗ ରୁ ଆସିଥିବା ଅଧିକାରୀ ମାନଙ୍କୁ ନେଇ ବୈଠକ ଆରମ୍ଭ କରାଯାଇଥିଲା । ଶିକ୍ଷକ ଅଭିମୋନ୍ୟୁ ପ୍ରଧାନ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତି ଦାସ ବୀର ର୍ବିସା ମୁଣ୍ଡା ଙ୍କ ର ସ୍ମୃତି ଚାରଣ କରିବା ସହ ବିଭିନ୍ନ ବିଭାଗ ରୁ ଆସିଥିବା ଅତିଥି ମାନେ ର୍ବିସା ମୁଣ୍ଡା ଙ୍କ ପଟ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ପଞ୍ଚାୟତ ରାଜ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ରାଜସ୍ୱ ବିଭାଗ ଏବଂ ମିଶନ ଶକ୍ତି ବିଭାଗ ର ଅଧିକାରୀ ମାନେ ଉପସ୍ଥିତ ରହି ସେମାନଙ୍କ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ପାଇଁ ସରକାର ଙ୍କ ପକ୍ଷରୁ ମିଳୁଥିବା ଯୋଜନା ଏବଂ ତାର କାର୍ଯ୍ୟ କାରିତା ଉପରେ ଉପସ୍ଥିତ ଥିବା ଅଭିଭାବକ ଏବଂ ଛାତ୍ର ଛାତ୍ରୀ ମାନଙ୍କୁ ସୂଚନା ପ୍ରଦାନ କରିଥିଲେ । ଉପସ୍ଥିତ ଥିବା ଅଭିଭାବକ ତରଫରୁ ମଧ୍ୟ ସ୍କୁଲ ସମ୍ବଧୀୟ ଅନୁଭୂତି ଓ ପରାମର୍ଶ ଗ୍ରହଣ କରାଯାଇଥିଲା । ଏହାପରେ ବିଦ୍ୟାଳୟ ର ପିଲାମାନଙ୍କ ଦ୍ୱାରା ଜୀବନ କୌଶଳ ଆଧାରିତ ଏକ କ୍ଷୁଦ୍ର ନାଟକ ପଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମ କୁ ଆସିଥିବା ସମସ୍ତ ବିଭାଗ ର ଅଧିକାରୀ ଏବଂ ଅଭିଭାବକ ମାନଙ୍କୁ ଏହି କାର୍ଯ୍ୟକ୍ରମ ରେ ଯୋଗଦାନ କରିଥିବାରୁ ସ୍କୁଲ ର ଶିକ୍ଷକ ମୁକେଶ ରଣା ଧନ୍ୟବାଦ ଅର୍ପଣ କରିବା ସହ ସଭା କାର୍ଯ୍ୟ ସମାପ୍ତ କରାଯାଇଥିଲା । ଅନ୍ୟ ମାନଙ୍କ ମଧରେ ଚନ୍ଦ୍ରକ୍ଷବତୀ ମଢେଇ, ବାସନ୍ତୀ ହାଁସଦା, ସଂଯୁକ୍ତା ବେହେରା ଙ୍କ ସହ ବିଦ୍ୟାଳୟ ର ସମସ୍ତ ଅଣଶିକ୍ଷକ କର୍ମଚାରି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଶରଧାପୁର ପଞ୍ଚାୟତ ରେ ରାଜନୈତିକ ଶତ୍ରୁତା ରୁ ଗୋଷ୍ଠୀ କନ୍ଦଳ ସରପ□ଙ୍କ ସ୍ୱାମୀ ଏବଂ ସମିତି ସଭ୍ୟଙ୍କ ମଧ୍ୟରେ ହଣାକଟା

ନୟାଗଡ଼, ( ମହାଭାରତ ) : ଶରଧାପୁର ସରପଞ୍ଚଙ୍କ ସ୍ୱାମୀ ଏବଂ ସମିତି ସଭ୍ୟଙ୍କ ମଧ୍ୟରେ ହଣାକଟାୟ ରାଜନୈତିକ ଶତ୍ରୁତା କାରଣରୁ ହଣାକଟା ହୋଇଥିବା ନେଇ ଅଭିଯୋଗ ହୋଇଛି । ଉଭୟଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତରୟ ଗୁରୁତର ହେଲେ ସରପ□ଙ୍କ ସ୍ୱାମୀ ସନ୍ତୋଷ ମୁଦୁଲି ଏବଂ ସମିତିସଭ୍ୟ ସୁଜିତ ପ୍ରଧାନ । ଶରଧାପୁର ପଞ୍ଚାୟତ ସରପଞ୍ଚ ବିଜେଡି ହୋଇଥିବା ବେଳେ ସମିତି ସଭ୍ୟ ବିଜେପି ବୋଲି ଜଣାପଡିଛି । ଇଟାମାଟି ଥାନା ଶରଧାପୁର ଗ୍ରାମର ଏହି ଘଟଣା । ଆଜି ସନ୍ତୋଷଙ୍କ ଘର ବାରିପଟେ ଛିଡା ହୋଇଥିବା ବେଳେ ସୁଜିତ ଓ ତାଙ୍କ ସମର୍ଥକ ମାନେ ହଠାତ୍ ଆସି ସନ୍ତୋଷଙ୍କୁ ଖଣ୍ଡା ଏବଂ ଠେଙ୍ଗାରେ ଆକ୍ରମଣ କରିଥିବା ସନ୍ତୋଷଙ୍କ ସମର୍ଥକ ମାନେ କହିଛନ୍ତି । ଖଣ୍ଡା ରେ ଆକ୍ରମଣ ଯୋଗୁଁ ସନ୍ତୋଷଙ୍କ ମୁଣ୍ଡ ଓ ବେକରେ ଗଭୀର ଆଘାତ ଲାଗିଥିବା ସମର୍ଥକ ମାନେ ଅଭିଯୋଗ କରିଛନ୍ତି । ଘଟଣାକୁ ନେଇ ନୟାଗଡ଼ ସରପ□ ସଂଘ ଅସନ୍ତୋଷ ପ୍ରକାଶ କରିବା ସହ ପୁଲିସ ଏହା ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛି । ଅନ୍ୟପକ୍ଷରେ, ସମିତି ସଭ୍ୟ ସୁଜିତ ଭୁବନେଶ୍ୱରରୁ ଫେରି ଗାଁ ଦାଣ୍ଡରେ ଛିଡା ହୋଇଥିବା ବେଳେ ସନ୍ତୋଷଙ୍କ ସମର୍ଥକ ମାନେ ସୁଜିତ୍ ଙ୍କୁ ଆକ୍ରମଣ କରିଥିବା ସନ୍ତୋଷଙ୍କ ସମର୍ଥକ ମାନେ କହିଛନ୍ତି । ଘଟଣାକୁ ନେଇ ଗାଁରେ ଉ□ଜନା ଲାଗି ରହିଥିବା ବେଳେ ଇଟାମାଟି ଥାନା ପୁଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ଗୋଲାମୁଣ୍ଡା ରେ ଜିଲା ସ୍ତରୀୟ ଜାତୀୟ ପ୍ରେସ ଦିବସ

ଜୁନାଗଡ଼ / ମହାଭାରତ: କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଶନିବାର ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛ । କଳାହାଣ୍ଡି ଜିଲ୍ଲା ସାମ୍ବାଦିକ ୟୁନିୟନ (ଓୟୁଜେ)ପକ୍ଷରୁ ଏହାକୁ ଆୟୋଜନ କରାଯାଇଥିଲା । ଜିଲ୍ଲା ସଭାପତି କମ୍ବୁପାଣି ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ,ମୁଖ୍ୟ ଅତିଥି , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ମୁଖ୍ୟ ବକ୍ତା ,ସ୍ୱତନ୍ତ୍ର ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ,ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶ,ଧର୍ମଗଡ଼ ଉପଜିଲ୍ଲାପାଳ ଧୀମାନ ଚକମା,ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ,ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲ,ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଇଙ୍ଗିତ ପଣ୍ଡା,ବରିଷ୍ଠ ସାମ୍ବାଦିକ ସ୍ୱାଧୀନ ପାତ୍ର ପ୍ରମୁଖ ଯୋଗଦେଇଥିଲେ । ଜିଲାର ବିକାଶ ପାଇଁ ଖବରଦାତା ମାନଙ୍କ ସହଯୋଗ ଓ ଖବର ପରିବେଷଣ ଆବଶ୍ୟକ ଉପରେ ଜିଲାପାଳ କହିଥିଲେ ।ସେହିପରି ସାମ୍ବାଦିକ ସୁରକ୍ଷା ଆଇନ,ପେନସନ ୟସ୍ଥା ଆଦି ଉପରେ ସରକାରଙ୍କ ଉପରେ ଦାବି କରାଯାଇଥିଲା । ମଞ୍ଚକୁ ସଙ୍ଗଠନ ସଂପାଦକ ଅଂଶୁମାନ ପାତ୍ର ପରିଚାଳନା କରିଥିବାବେଳେ ଜିଲା ସାଧାରଣ ସମ୍ପାଦକ ସନ୍ତୋଷ ସିଂଦେଓ ବାର୍ଷିକ ବିବରଣୀ ପରିଚାଳନା କରିଥିଲେ । ଏହି ଅବସରରେ ସାମ୍ବାଦିକ ଖଗେଶ୍ୱର ଡଂଗଡା ମାଝୀ ଙ୍କୁ ବୃନ୍ଦାବନ ମିଶ୍ର ସ୍ମୃତି ,କ୍ଷମା ନିଧି ମହାକୁଡ଼ ଯୁବ ପ୍ରତିଭା ,ବିନ୍ଦୁ ମହା ନନ୍ଦ ଜିଲ୍ଲା ପ୍ରତିଭୟ,ପ୍ରଦୀପ ସାହୁ ମହମ୍ମଦ ଅସଲମ ସୃତି, ଓ ରବୀନ୍ଦ୍ର କୁମାର ମିଶ୍ର ବିଜୟ ଦିବେଦୀ ଶୃତି ସମ୍ମାନ ,ଶ୍ରେଷ୍ଠ ସରପଂଚ ନୌକଶ୍ୱର ପଟେଲ, ଅନ୍ୟ ମାନଙ୍କ ମଧ୍ୟରେ ପିଇଓ ପ୍ରଶାନ୍ତ ନାଏକ ଓ ଅଲେଖ ସା,ଓ ସମିତି ସଭ୍ୟ ଦୁର୍ଗେ ସ୍ୱର ସାହୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ କଳାହାଣ୍ଡି ଜିଲ୍ଲା ବିଭିନ୍ନ ବ୍ଲକ ରୁ ବହୁ ସାମ୍ବାଦିକ ସାମିଲ ହୋଇଥିଲେ । ସମସ୍ତ କାର୍ଯ୍ୟକ୍ରମ କୁ ଗୋଲାମୁଣ୍ଡା ବ୍ଲକ ର ସମସ୍ତ ସାମ୍ବାଦିକ ପରିଚାଳନା ରେ ସହଯୋଗ କରିଥିଲେ ।

## ସୂଚନା ଅଧିକାର କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

# ପୁରୀରୁ ବନ୍ଧାହେଲେ ଦୁଇ ଅଭିଯୁକ୍ତ

ଅସ୍ତରଙ୍ଗ (ମହାଭାରତ): ମହାଭାରତ -ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ ଶିଶୁଅ ଗ୍ରାମର ସୂଚନା ଅଧିକାର କର୍ମୀ କାର୍ତ୍ତିକ କୁମାର ପରିଡା ତାଙ୍କର ଛକ ନିକଟକୁ ଘରପାଇଁ କିଛି ସାମଗ୍ରୀ କିଣିବାକୁ ଯାଇଥିଲେ ପୂର୍ବ ପ୍ରସ୍ତୁତି ଅନୁସାରେ ସେଠାରେ ସେହି ଗ୍ରାମର ରମେଶ ଭଟ୍ଟ ଏବଂ ଟୁଟୁନା ସ୍ୱାଇଁ କାର୍ତ୍ତିକଙ୍କୁ କଟୁରୀ ଓ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣକରି ଲହୁଲୁହାଣ କରିବା ସହ ସେଠାରୁ ଚମ୍ପଟ ମାରିଥିଲେ ଘଟଣା ସ୍ଥାନରେ କାର୍ତ୍ତିକଙ୍କର ମୁଣ୍ଡଫାଟି ରକ୍ତଶ୍ରାବ ହେବାସହ ସେଠାରେ ସେ ଚେତାଶୂନ୍ୟ ହୋଇଯାଇଥିଲେ କିଛି ବ୍ୟକ୍ତି ତାଙ୍କୁ ଉଦ୍ଧାରକରି ଅସ୍ତରଙ୍ଗ ମେଡିକାଲ ପଠାଇ ଥିଲେ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ କାର୍ତ୍ତିକଙ୍କୁ ରେଫର କରିଥିଲେ । ଏନେଇ ଅସ୍ତରଙ୍ଗ ଥାନାରେ ଏକ ଅଭିଯୋଗ କରାଯାଥିଲା ଘଟଣା ଘଟାଇବା ପରେ ରମେଶ ଭଟ୍ଟ ପୁରୀରେ ନିଜ ଶଶୁର ଘରେ ତାର ସହଯୋଗୀ ଟୁଟୁନା ସ୍ୱାଇଁ ସହ ଆତ୍ମଗୋପନ କରିଥିଲା ଗଣମାଧ୍ୟମ ପ୍ରତିନିଧି ଏ ସଂକ୍ରାନ୍ତ ରେ ଅନୁଧ୍ୟାନ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିବା ସହ, ପୁରୀରେ ନିଜ ଶଶୁରଘରେ ଆତ୍ମଗୋପନ କରିଥିବା ରମେଶ ଓ ତାର ସହଯୋଗୀ ଟୁଟୁନାକୁ ଗିରଫ କରି କୋର୍ଟ ଚାଲାଣ କରିଛି ଦୁଇଜଣ ଅଭିଯୁକ୍ତ ସ୍ଥାନୀୟ ସରପ□ଙ୍କ ଖାସ ଲୋକ ହୋଇଥିବା ବେଳେ ଏକ ନିର୍ଦ୍ଦିଷ୍ଟ ଦଳର ଆଗଧାଡିର କର୍ମୀ ଅଟନ୍ତି ପ□ାୟତରେ ବିଭିନ୍ନ ଦୁର୍ନୀତିକୁ ନେଇ କାର୍ତ୍ତିକ ପରିଡା ସୂଚନା ଅଧିକାର ଆଇନ ଦ୍ୱାରା ତଥ୍ୟ ଲୋକ ଲୋଚନଙ୍କୁ ଆଣିବା ସହ ଦୁର୍ନୀତିଖୋର ନେତା ଓ ଅଫିସର ମାନଙ୍କ ଅସଲମୁଖା ସାମ୍ନାକୁ ଆଣିଥାନ୍ତି ସେଥିପାଇଁ ଦୁର୍ନୀତି ଖୋର ନେତାଙ୍କ ପ୍ରରୋଚନା ରେ ଏହି ଦୁଇଜଣ ବ୍ୟକ୍ତି ଏହିଭଳି କାଣ୍ଡ ଭିଆଇଥିବା ଅନୁମାନ କରାଯାଉଛି । ଏହି ଘଟଣାକୁ ନେଇ ସୂଚନା ଅଧିକାର ଅଭିଯାନର ରାଜ୍ୟ ଆବାହକ ଶ୍ରୀ ପ୍ରଦୀପ ପ୍ରଧାନ ଏହାକୁ ନିନ୍ଦା କରିବା ସହ ବିଭିନ୍ନ ବୁଦ୍ଧିଜୀବୀ ଓ ସୂଚନା ଅଧିକାରୀ କର୍ମୀଙ୍କ ମହଲରେ ନିନ୍ଦା କରାଯାଇଛି ।

# ନୂଆପଡ଼ା ସଦଭାବନା ଗୃହରେ ଜାତୀୟ ପ୍ରେସ ଦିବସ

ଖଡ଼ିଆଲ:(ମହାଭାରତ) ନୂଆପଡା ଜିଲ୍ଲା ସ୍ଥାନୀୟ ସଦଭାବନା ସଭାଗୃହରେ ସୂଚନା ଓ ଲୋକସମ୍ପର୍କ ବିଭାଗ ନୂଆପଡା ଦ୍ୱାରା ଜାତୀୟ ପ୍ରେସ ଦିବସ ପାଳନ ହୋଇଯାଇଛ । ଏହି କାର୍ଯ୍ୟକ୍ରମ ରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର,ବନ୍ୟପ୍ରାଣୀ ବିଭାଗୀୟ ବନଖଣ୍ଡ ଅଧିକାରୀ ମହାଦେବ ବଡ଼ାଇ ଥିବାବେଳେ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଫଣୀନ୍ଦମ ଦେଓ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇଥିଲେୟ ଏହି ପ୍ରେସ ଦିବସ ପାଳନ ଅବସରରେ ଗଣମାଧ୍ୟମ ର ପରିବର୍ତ୍ତନଶୀଳ ସ୍ୱରୂପ ବିଷୟ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥିବୃନ୍ଦ ଗଣମାଧ୍ୟମ ର ପରିବର୍ତ୍ତନଶୀଳ ସ୍ୱରୂପ ଉପରେ ବିଭିନ୍ନ ମତାମତ ଦେବାସହ ସାମ୍ବାଦିକ ମାନଙ୍କ ସ୍ୱାଧୀନତା ଓ ଅଧିକାର ଉପରେ ଅବଗତ କରାଇଥିଲେ ପରେ ଗଣମାଧ୍ୟମ ପ୍ରତିନିଧିମାନେ ନିଜ ନିଜର ମତାମତ ଉପସ୍ଥାପନା କରିଥିଲେ ।

# ଛତିଆ ମିନିଷ୍ଟାଡିୟମ୍ ରେ ଜିଲ୍ଲା ଫୁଟବଲ୍ ଟେନିସ୍ ଉଦ୍ଘାଟନ

ବଡଚଣା (ମହାଭାରତ) ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ସୋଲର ମିନି ଷ୍ଟାଡିୟମ୍ ରେ ଜିଲ୍ଲା ଫୁଟବଲ୍ ଟେନିସ୍ ସଙ୍ଗ ପକ୍ଷରୁ ଉଦ୍ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଫୁଟବଲ୍ ଟେନିସ୍ ସଙ୍ଗର ସାଧାରଣ ସମ୍ପାଦକ ମହମ୍ମଦ ଜିଆଉଦିନ୍ ଯୋଗ ଦେଇଥିଲେୟ ଉଦ୍ଘାଟକ ଭାବେ ଛତିଆ ଗ୍ରାମପଞ୍ଚାୟତ ର ସରପ□ ରମେଶ ପୃଷ୍ଟୀ ଯୋଗଦେବା ସହ ସୁବର୍ଣ୍ଣ ଫଳ ବାଡେଇ ଯାଜପୁର ଜିଲ୍ଲା ଫୁଟବଲ୍ ଟେନିସ୍ ପ୍ରଥମ ସ୍ଥାନ ହାସଲ କରିବ ବୋଲି ନିଜ ବକ୍ତବ୍ୟ କହିଥିଲେ । ସମ୍ମାନିୟ ଅତିଥି ସୋଲର ସରପ□ ବିଜୟ କୁମାର ସ୍ୱାଇଁ, ମାଧବ ଚନ୍ଦ୍ର ମହାପାତ୍ର, ସହଦେବ ରାଉତ, ଉମାକାନ୍ତ ପୃଷ୍ଟୀ, ନାରାୟଣ ମଲ୍ଲିକ, ପ୍ରତାପ କୁମାର ଆଚାର୍ଯ୍ୟ , ଶେଖ୍ ସାଫିକ୍ ଉଦିନ୍, ଶରତ ପାଣିଗ୍ରାହୀ, ପ୍ରମୁଖ ଯୋଗ ଦେଇଥିଲେ । ଏହି ମିନି ଷ୍ଟାଡିୟମ୍ ରେ କଟକ, ବଡଚଣା, ବରୀ, ଛତିଆ ଟିମ୍ ଫୁଟବଲ୍ ଟେନିସ୍ ଖେଳାଳି ଉପସ୍ଥିତ ଥିଲେ ।

# ଯୋଡ଼ା ପ୍ରେସ ପକ୍ଷରୁ ଜାତୀୟ ଗଣତନ୍ତ୍ର ଦିବସ ପାଳିତ

ଯୋଡ଼ା ( ମହାଭାରତ ) :: ଆଜି ଜାତୀୟ ଗଣତନ୍ତ୍ର ଦିବସ । ଏହି ଦିନଟିକୁ ସମଗ୍ର ଭାରତବର୍ଷରେ ସାମ୍ବାଦିକ ବନ୍ଧୁମାନେ ଅତି ଆଡମ୍ବର ସହକାରେ ପାଳନ କରିଥାନ୍ତି । କେନ୍ଦୁଝର ଜିଲ୍ଲାର ଉପାନ୍ତ ତଥା ଖଣିଖାଦାନ ଭରା ଯୋଡ଼ା ସହରରେ ଥିବା ଅଗ୍ରଣୀ ସାମ୍ବାଦିକ ସଂଘ ଯୋଡ଼ା ପ୍ରେସ ପକ୍ଷରୁ ମହା ଆଡମ୍ବରରେ ପାଳନ କରାଯାଇଛି । ପ୍ରାତଃ ସମୟରେ ଯୋଡ଼ା ଅଂଚଳର କାର୍ଯ୍ୟରତ ସାମ୍ବାଦିକ , ଯୋଡ଼ା ନଗରପାଳ ଜଗଦୀଶ ପ୍ରସାଦ ସାହୁ ଓ ବିଭିନ୍ନ କମ୍ପାନୀ ଅଧିକାରୀ ଯୋଡ଼ା ବସଷ୍ଟାଣ୍ଡ ଠାରେ ଏକତ୍ରିତ ହୋଇ ପ୍ରଭାତଫେରି କରିବା ସହିତ ସହରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ଯୋଡ଼ା ବାଚୁହାଟିଙ୍ଗ ଠାରେ ଥିବା ବୃଦ୍ଧା ଆଶ୍ରମକୁ ଯାଇ ସେଠାରେ ଥିବା ଅନ୍ତେବାସୀ ମାନଙ୍କୁ ମିଷ୍ଟାନ୍ନ ସହିତ ବସ୍ତ୍ର ପ୍ରଦାନ କରି ଆଶିର୍ବାଦ ଭିକ୍ଷା କରିଥିଲେ ୟ ସନ୍ଧ୍ୟା ୭ ଘଟିକା ସମୟରେ ଯୋଡ଼ା ୱେଷ୍ଟ ଅଡିଟୋରିୟମରେ ଠାରେ ଯୋଡ଼ା ପ୍ରେସର ସଭାପତି ପ୍ରକାଶ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା ।

# ଅନ୍ୟ ତିନି ସ୍ତମ୍ଭ ତୁଳନାରେ ଗଣମାଧ୍ୟମ ସାଧାରଣ ଲୋକଙ୍କ ପାଇଁ ପ୍ରଭାବଶାଳୀ

ଖୋର୍ଦ୍ଧା:(ମହାଭାରତ) ଦେଶ ସ୍ୱାଧୀନତା ପରେ ୧୯୬୬ମସିହା ନଭେମ୍ବର ମାସ ୧୬ତାରିଖରେ ଯେତେବେଳେ ପ୍ରେସ କାଉନସିଲ ଅଫ ଇଣ୍ଡିଆ ପ୍ରତିଷ୍ଠା ହୋଇଥିଲା ଏବଂ ଦେଶରେ ତାର କାର୍ଯ୍ୟ ଆରମ୍ଭ କରିଥିଲା, ସେହି ଦିନକୁ ଜାତୀୟ ପ୍ରେସ ଦିବସ ପ୍ରଥମେ ପାଳନ କରାଯାଇଥିଲା । ସ୍ୱାଧିନ ଦେଶରେ ଗଣମାଧ୍ୟମର ସ୍ୱାଧୀନତା ଏବଂ ନିର୍ଭୀକତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଶାସନ ବ୍ୟବସ୍ଥା ଏବଂ ସାଧାରଣ ନାଗରିକ ମଧ୍ୟରେ ଥିବା ପାର୍ଥକ୍ୟକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଏହା ସହିତ ବ୍ୟବସ୍ଥାରେ ଥିବା ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରେ ଏବଂ ସମସ୍ୟାର ସମ୍ଭାବ୍ୟ ସମାଧାନ ମଧ୍ୟ ବାହାର କରିବାରେ ସହାୟକ ହୋଇଥାଏ । ଏଥିପାଇଁ ଗଣମାଧ୍ୟମକୁ ଯାହା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଆଖ୍ୟା ମିଳିଛି । ଦେଶରେ ପ୍ରଶାସନିକ ବ୍ୟବସ୍ଥା, ବିଧାନସଭା ଏବଂ ନ୍ୟାୟପାଳିକା ପରି ଗଣତନ୍ତ୍ରର ଅନ୍ୟ ତିନି ସ୍ତମ୍ଭ ତୁଳନାରେ ଗଣମାଧ୍ୟମର ପ୍ରଭାବ ସାଧାରଣ ଲୋକଙ୍କ ପାଇଁ ପ୍ରଭାବଶାଳୀ ତଥା ଏହାର ଅଂଶଗ୍ରହଣ ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ଏହାର ଏକ ପ୍ରମୁଖ ଭୂମିକା ରହିଛି । ସେଥିପାଇଁ ୧୯୬୬ମସିହା ଠାରୁ ଦୀର୍ଘ ୫୮ବର୍ଷ ଧରି ସାମ୍ବାଦିକତାର ଭୂମିକାକୁ ଗୁରୁ ଦେଇ ଦେଶର ବିଭିନ୍ନ ସ୍ଥାନରେ ନଭେମ୍ବର ୧୬ତାରିଖକୁ ଜାତୀୟ ପ୍ରେସ୍ ଦିବସ ରୂପେ ପାଳନ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ସାମ୍ବାଦିକ ଭବନ ପରିସରରେ ଜ଼ିଲ୍ଲା ପ୍ରେସ କ୍ଲବ ଖୋର୍ଦ୍ଧା , ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ , ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ ଏବଂ ଉତ୍କଳ ସାମ୍ବାଦିକ ସଙ୍ଘ ଖୋର୍ଦ୍ଧା ଜ଼ିଲ୍ଲା ଶାଖା ପକ୍ଷରୁ ମିଳିତ ଭାବରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଜ଼ିଲ୍ଲା ପ୍ରେସ କ୍ଲବର ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରଶାସନରେ କାର୍ଯ୍ୟରତ ଅତିରିକ୍ତ ଜ଼ିଲ୍ଲାପାଳ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ବେଉରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଦେଇଥିବା ବେଳେ ଜ଼ିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟଙ୍କ ସହିତ ଭାରପ୍ରାପ୍ତ ଜ଼ିଲ୍ଲା ମୁଖ୍ୟ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଜୀବନ୍ତ ଆଚାର୍ଯ୍ୟ, ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ,ସଞ୍ଜୟ ନାୟକ ଏଂ ଭାରତୀୟ ସେନାବାହିନୀର ଅବସରପ୍ରାପ୍ତ କର୍ଣ୍ଣେଲ ଅରୁଣ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ । ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ଖୋର୍ଦ୍ଧା ଶାଖାର ଜ଼ିଲ୍ଲା ସଭାପତି ତପନ କୁମାର ନାୟକ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘର ଖୋର୍ଦ୍ଧା । ଜ଼ିଲ୍ଲା ସଭାପତି ପ୍ରକାଶ କୁମାର ହାତୀ ଏକ ଉତ୍କଳ ସାମ୍ବାଦିକ ସଙ୍ଘର ଖୋର୍ଦ୍ଧା । ଜ଼ିଲ୍ଲା ସଭାପତି ଅବ୍ୟକ୍ତ ହରି ହର ଖାଡ଼ଙ୍ଗା ପ୍ରମୁଖଙ୍କ ମିଳିତ ସହଯୋଗ ଆୟୋଜିତ କାର୍ଯ୍ୟକ୍ରମକୁ ଆହୁରି ସରସ ସୁନ୍ଦର କରିବାରେ ସହାୟକ ହୋଇଥଲା । ଶ୍ରୀଯୁକ୍ତ ସାମନ୍ତରାୟ ଜ଼ିଲ୍ଲା ପ୍ରେସ କ୍ଲବ ଗଠନର ଆଭିମୁଖ୍ୟ ଏବଂ ବିଗତ ଦିନରେ ଜ଼ିଲ୍ଲା ପ୍ରେସ କ୍ଲବ ପକ୍ଷରୁ କରା ଯାଇଥିବା ବିଭିନ୍ନ ସମାଜ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ ଗୁଡିକ ସମ୍ପର୍କରେ ସୂଚନା ଦେଇଥିଲେ ।

# ଭାଲୁ ଆକ୍ରମଣରେ ଚାଷୀ ଗୁରୁତର

କରଞ୍ଜିଆ,(ମହାଭାରତ) ଭାଲୁ ଆକ୍ରମଣରେ ଜଣେ ଚାଷୀ ଗୁରୁତର ଆହାତ ହୋଇ ଠାକୁରମୁଣ୍ଡା ମେଡିକାଲ ଭର୍ତ୍ତି ହୋଇ ଚିକିତ୍ସିତ ହେବାର ଜଣାପଡିଛି । ମୟୂରଭଞ୍ଜ ଜିଲ୍ଲା ସୀମାନ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ମନୋହରପୁର ପଞ୍ଚାୟତ ଅନ୍ତର୍ଗତ ବାଇଗୁଣ୍ଡି ଗ୍ରାମର ମାଣିକ ବଦରା ଙ୍କ ପୁଅ କାଣ୍ଡେ ରାମ ବଦରା (୩୩) ନାମକ ଜଣେ ଯୁବଚାଷୀ ଭାଲୁ ଆକ୍ରମଣରେ ଗୁରୁତର ଆହାତ ହୋଇଛ । ଘଟଣା ରୁ ପ୍ରକାଶ ଯେ ଆନନ୍ଦପୁର ବ୍ଲକ ବାଇଗଣ୍ଡି ଗାଁର କାଣ୍ଡେରାମ ଦିନ ୧୧ ଟା ବେଳେ ଧାନ ବିଲରେ ଧାନ କାଟୁଥିବା ସମୟରେ ପାଖ ଜଙ୍ଗଲରୁ ଏକ ମାଇ ଭାଲୁ ସହିତ ଦୁଇ ଛୁଆ ଭାଲୁ ଆସି ହଟାତ କାଣ୍ଡେରାମ କୁ ଆକ୍ରମଣ କରିଥିଲେ । କିଛି ଦୂରରେ ଥିବା ଅନ୍ୟ ଚାଷୀ ଏହାର ଚିତ୍କାର ଶୁଣି ପାଟି କରି ଧାଇଁ ଆସିବାରୁ ଭାଲୁ ଛାଡ଼ି ଜଙ୍ଗଲ କୁ ଚାଲିଯାଇଥିଲେ । ଘଟଣାସ୍ଥଳ ରୁ ତାଙ୍କୁ ପରିବାର ଲୋକ ଉଦ୍ଧାର କରି ଏକ ଅଟୋ ଯୋଗେ ଆଣି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି ।ସୂଚନା ଅନୁଯାୟୀ କାଣ୍ଡେ ସକାଳେ ତାଙ୍କ ଧାନ ବିଲକୁ କାମ କରିବାକୁ ଯାଇଥିଲେ । ବିଲରେ କାମ କରୁଥିବା ସମୟରେ ବିଲକୁ ଲାଗି ଥିବା ଜଙ୍ଗଲ ଭିତରୁ ଏକ ଭାଲୁ ଆସି ତାଙ୍କୁ ଆକ୍ରମଣ କରିଦେଇଥିଲା ।ଭାଲୁ ଆକ୍ରମଣ ରେ ତାଙ୍କର ବାମ ଗଡର ଜଙ୍ଘ ଓ ବାମ ହାତର ପାପୁଲି ରେ ଗଭୀର କ୍ଷତ ହୋଇଛି । ସେ ଗୁରୁତର ଅବସ୍ଥାରେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି ।

# କାର ଧକ୍କାରେ ଯୁବକ ମୃତ,ଫେଲ ମାରିଛି ସଡ଼କ ସୁରକ୍ଷା ବ୍ୟବସ୍ଥା,

ହିନ୍ଦୋଳ(ମହାଭାରତ)ଗତକାଲି ରାତିରେ ହିନ୍ଦୋଳ ଉପଖଣ୍ଡ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ଏକ ମର୍ମନ୍ତୁତ କାର ଦୁର୍ଘଟଣାରେ ଯୁବକ ମୃତ୍ୟୁବରଣ କରିଛନ୍ତି ।ଖବରରୁ ପ୍ରକାଶ ଗତକାଲି ରାତି ୯ଘଣ୍ଟା ସମୟରେ ଛତିଶଗଡର ଏକ ନେକ୍ସନ କାର ନଂ ସି ଜି୧୩ଏଟି୭୫୨୫ ରେ କିଛି ତୀର୍ଥଯାତ୍ରୀ ପୁରୀରୁ ଜଗନ୍ନାଥ ଦର୍ଶନ ସାରି ଫେରୁଥିବାବେଳେ ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନୂଆବଗ ପଂଚାୟତ ହିନ୍ଦୋଳ ଥାନା ଭଗବାନପୁର ଗ୍ରାମ ନିକଟରେ ଥିବା ବ୍ରିଜ ଉପରେ ନିଜ କାର୍ଯ୍ୟସାରି ଚାଲିଚାଲି ଆସୁଥିବାବେଳେ ସେହି ଭଗବାନପୁର ଗ୍ରାମର ସ୍ୱର୍ଗତ ପବିତ୍ର ସାହୁଙ୍କ ପୁଅ ଗୌତମ ସାହୁ(୩୦)ଙ୍କୁ ସେହି କାରଟି ଭାରସାମ୍ୟ ହରାଇ ଖୁବ ଜୋରରେ ଧକ୍କା ଦେବାରୁ ଗୌତମ ଗୁରୁତର ଆହତ ହେବାସହ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । ଖବରପାଇ ହିନ୍ଦୋଳ ଥାନା ଓ ସାତମାଇଲ ଫାଣ୍ଡି ପୋଲିସ ଅଧିକାରୀ କର୍ମଚାରୀ ଘଟଣା ସ୍ଥଳରେ ପହଂଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ହିନ୍ଦୋଳ ଡାକ୍ତରଖାନା ପଠାଇ ଦେବା ସହ ଦୁର୍ଘଟଣାଗ୍ରସ୍ତ କାରକୁ ଜବତ କରିଛନ୍ତି ।ହିନ୍ଦୋଳ ପୋଲିସ ଏହି ବାବଦରେ କେଶ ନଂ -୩୦୮/ ୨୦୨୪ରେ ମାମଲା ରୁଜୁକରି ଦୁର୍ଘଟଣାର ତଦନ୍ତ ଚଳାଇଛନ୍ତି ।

## ପ୍ୟାକ୍ସ ଡାଟାଏଣ୍ଟ୍ରି ସଙ୍ଘର ନୂତନ କର୍ମକର୍ତା ଚୟନ



ଆସିକା (ମହାଭାରତ): ଆସିକା ସମବାୟ ସମିତି ଅଧୀନ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ(ପ୍ୟାକ୍ସ ) ଡାଟା ଏଣ୍ଟ୍ରି ସଂଘର ନୂତନ କର୍ମକର୍ତା ଚୟନ ଆସିକା ମୁକୁନ୍ଦପୁର ମୁକ୍ତେଶ୍ୱର ଶିବ ମନ୍ଦିର ଠାରେ ସଙ୍ଘର ପୂର୍ବତନ ସଭ୍ୟ ଜିତେନ୍ଦ୍ର ନାହାକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସିକା ସର୍କଲ ଅଧୀନ ଆସିକା ସଦର, ବୁଗୁଡ଼ା, ଜଗନ୍ନାଥପ୍ରସାଦ, ସୋରଡ଼ା, ଧରାକୋଟ, ଭଞ୍ଜନଗର, ବେଲଗୁଣ୍ଠା,ଶେରଗଡ଼ ଆଦି ସମିତିର ଡାଟା ଏଣ୍ଟ୍ରି ଅପରେଟର ଉପସ୍ଥିତ ରହିଥିଲେ। ଏହି ବୈଠକ ରେ ସର୍ବ ସମ୍ମତି କ୍ରମେ ସଙ୍ଘର ଉପଦେଷ୍ଟା ଭାବେ ବରିଷ୍ଠ ଆଇନଜୀବି ଅନିଲ କୁମାର ପାଣିଗ୍ରାହୀ, ସଙ୍ଘର ସଭାପତି କୃଷ୍ଣ ଚନ୍ଦ୍ର ଡାକୁଆ,ଉପସଭାପତି ଭାବେ ଜିତେନ୍ଦ୍ର ନାହାକ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଜଗଦୀଶ ଗୌଡ଼, କୋଷାଧକ୍ଷ ପୂର୍ଣଚନ୍ଦ୍ର ସାହୁ ଙ୍କୁ ଚୟନ କରାଯାଇଛି। ପ୍ରକାଶ ଥାଉକି ଏହି ପଦବୀ ଗୁଡିକ ୨୦୧୫ ମସିହାରୁ କାର୍ଯ୍ୟକାରୀ ହେଉଛି। ଆସିକା ସର୍କଲ ଅଧୀନରେ ୧୨୫ଜଣ ଅପରେଟର କାର୍ଯ୍ୟରତ ଅଛନ୍ତି। ଏହି ବୈଠକରେ ଆସିକା ସଦର ଜିତେନ୍ଦ୍ର ନାହାକ,ଗୋବିନ୍ଦ ଭୋଳ,ସୋରଡ଼ାର ଗଣେଶ ପାତ୍ର,ଅଜୟ ପାତ୍ର,ଜଗନ୍ନାଥପ୍ରସାଦର ଜିତେନ୍ଦ୍ର ମଲ୍ଲିକ,ଗଙ୍ଗାଧର ପାଣ୍ଡ,ବେଲଗୁଣ୍ଠା ର ଦେବାଶିଷ ସାମଲ ,ସୌମ୍ୟରଂଜନ ଗୌଡ଼,ଧରାକୋଟର ସନ୍ତୋଷ ପ୍ରଧାନ,ଅମୀୟବାଳା ସ୍ୱାଇଁ,ଲକ୍ଷ୍ମୀ ଦାସ, ଭଞ୍ଜନଗରର ଶିବରାମ ନାୟକ ଶେରଗଡ଼ ର ଜଗଦିଶ ମହାରଣା,ବୁଗୁଡ଼ାର ରାଘବ ଖଣ୍ଡେଇ,ଦଣ୍ଡପାଣି ଗୌଡ଼ ସମେତ ବହୁ ଡାଟା ଏଣ୍ଟ୍ରି ଅପରେଟର ଉପସ୍ଥିତ ଥିଲେ।

## ମା ଖମ୍ବେଶ୍ୱରୀ ହାଇଓ୍ୱା ଓନର୍ସ ଆସୋସିଏସନ ର ଚତୁର୍ଥ ସାଧାରଣ ବୈଠକ ଅନୁଷ୍ଠିତ

ଆସିକା(ମହାଭାରତ): ଗଞ୍ଜାମ ଜିଲ୍ଲା ଆସିକା ମକୁନ୍ଦପୁର ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆସିକା ଅଞ୍ଚଳର ପଞ୍ଜିକୃତ ମା ଖମ୍ବେଶ୍ୱରୀ ହାଇଓ୍ୱା ଓନର୍ସ ଆସୋସିଏସନ ର ଚତୁର୍ଥ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଙ୍ଘ ସଭାପତି ଯଯାତି କେଶରୀ ମହାନ୍ତି ଙ୍କ ସଭାପତିତ୍ୱ ରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆସିକା ଓ ଆଖପାଖ ଅ□ଳର ବହୁ ହାଇଓ୍ୱା ଓନର୍ସ ଯୋଗଦେଇ ନିଜ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ସଙ୍ଘ ଅଧୀନ ରେ ରହିଥିବା ସମସ୍ତ ଗାଡି କିଭଳି ଶୃଙ୍ଖଳିତ ଭାବେ ଚଳି ପାରିବ । ଗାଡି ଚଳାଚଳ ଓ ମାଲ ପରିବହନ ପାଇଁ ଉପୁଜୁଥିବା ସମସ୍ୟା ସମାଧାନ ସହ ସଙ୍ଘ ଅଧୀନରେ ରହିଥିବା ସମସ୍ତ ଗାଡିକୁ କ୍ରସର, ପଥର କୁଆଁରୀ ଓ ବାଲିଘାଟ ଲିଜ ଧାରି ସଂସ୍ଥା ପକ୍ଷରୁ କିଭଳି ସହଯୋଗ ମିଳିପାରିବ ସେନେଇ ଏହି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବୈଠକ ରେ ଉପସଭାପତି ମନୋରଞ୍ଜନ ପରିଡା, ସାଧାରଣ ସମ୍ପାଦକ ଦାମୋଦର ସାହୁ, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ପ୍ରଧାନ, ଟ୍ରେଜେରିଅର ମନୋରଞ୍ଜନ ପାତ୍ର, ଉପଦେଷ୍ଟା ହରପ୍ରସାଦ ଦାଶ ଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ରହିଥିଲେ।

## ଆଡାସିପଡ଼ାରେ ରାସଯାତ୍ରା ଉଦଯାପିତ

କନ୍ଧମାଳ (ମହାଭାରତ):କନ୍ଧମାଳ ଜିଲ୍ଲାର ଖଜୁରୀ ପଡ଼ା ବ୍ଲକ୍ ଅନ୍ତର୍ଗତ ଆଡାସିପଡ଼ା ଠାରେ ରାସ ଯାତ୍ରା ଉଦ୍ ଯାପିତ । ସୂଚନା ପ୍ରକାରେ ସାରା ଓଡ଼ିଶାରେ କାର୍ତ୍ତିକ ପୁଣ୍ୟ ମାସରେ ଲୋକ ମାନେ କାର୍ତ୍ତିକ ବ୍ରତ ପାଞ୍ଚ ଦିନ ପାଳନ କରି ବୋଇତ ବନ୍ଦାଣ ଦେଇ ପୁଣ୍ୟ ଅର୍ଜନ କରୁ ଥିବା ବେଳେ ଆଡାସି ପଡ଼ାରେ ମଧ ପ୍ରତ୍ୟେକ ବର୍ଷ ପରି ଏହି ବର୍ଷ ମଧ ପାଳିତ ହୋଇ ଯାଇଛି । ଉଦଯାପିତ ଦିବସରେ ସାଂସ୍କୃତିକ କ୍ରମ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଡାସିପଡା ପଞ୍ଚାୟତ ସରପଞ୍ଚ ଶ୍ରୀଯୁକ୍ତ ବ୍ରଜ ମୋହନ କହଁର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସମିତି ସଭ୍ୟା ସୁଷମା ନନ୍ଦ, ମିଣିଆ ସରପ□ ଗୌତମ ମଲ୍ଲିକ,ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ତଥା ଖଜୁରୀ ପଡ଼ା ସାଂସଦ ପ୍ରତିନିଧି ମନୋଜ କୁମାର ପଣ୍ଡା, ଖଜୁରୀପଡ଼ା ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ଖଜୁରୀପଡ଼ା ମଣ୍ଡଳ ସଭାପତି ଦଶରଥ ସାହୁ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ଗୋଲକ ବିହାରୀ ମଳିକ,ବଲସକୁମ୍ପା ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା, ଚକାପାଦ ମଣ୍ଡଳ ସଭାପତି ସରୋଜ ସାହୁ, ମାଲକାନଗିରି ପୋଲିସ୍ ସର୍ଜେ□ ସୁନ୍ଦରସିଂ କହଁର, ବୈପାରିଗୁଡା କଲେଜ ଅଧକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ,ଆଡାସି ପଡା ବିଜେପି କାର୍ଯ୍ୟ କର୍ତ୍ତା ମନୋଜ କୁମାର ବେହେରା, ଯୁବମୋର୍ଚ୍ଚା ସଭାପତି ଦେବାଶିଷ ସାହାଣୀ, ଶ୍ରୀକାନ୍ତ ସେଠୀ,ପ୍ରଦୀପ ପ୍ରଧାନ, ଦୁର୍ବାସା ପ୍ରଧାନ, ମହେଶ୍ୱର ପ୍ରଧାନ, ପ୍ରମୋଦ ପ୍ରଧାନ ଯୋଗଦେଇ ଥିଲେ।

### ପୁଣି ଟ୍ରକ୍ ଚକା ତଳେ ଗଲା ଜୀବନ

## ମାଛ ବ୍ୟବସାୟୀଙ୍କ ଉପରେ ଚଢିଗଲା ଟ୍ରକ୍

ପାରାଦୀପ(ମହାଭାରତ): ରବିବାର ସକାଳେ ପାରାଦୀପ ଅଠରବାଙ୍କୀ ଗେଟ୍ ନିକଟରେ ଏକ ସାଇକେଲ ଉପରେ ଏକ ଦ୍ରୁତଗାମୀ ଟ୍ରକ୍ ଚଢି ଯିବାରୁ ଘଟଣାସ୍ଥଳରେ ସାଇକେଲ ଆରୋହୀ ମାଛ ବ୍ୟବସାୟୀଙ୍କର ମୃତ୍ୟୁ ଘଟିଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ଉପକଣ୍ଠ ବାଲିଝରା ବସ୍ତିରେ ରହୁଥିବା ମହେନ୍ଦ୍ର ନାୟକ ମାଛ ବ୍ୟବସାୟ କରନ୍ତି । ବାଲିପ୍ଲଟରୁ ମାଛ କିଣି ବାଲିଝରା ବସ୍ତି ସମେତ ବିଭିନ୍ନ ସ୍ଥାନରେ ବିକ୍ରି କରନ୍ତି । ରବିବାର ଛାଡଖାଇ ଥିବାରୁ ବଡି ଭୋରୁ ବାଲିପ୍ଲଟକୁ ମାଛ କିଣିବାକୁ ଆସିଥିଲେ । ମାଛ କିଣି ସାରି



ସାଇକେଲ୍ ଯୋଗେ ବାଲିଝରାକୁ ଫେରୁଥିଲେ । ଅଠରବାଙ୍କୀ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ମହେନ୍ଦ୍ରଙ୍କ ଉପରେ ଚଢି ଯାଇଥିଲା । ଘଟଣାସ୍ଥଳରେ ହିଁ ମହେନ୍ଦ୍ରଙ୍କର ମୃତ୍ୟୁ ହୋଇ ଯାଇଥିଲା । ଖବର ପାଇ ବାଲିଝରା ବସ୍ତିର ଶତାଧିକ ଲୋକ ଘଟଣାସ୍ଥଳରେ ପହଂଚି କ୍ଷତିପୂରଣ ଦାବୀରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଫଳରେ ପାରାଦୀପକୁ ଯୋଗାଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡି,ମଟର ଘଣ୍ଟାଘଣ୍ଟା ଧରି ଅଟକି ରହିଥିଲା । ପାରାଦୀପ ପୋଲିସ୍ ଘଟଣାସ୍ଥଳରେ ପହଂଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଥିଲେ । ବାଲିଯାତ୍ରା ପରେ ଦାବୀ ସମ୍ପର୍କରେ ଦାବୀ ସମ୍ପର୍କରେ ଆଲୋଚନା କରିବାକୁ ପ୍ରଶାସନ ପକ୍ଷରୁ ପ୍ରତିଶୃତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା । ଏଥି ସହିତ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବାକୁ ପ୍ରଶାସନ ପ୍ରତିଶୃତି ଦେଇଥିବା ବାଲିଝରା ପାରିଷଦଙ୍କ ପ୍ରତିନିଧି ଅନନ୍ତ ଜେନା କହିଛନ୍ତି ।

## ଦାଦନ ଭାଙ୍ଗିଲା ସ୍ୱପ୍ନ, ବେସାହାରା ହେଲା ପରିବାର

କପ୍ତିପଦା - (ମହାଭାରତ ): କପ୍ତିପଦା - ସ୍ୱପ୍ନ ଥିଲା ଅନେକ, ସେହି ସ୍ୱପ୍ନ କୁ ସତ କରିବାକୁ ଦାଦନ ଖଟିବାକୁ ଯାଇଥିଲା ଯୁବକ। ହେଲେ କିଏ ଜାଣିଥିଲା ସ୍ୱପ୍ନ ପୂରଣ ହେବା ବଦଳରେ ଦାଦନ ଦେବ ଏଭଳି ଯନ୍ତ୍ରଣା। ଆମର ଏହି ରିପୋର୍ଟ। ବୁକୁ ଫଟାଇ କାନ୍ଦୁଛି ମାଆ, ନିଜ ଛାତିର କୋହକୁ ସମ୍ଭାଳି ପାରୁନାହିଁ। କିଏ ବାଡ଼ରେ ମୁଣ୍ଡ ରଖି କାନ୍ଦୁଛି ତ ଆଉ କିଏ ବଢିଲା ପୁତୁରାର ମୃତଦେହ ଦେଖି ଭୋ ଭୋ ହୋଇ ମୁଣ୍ଡ ବାଡେଇ କାନ୍ଦୁଛି। ଘରକୁ ଫେରୁଥିବା ପୁଅର ମୃତଦେହ ଘର ଦୁଆରେ ପହଂଚିବା ପରେ ଏଭଳି କିଛି ହୃଦୟ ବିଦାରକ ଚିତ୍ର ଦେଖିବାକୁ ମିଳିଛି କପ୍ତିପଦା ଥାନା ବାଘିଆଗଡି ଗ୍ରାମରେ । ଦାଦନ ଯେ ଜଣେ ମା ର କୋଳ ଖାଲି କରିଦେଲା ତାହା ଏଥିରୁ ଜଳଜଳ ହୋଇ ଦେଖାଯାଉଛି। ଗ୍ରାମର କାରମୀ ମାଝିଙ୍କ ବଡ଼ପୁଅ ମାଇସା ମାଝୀ ଦାଦନ ଖଟିବାକୁ ସୁଦୂର ବାଙ୍ଗାଲୋର ଯାଇଥିଲେ। କମ୍ପାନୀରେ କାମ କରୁଥିବା ବେଳେ ସେଠାରୁ ବୋନସ ଟଙ୍କା ନେଇ ଘରକୁ ଫେରିଥିଲେ ଚାଳଛପର ଭାଙ୍ଗି ନୂଆ ଘରଟିଏ କରିଥାନ୍ତେ ଓ ବାହା ହୋଇଥାନ୍ତେ। ଯାହାକୁ ନେଇ ବୋଇତ ବନ୍ଦାଣ ଦିନ ସେ ଘରେ ପହଂଚିବା ପାଇଁ ଟ୍ରେନରେ ବାଙ୍ଗାଲୋରରୁ ବାହାରି ଆସିଥିଲେ। ହେଲେ ବାଟରେ ଘଟିଗଲା ଅଘଟଣ। ଟ୍ରେନ ଲାଇନରେ କଟି ତାଙ୍କର ହୋଇଲା ମୃତ୍ୟୁ। ଘରେ ପୁଅର ଫେରିବା ବାଟକୁ ଚାହିଁ ବସିଥିବା ବିଧବା ମା ଆଉ ଦେଖିପାରିଲାନି ପୁଅର ହସିଲା ମୁହଁ। ଘରକୁ ଫେରିଲା ପୁଅର ମୃତଦେହ। ପୋଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଇ ତାଙ୍କ ଘରକୁ ପଠାଇଥିଲା। ଘରେ ମୃତଦେହ ପହଂଚିବା ପରେ ଘରେ ବୁକୁଫଟା କାନ୍ଦୟ କାହିଁକି ନା ପରିବାରର ଏକ ମାତ୍ର ରୋଜଗାରିଆ ପୁଅର ହୋଇଛି ମୃତ୍ୟୁ। କାରମୀ ମାଝିଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ମାଇସା ମାଝୀ ଥିଲେ ଘରର ବଡ଼ପୁଅ ଯାହାଙ୍କ ଭରସାରେ ପରିବାର ଚଳୁଥିଲା। ହେଲେ ଆଜି ତାଙ୍କର ମୃତ୍ୟୁ ପରେ ପୁରା ପରିବାର ବେସାହାରା। ତେବେ ଦାଦନ ଦୁଃଖରେ ଏବେ ପୁରା ପରିବାର ବୁଡି ରହିଥିବା ବେଳେ ଏହି ପରିବାରକୁ ସରକାରୀ ସ୍ତରରେ ସହାୟତା ଯୋଗାଇଦେବା ଜରୁରୀ ହୋଇ ପଡିଛି। ଅନ୍ୟପଟେ ଦାଦନ ଯନ୍ତ୍ରଣା ପୁରା ପରିବାର ପାଇଁ ଆଣିଦେଇଛି ଅପୁରନ୍ତ ଯନ୍ତ୍ରଣା।

## କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ଛାତ୍ର ମୃତ୍ୟୁ ଘଟଣା କୁ ନେଇ କୁଇ ସମାଜ ଯୁବ ପରିଷଦ ଏବଂ କୁଇ ସମାଜ ସେବା ସମିତି ପକ୍ଷରୁ ୫ ଦଫା ଦାବି କରି ଗଣଧାରଣା

କନ୍ଧମାଳ(ମହାଭାରତ): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅନ୍ତର୍ଗତ ଆର୍ ନୂଆଁ ଗାଁ ସ୍ଥିତ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟରେ ବାଲିଶୁଗ୍ରୀ ଗ୍ରାମର ରସାନନ୍ଦ ମଲ୍ଲିକ ଙ୍କ ସାନ ପୁଅ ଆନନ୍ଦେଶ୍ୱର ମଲ୍ଲିକ (୧୬) ହଷ୍ଟେଲରେ ରହି ଦଶମ ଶ୍ରେଣୀ ରେ ପାଠ ପଢୁଥିଲା ଯ ମଙ୍ଗଳବାର ରାତିରେ ହଷ୍ଟେଲ ପାଇଖାନାରେ ଅନନ୍ଦେଶ୍ୱର୍ ଆତ୍ମହତ୍ୟା କରିଥିବା ନେଇ ବୁଧବାର ସ୍କୁଲ କର୍ତୃପକ୍ଷ ତରଫରୁ ଥାନାରେ ଅଭିଯୋଗ ଦିଆ ଯାଇଛି ଯ କିନ୍ତୁ ମୃତକ ଙ୍କ ବଡ଼ ଭାଇ ଅରୂପା ନନ୍ଦ ମଲ୍ଲିକ ଙ୍କ ଅଭିଯୋଗ ଯେ ତାଙ୍କ ଭାଇଙ୍କୁ ହତ୍ୟା କରାଯାଇଥିବା ସେ ସନ୍ଦେହ କରୁଥିବା ପ୍ରକାଶ କରିଛନ୍ତିଯଦଶମ ଶ୍ରେଣୀ ଛାତ୍ରଙ୍କ ସନ୍ଦେହ ଜନକ ମୃତ୍ୟୁ କୁ ନେଇ ସ୍ଥିତି ଉ□ଜନା ଧିରେ ଧିରେ ବଢିବାରେ ଲାଗିଛିଯଅନ୍ୟପକ୍ଷେ ଅଭିଯୋଗ ପାଇ ଘଟଣା ସ୍ଥଳରେ ପୋଲିସ ପହ□ ତହସିଲଦାରଙ୍କ ଉପସ୍ଥିତିରେ ଶବ ଜବତ କରିବା ସହିତ ବ୍ୟବଚ୍ଛେଦ କରି ଶବ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି ଯ ଏ ନେଇ ଥାନାରେ ୨୭/୨୪ ଅପମୃତ୍ୟୁ ମାମଲା ରୁଜୁ କରି ଥାନା ଅଧିକାରୀ ରୂପ ଧାରୀ ପ୍ରଧାନଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଛାତ୍ର ସନ୍ଦେହ ଜନକ ମୃତ୍ୟୁ ଘଟଣା ପରଦା ହଟେଇବା ପାଇଁ ହଷ୍ଟେଲ କୁ ଯାଇ ତନା ଘନା ତଦନ୍ତ କରୁଛି ଯଏହି ପରିପ୍ରେକ୍ଷୀରେ ଗୁରୁବାର ସକାଳ ୧୧ ଘ□କା ବେଳେ କୁଇ ସମାଜ ଯୁବ ପରିଷଦ କନ୍ଧମାଳ ଏବଂ କୁଇ ସମାଜ ସେବା ସମିତି ପକ୍ଷରୁ ମୃତ ଛାତ୍ରଙ୍କ ପରିବାରଙ୍କୁ କ୍ଷତି ପୂରଣ ସହିତ ନ୍ୟାୟ ଯୋଗାଇବା ପାଇଁ ୫ ଦଫା ଦାବି କରି ଖଜୁରୀପଡ଼ା ଶଙ୍କରାଖୋଲ ମୁଖ୍ୟ ରାସ୍ତାର ମଧ ଭାଗ ଆର୍ ନୂଆ ଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଛକ ନିକଟରେ ଅର୍ନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣରେ ବସିଥିଲେ ଯ ଧାରଣାରେ ଶତାଧିକ କୁଇ ସମାଜ କର୍ମୀ ସଦସ୍ୟ ସହିତ କୁଇ ସମାଜ ସେବା ସମିତି ଫୁଲବାଣୀ ସଭାପତି ସୁଦର୍ଶନ କହଁର, ଉପସଭାପତି ରମାକାନ୍ତ ମଲ୍ଲିକ, କୁଇ ସମାଜ ଯୁବ ପରିଷଦ କନ୍ଧମାଳ ଉପସଭାପତି ଆଲୋକ କହଁର, କୋଷାଧକ୍ଷ ଭାବିନ୍ଦ୍ର କହଁର, ସମ୍ପାଦକ ଅଚ୍ୟୁତ ଯାନୀ, କ୍ରୀଡ଼ା ସଭାପତି ସୁଜିତ କୁମାର ମଲ୍ଲିକ,ସହସମ୍ପାଦକ ଗୌତମ ମଳିକ, ଆଇନ ପରାମର୍ଶ ଦାତା ରଞ୍ଜନ କୁମାର କହଁର, କୁଇ ସମାଜ ବେର୍ଙ୍ଗିକିଆ ସଭାପତି ଗୌତମ ପ୍ରଧାନ, ସମ୍ପାଦକ ଶ୍ୟାମଳ କହଁର,ଶରତ କୁମାର କହଁର,ଲାଇନପଡ଼ା ଶାଖା ସହ ସମ୍ପାଦକ ଅଗସ୍ତି କୁମାର ମଲ୍ଲିକ, ବରଗୋଚ୍ଛା ଯୁବ ପରିଷଦ ସମ୍ପାଦକ ଚନ୍ଦ୍ର କିଶୋର ପ୍ରଧାନ, ଖଜୁରୀପଡ଼ା ବ୍ଲକ ଯୁବ ପରିଷଦ ସଭାପତି ଉମେଶ କୁମାର ଝାଙ୍କର, ଯୁବନେତା ଅନୁପମ କହଁର,ମୃତକଙ୍କ ବଡଭାଇ ଅରୂପାନନ୍ଦ ମଳିକ ସମେତ ଆସ୍ତିକ ମଲ୍ଲିକ ,ଅଜୟ ମଳିକ,ଗୋଲକ ମଳିକ,ବିର□ ମଲ୍ଲିକ, ସସ୍ମିତା ମଲ୍ଲିକ, ସୁଶୀଳା ଯାନୀ ପ୍ରମୁଖ ଉପସ୍ଥିତ ରହି ରାସ୍ତା ଅବରୋଧ କରିଥିଲେଯଖବର ପାଇ ରାଜସ୍ୱ ନୀରିକ୍ଷକ ପ୍ରଜ୍ଞା ପରମିତା ପ୍ରଧାନ ଏବଂ ଥାନା ଅଧିକାରୀ ରୂପ ଧାରୀ ପ୍ରଧାନ, ସମେତ ପୋଲିସ ବାହିନୀ ପହ□ ରାସ୍ତା ଉପରେ ଗଣଧାରଣା ରେ ବସିଥିବା ଲୋକ ଙ୍କୁ ବୁଝେଇବା କୁ ଚେଷ୍ଟା କରିଥିଲେ ମଧ ଲୋକମାନେ ନ ବୁଝିବାରୁ ଏସ୍ ଡିପିଓ ସୁପ୍ରସ୍ନ ମଲ୍ଲିକ ଏବଂ ଖଜୁରୀପଡା ତହସିଲଦାର ସୌମ୍ୟ ରଞ୍ଜନ ପାତ୍ର ପହ□ ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିବା ସହିତ ୫ ଦଫା ଦାବିପତ୍ର ଗ୍ରହଣ କରିଥିଲେ ଯ ଦାବି ମଧରେ ଅଛି ବିଦ୍ୟାଳୟରେ ମୃତ ଛାତ୍ରଙ୍କ ପ୍ରକୃତ ରହସ୍ୟ ପରଦା ହଟେଇବା ପାଇଁ ସିବିଆଇ ତଦନ୍ତ କରାଯାଇ ଦୋଷୀକୁ ଦଣ୍ଡ ଦିଆଯାଉ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭୂମିପୂଜନ




କଣିହାଁ,( ମହାଭାରତ ): କଣିହାଁ ବ୍ଲକର ବିଭିନ୍ନ ସ୍ଥାନରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକଳ୍ପ ର ଭୂମିପୂଜନ କରାଯାଇଛି । ଏହି ପରୀପ୍ରେକ୍ଷୀରେ ରବିବାର ଆୟୋଜିତ କାର୍ଯ୍ୟକ୍ରମରେ ପାଲଲହଡା ବିଧାୟକ ଆଶୋକ ମହାନ୍ତି ଯୋଗଦେଇ ଆନୁଷ୍ଠାନିକ ଭାବରେ ଭୂମିପୂଜନ କରିଥିଲେ । ଉକ୍ତ ପ୍ରକଳ୍ପ ଗୁଡିକ ବିଧାୟକ ଆଶୋକ ମହାନ୍ତି ଙ୍କ ଅନୁରୋଧ କ୍ରମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ କରିଛନ୍ତି । ଭୂମିପୂଜନ ହୋଇଥିବା ପ୍ରକଳ୍ପ ଗୁଡିକ ହେଲା ବଜ୍ରକୋଟ ର ସୁବର୍ଣ୍ଣପୁର ବସ୍ତି କୁ ବନ୍ୟା ପରିସ୍ଥିତିରୁ ସୁରକ୍ଷିତ ରଖିବା ପାଇଁ ୫୧ ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ଉନ୍ନତି କରଣ , ତାଳପଦା ମନ୍ଦିର ସୁରକ୍ଷିତ ରଖିବା ପାଇଁ ୨୬ ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧର ଉନ୍ନତି କରଣ, ତୁମଗୋଳା ଠାରେ ବିଦ୍ୟାଳୟ ପରିସରର ସୁରକ୍ଷା ପାଇଁ ୫୭ ଲକ୍ଷ ଟଙ୍କା ବ୍ୟୟରେ ବ୍ରାହ୍ମଣୀ ନଦୀର ବାମ ପାର୍ଶ୍ୱ ବନ୍ଧର ଉନ୍ନତି କରଣ। ଉକ୍ତ କାର୍ଯ୍ୟକ୍ରମରେ ସମଲ ବ୍ୟାରେଜ ଅଧିକ୍ଷଣ ଯନ୍ତ୍ରୀ ସୁରେନ୍ଦ୍ର ବେହେରା, ଅନ୍ୟାନ୍ୟ ଅଧିକାରୀ , ବିଜେପି ଜିଲା ଉପସଭାପତି ନୃସିଂହ ଚରଣ ବରାଳ, ମଣ୍ଡଳ ସଭାପତି ତ୍ରିପୁରାରି ପ୍ରଧାନ ଓ ପ୍ରହ୍ଲାଦ ସାମଲ, ସୁମନ୍ତ ପ୍ରଧାନ,ସରପଞ୍ଚ□ ରାଜେନ୍ଦ୍ର ବେହେରା, ହରେକୃଷ୍ଣ ପ୍ରଧାନ, ବିଧାନ ସାହୁ, ପଦ୍ମ ଚରଣ ନାଏକ,ନିର୍ମଳ ବେହେରା, ମାନସ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପାରାଦୀପ ପୋର୍ଟ କ୍ରିକେଟ ଜିଲ୍ଲା ଆନୁକୂଲ୍ୟରେ ଆନ୍ତଃ-କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ




ପାରାଦୀପ(ମହାଭାରତ): ପାରାଦୀପ ପୋର୍ଟ କ୍ରିକେଟ ଜିଲ୍ଲା ଆନୁକୂଲ୍ୟରେ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ) ଦ୍ୱାରା ଆୟୋଜିତ ସିନିୟର ଆନ୍ତଃ-କ୍ଲବ କ୍ରିକେଟ ଟୁର୍ଣ୍ଣାମେ□ ଶନିବାର ଦିନ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଯାଇଛି । ୫୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେ□ ରେ ପୋର୍ଟ କ୍ଲବ, ପାରାଦୀପ କ୍ରିକେଟ କ୍ଲବ-୧, ପାରାଦୀପ କ୍ରିକେଟ କ୍ଲବ-୨, ଡାଇମଣ୍ଡ କ୍ଲବ, ପାରାଦୀପ କ୍ରିକେଟ ଏକାଡେମୀ, ମଦର ଇଣ୍ଡିଆ କ୍ଲବ, ପାରାଦୀପ ୟୁଥ କ୍ଲବ ଏବଂ ଡକ ରିକ୍ରେସନ କ୍ଲବ ସମେତ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି ।ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ ର ସଭାପତି ଧର୍ମେନ୍ଦ୍ର ନାଥ ସୋନ୍ଧି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ ର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ପାରାଦୀପ ଗଲ୍ଫ କ୍ଲବ ର କାର୍ଯ୍ୟକାରୀ ସଭାପତି ବବୁଲ ସିକଦାର, ଏସିଇ କମର୍ସିଆଲ ପାରାଦୀପ ୟୁନିଟ ମୁଖ୍ୟ ଏ.ସି.ସୁତାର, ଓଏସଏଲ ଗ୍ରୁପ ର ଅପରେସନ ଜିଏମ ହରିହର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ତେବେ ଖେଳାଳି ମାନଙ୍କୁ ପ୍ରୋତ୍ସାହନ ପାଇଁ ଓସିଏ ର ଏଭଳି ମ୍ୟାଚ ଆୟୋଜନ ଓ ଉଦ୍ୟମ କୁ ଅତିଥି ମାନେ ଉଚ୍ଚ ପ୍ରଶଂସା କରିଥିଲେ । ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ ର ସମ୍ପାଦକ ରଞ୍ଜନ ରଶ୍ମି ବେଉରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଓସିଏ ସଦସ୍ୟ ତଥା ପାରାଦୀପ ବନ୍ଦର କ୍ରୀଡା ପରାମର୍ଶଦାତା ରବି ଦାସ ଟୁର୍ଣ୍ଣାମେ□ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ସ୍ପୋର୍ଟ୍ସ କାଉନସିଲ ର ବୈଷୟିକ ସଦସ୍ୟ ଶିଶିର କୁମାର ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟ ଚଳିତ ନଭେମ୍ବର ମାସ ୧୬ ରୁ ୨୯ ତାରିଖ ଦୀର୍ଘ ୧୪ ଦିନ ଧରି ଚାଲିବ।

## ଏଡିଯେୟୁ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

### ସମାଜ ଗଠନରେ ସାମ୍ବାଦିକ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ

ଅନୁଗୋଳ ,(ମହାଭାରତ (:ନିଖିଳ ଓଡିଶା ସାମ୍ବାଦିକ ସଂଘ (ଅଜୁ) ଅନୁବନ୍ଧିତ ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ (ଏଡ଼ିଜେୟୁ ) ପକ୍ଷରୁ ସଂଘର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦଙ୍କ ଅଧକ୍ଷତାରେ ସ୍ଥାନୀୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷ ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି, ବରିଷ୍ଠ ଆଇନଜୀବି ପରମାନନ୍ଦ ମିଶ୍ର ମୁଖ୍ୟ ବକ୍ତା , ଅନୁଗୋଳ ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ସର, ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ସଭାପତି ଡ଼. ଧରଣୀଧର ନାଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ତାଙ୍କର ଭାଷଣ ପ୍ରସଙ୍ଗରେ ସମାଜ ଗଠନରେ ସାମ୍ବାଦିକ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଗଣତନ୍ତ୍ର ର ଜାଗ୍ରତ ପ୍ରହରୀ କହିବା ସହିତ ପ୍ରଶାସନ ଓ ଗଣମାଧ୍ୟମ ମଧ୍ୟରେ ଉ□ମ ସମନ୍ୱୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାମ୍ବାଦିକ ମାନେ କାହାଦ୍ୱାରା ପ୍ରଭାବିତ ନହୋଇ ନିରପେକ୍ଷ ରହିଲେ ସମାଜରେ ବିକାଶ ହୋଇପାରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ପ୍ରଫେସର ଶାନ୍ତନୁ କୁମାର ସର ତାଙ୍କ ଅଭିଭାଷଣ ରେ ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ କରିବା ନିମନ୍ତେ ସାମ୍ବାଦିକ ମାନଙ୍କୁ ଗୁରୁତ୍ୱ ଦେଲେ



ସମାଜର ପରିବର୍ତ୍ତନ ହେବା ସହିତ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ହେଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଡ଼. ଧରଣୀଧର ନାଥ ସାମ୍ବାଦିକ ମାନଙ୍କ ଭୂମିକା ଓ ସାମ୍ପ୍ରତିକ ନୂତନ ଡିଜିଟାଲ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏ ଆଇ) ଯୁଗରେ ବିଭିନ୍ନ ଉପକରଣ ବ୍ୟବହାର କରି ସଠିକ ଓ ନିରପେକ୍ଷ ଖବର ପ୍ରକାଶ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ବରିଷ୍ଠ ଆଇନଜୀବି ପରମାନନ୍ଦ ମିଶ୍ର ଗଣମାଧ୍ୟମ ର ପରିବର୍ତନଶିଳ ସ୍ୱରୂପ ପ୍ରସଙ୍ଗ ଉପରେ ବିକ୍ଷିପ୍ତ ଭାଷଣ ଦେବା ସହିତ ଆଇନ ଓ ଗଣମାଧ୍ୟମ ସମ୍ପର୍କ ରେ ମଧ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରାରମ୍ଭ ରେ ସାଧାରଣ ସମ୍ପାଦକ ଅଶୋକ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ର ଉପସଭାପତି ଗୋପାଳ ଚନ୍ଦ୍ର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ରେ ବରିଷ୍ଠ ସାମ୍ବାଦିକ ଅଖିଳ ମହାପାତ୍ର, ମାନସ କୁମାର ବିଶ୍ୱାଳ, ସଂଜୀବ ପାଇକ, ବିରଜା ପଟ୍ଟନାଏକ, ଅଦ୍ୱେତ କୁମାର ସାହୁ, ଜଗନ୍ନାଥ ଅଗ୍ରୱାଲ ଓ ନିହାର ରଞ୍ଜନ ପଟ୍ଟନାଏକଙ୍କୁ ଅତିଥି ମାନେ ସମ୍ବୋର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ରେ ସମସ୍ତ କର୍ମକର୍ତ୍ତା, ସଦସ୍ୟ ସଦସ୍ୟା ଓ ଜିଲ୍ଲାର ୮ଟି ବ୍ଲକରୁ ଶତାଧିକ ସାମ୍ବାଦିକ ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

## ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭୂମିପୂଜନ

କନ୍ଧମାଳ (ମହାଭାରତ): କନ୍ଧମାଳ ଜିଲ୍ଲାର ଖଜୁରୀ ପଡ଼ା ବ୍ଲକ୍ ଅନ୍ତର୍ଗତ ଆଡାସିପଡ଼ା ଠାରେ ରାସ ଯାତ୍ରା ଉଦ୍ ଯାପିତ । ସୂଚନା ପ୍ରକାରେ ସାରା ଓଡ଼ିଶାରେ କାର୍ତ୍ତିକ ପୁଣ୍ୟ ମାସରେ ଲୋକ ମାନେ କାର୍ତ୍ତିକ ବ୍ରତ ପାଞ୍ଚ ଦିନ ପାଳନ କରି ବୋଇତ ବନ୍ଦାଣ ଦେଇ ପୁଣ୍ୟ ଅର୍ଜନ କରୁ ଥିବା ବେଳେ ଆଡାସି ପଡ଼ାରେ ମଧ ପ୍ରତ୍ୟେକ ବର୍ଷ ପରି ଏହି ବର୍ଷ ମଧ ପାଳିତ ହୋଇ ଯାଇଛି । ଉଦଯାପିତ ଦିବସରେ ସାଂସ୍କୃତିକ କ୍ରମ ଅନୁଷ୍ଠିତ ହୋଇଥିଲା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଡାସିପଡା ପଞ୍ଚାୟତ ସରପ□ ଶ୍ରୀଯୁକ୍ତ ବ୍ରଜ ମୋହନ କହଁର ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ରୂପେ ସ୍ଥାନୀୟ ସମିତି ସଭ୍ୟା ସୁଷମା ନନ୍ଦ, ମିଣିଆ ସରପଞ୍ଚ ଗୌତମ ମଲ୍ଲିକ,ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ତଥା ଖଜୁରୀ ପଡ଼ା ସାଂସଦ ପ୍ରତିନିଧି ମନୋଜ କୁମାର ପଣ୍ଡା, ଖଜୁରୀପଡ଼ା ବିଧାୟକ ପ୍ରତିନିଧି ଅନନ୍ତ କୁମାର ଦିଗାଲ, ଖଜୁରୀପଡ଼ା ମଣ୍ଡଳ ସଭାପତି ଦଶରଥ ସାହୁ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ଗୋଲକ ବିହାରୀ ମଳିକ,ବଲସକୁମ୍ପା ମଣ୍ଡଳ ସଭାପତି ରାଜେନ୍ଦ୍ର ବେହେରା, ଚକାପାଦ ମଣ୍ଡଳ ସଭାପତି ସରୋଜ ସାହୁ, ମାଲକାନଗିରି ପୋଲିସ୍ ସର୍ଜେ□ ସୁନ୍ଦରସିଂ କହଁର, ବୈପାରିଗୁଡା କଲେଜ ଅଧକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ,ଆଡାସି ପଡା ବିଜେପି କାର୍ଯ୍ୟ କର୍ତ୍ତା ମନୋଜ କୁମାର ବେହେରା, ଯୁବମୋର୍ଚ୍ଚା ସଭାପତି ଦେବାଶିଷ ସାହାଣୀ, ଶ୍ରୀକାନ୍ତ ସେଠୀ,ପ୍ରଦୀପ ପ୍ରଧାନ, ଦୁର୍ବାସା ପ୍ରଧାନ, ମହେଶ୍ୱର ପ୍ରଧାନ, ପ୍ରମୋଦ ପ୍ରଧାନ ଯୋଗଦେଇ ଥିଲେ । ବିଧାୟକ ଜରୁରୀ କାର୍ଯ୍ୟରେ ବାହାରକୁ ଯାଇଥିବାରୁ ତାଙ୍କର ପ୍ରତିନିଧି ଭାବେ ଯୋଗ ଦେଇ ଥିବା ଶ୍ରୀ ଅନନ୍ତ କୁମାର ଦିଗାଲ ଅଞ୍ଚଳର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଓ ସେ ଜଣେ କଳାକାର ଓ ସମାଜ ସେବାରେ ନିପୁଣ ଥିବାରୁ ଗୋପବନ୍ଧୁ ସାଂସ୍କୃତିକ ପରିଷଦ କୁ କିଛି ମାର୍ଗ ଦର୍ଶନ ଦେବା ସହିତ ବହୁ ବର୍ଷ ଧରି ସଂଗଠନ ଦ୍ୱାରା ରାସଯାତ୍ରାରେ ପରିଚାଳନା କରିଆସୁଥିବାରୁ ସାଧୁବାଦ ଜ୍ଞାପନ କରିଥିଲେ ।ଉତ୍ସବରେ ଦିନ ବେଳା ପୌରାଣିକ ନାଟକ ମହିରାବଣ ବଧ ମଞ୍ଚସ୍ଥ କରାଯାଇଥିବା ବେଳେ ରାତ୍ରି ଗୋପବନ୍ଧୁ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ୧୪ତମ ଅବଦାନରେ ସାମାଜିକ ନାଟକ ଆଖିର ଜନମ କାନ୍ଦିବା ପାଇଁ ମଞ୍ଚସ୍ଥ କରାଯାଇଥିଲା । ଏଥିରେ ଗୋପବନ୍ଧୁ ସାଂସ୍କୃତିକ ପରିଷଦ ଆଡାସିପଡା ସଭାପତି ସୁଜି ବିଷୋୟୀ, ଉପସଭାପତି ବସନ୍ତ ବିନ୍ଧାଣୀ, ସମ୍ପାଦକ ସୁଧିର କହଁର,କୋଷାଧକ୍ଷ ରବିନ୍ଦ୍ର ବିନ୍ଧାଣୀ ସମେତ ଭଗବାନ ଗୁରୁ, ଜଗଦୀଶ ନନ୍ଦ,ସନ୍ତୋଷ କୁମାର ଶତପଥୀ,ରାଜିବ ସାହାଣୀ,ସହଯୋଗ କରିଥିଲେ।

# ପୁଟିନ- ମସ୍କ ସମ୍ପର୍କ ନେଇ ଚର୍ଚ୍ଚା

**ୱାଶିଂଟନ,୧୭।୧୧(ଏଜେନ୍ସି):** ଆସନ୍ତା ବର୍ଷ ୨୦୨୫ ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ଆମେରିକାର ନୂଆ ରାଷ୍ଟ୍ରପତି ଭାବରେ ଶପଥ ନେବାକୁ ଯାଉଛନ୍ତି । କିନ୍ତୁ ତାଙ୍କର ନୂତନ ବନ୍ଧୁ ଏଲନ୍ ମସ୍କ ସରକାରରେ ମନ୍ତ୍ରୀ ଭାବେରେ ଯୋଗଦେବା ପୂର୍ବରୁ ସଙ୍କଟରେ ପଡ଼ିଯାଇଥିବା ଜଣାପଡିଛି । କ୍ରମାଗତ ରିପୋର୍ଟ ଆସୁଛି ଯେ ସ୍ପେସ୍ ଏକ୍ସ ମାଲିକ ମସ୍କ ରୁଷିଆର ବିଭିନ୍ନ ଅଧିକାରୀ ତଥା ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଫୋନରେ କଥା ହୋଇଛନ୍ତି । ଟ୍ରମ୍ପ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ମଧ୍ୟରେ ସରକାରୀ ଦକ୍ଷତା ବିଭାଗର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମସ୍କଙ୍କୁ ଦେଇଛନ୍ତି । ଏଭଳି ପରିସ୍ଥିତିରେ ଜୋ ବାଇଡେନଙ୍କ ଦଳର ସିନେଟରମାନେ ମଧ ସରକାରୀ ପଦବୀରେ ଅବସ୍ଥାପିତ ହେବାକୁ ଯାଉଥିବା ମସ୍କଙ୍କ ସହିତ ରୁଷିଆର ଅଧିକାରୀମାନଙ୍କ ଥିବା ସମ୍ପର୍କ ନେଇ ଶୁଣିଥିବା ଚର୍ଚ୍ଚା ହେଉଛି । ବର୍ତ୍ତମାନ ଆମେରିକା ଏବଂ ରୁଷିଆ ପରସ୍ପରର ପରମ ଶତ୍ରୁ ପାଲଟିଛନ୍ତି । ୟୁକ୍ରେନ ଉପରେ ହୋଇଥିବା ଆକ୍ରମଣ ପରେ ଆମେରିକା ଭ୍ଲାଦିମିର ପୁଟିନ ଏବଂ ରୁଷିଆ ଉପରେ ପ୍ରତିବନ୍ଧକ ଲଗାଇଛି । ଏଭଳି ପରିସ୍ଥିତିରେ ଅକ୍ଟୋବରରେ ପୁଟିନଙ୍କ ସହ ମସ୍କଙ୍କର ହୋଇଥିବା କଥାବାର୍ତ୍ତା ଏକ ଚର୍ଚ୍ଚାର ବିଷୟ ପାଲଟିଛି । ରଏଟର୍ସ ରିପୋର୍ଟ ଅନୁଯାୟୀ, ଶୁକ୍ରବାର ଦିନ ଡେମୋକ୍ରାଟିକ୍ ସିନେଟରମାନେ ଜାତୀୟ ସୁରକ୍ଷା ଆଧାରରେ ପେଣ୍ଟାଗନ୍ ଏବଂ ଆଇନ ପ୍ରଣୟନକାରୀ ସଂସ୍ଥାଗୁଡ଼ିକର ତଦନ୍ତ ଦାବି କରିଛନ୍ତି ଯେ ଭ୍ଲାଡିର୍ମି ପୁଟିନଙ୍କ ସମେତ ରୁଷିଆର ଅଧିକାରୀଙ୍କ ସହ ଏଲନ୍ ମସ୍କ ଏକାଧିକ ଥର ବାର୍ତ୍ତାଳାପ କରିଛନ୍ତି । ଶୁକ୍ରବାର ଦିନ ଲେଖାଯାଇଥିବା ଏକ ମିଳିତ ଚିଠିରେ ସାଂସଦମାନେ କହିଛନ୍ତି, ଆମେରିକାର ବିରୋଧୀ କୁଖ୍ୟାତ ବ୍ୟକ୍ତିଙ୍କ ସହିତ ମସ୍କଙ୍କ ମଧ୍ୟରେ ଏହି ସମ୍ପର୍କ ଚିନ୍ତାର ବିଷୟ । ଗତ ମାସରେ ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲ୍ ରିପୋର୍ଟ ପରଠାରୁ ପୁଟିନଙ୍କ ସହ ମସ୍କଙ୍କ ସମ୍ପର୍କ ସମ୍ପର୍କରେ ଅନୁସନ୍ଧାନ କରିବାକୁ ଅନେକ ଡେମୋକ୍ରାଟିକ୍ ସାଂସଦ ଦାବି କରିଛନ୍ତି । ବର୍ତ୍ତମାନ ଆମେରିକାରେ ଡେମୋକ୍ରାଟମାନେ କ୍ଷମତାରେ ଅଛନ୍ତି । ଆସନ୍ତା ବର୍ଷ ଜାନୁଆରୀ ୨୦ରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବରେ ଶପଥ ଗ୍ରହଣ କରିବେ । ଏପରି ପରିସ୍ଥିତିରେ, ମସ୍କଙ୍କ ବିରୋଧରେ ଯେ କେଣସି ପ୍ରକାରର ଅନୁସନ୍ଧାନ ଆଦେଶ ଦିଆଯାଇପାରିବ । ରିପବ୍ଲିକାନ୍ ଟ୍ରମ୍ପଙ୍କ ପ୍ରଶାସନରେ ଏଲନ୍ ମସ୍କ ହ୍ୱାଇଟ ହାଉସରେ ଏକ ବଡ ଦାୟିତ୍ୱ ପାଇବାକୁ ଯାଉଛନ୍ତି ।

# ବ୍ରିଟେନରେ ଭାରତୀୟଙ୍କ ବିରୋଧରେ ପ୍ରତିବନ୍ଧକ

**ଲଣ୍ଡନ,୧୭।୧୧(ଏଜେନ୍ସି):** କାନାଡା ପରେ ଏବେ ଅନ୍ୟ ଏକ ପଶ୍ଚିମ ଦେଶ ବ୍ରିଟେନରେ ଭାରତୀୟମାନଙ୍କୁ ଅଟକାଇବା ପ୍ରକ୍ରିୟା ଆରମ୍ଭ ହୋଇଛି । ଇଂଲଣ୍ଡର ଉଚ୍ଚଶିକ୍ଷା କ୍ଷେତ୍ରର ସ୍ଥାୟୀତ୍ୱ ଉପରେ ଏକ ନୂତନ ରିପୋର୍ଟରୁ ଜଣାପଡିଛି ଯେ ଭାରତୀୟ ଛାତ୍ରମାନଙ୍କୁ ବ୍ରିଟେନ ବିଶ୍ୱବିଦ୍ୟାଳୟରେ ଆବେଦନ କରିବାକୁ ବାରଣ କରାଯାଇଛି। ଏକ ସମୟରେ ଯେତେବେଳେ ଶିକ୍ଷାନୁଷ୍ଠାନଗୁଡ଼ିକ ସୀମିତ ବଜେଟର ସମ୍ମୁଖୀନ ହେଉଛନ୍ତି, ଏହା ବିଶ୍ୱବିଦ୍ୟାଳୟଗୁଡ଼ିକର ଆର୍ଥିକ ସଙ୍କଟ ବଢାଇ ଦେଇଛି । ଶୁକ୍ରବାର ଦିନ ପ୍ରକାଶିତ ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ଳେଷଣରେ ଦର୍ଶାଯାଇଛି ଯେ ଭାରତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ପୂର୍ବରୁ ୧,୩୯,୯୧୪ ଥିବାବେଳେ ଏବେ ଏହା ୧,୧୧,୩୨୯ରେ ପହଞ୍ଚିଛି । ଫଳରେ ଭାରତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ୨୦.୪ ପ୍ରତିଶତ ହ୍ରାସ ଘଟିଛି । ବ୍ରିଟେନରେ ଭାରତୀୟ ଛାତ୍ର ଗୋଷ୍ଠୀ କହିଛନ୍ତି ଯେ କିଛି ସହରରେ ଇମିଗ୍ରେସନ୍ ବିରୋଧୀ ଦଙ୍ଗା ପରେ ସୀମିତ ଚାକିରି ଆଶା ଏବଂ ସୁରକ୍ଷା ଚିନ୍ତା ମଧ୍ୟରେ ଏହି ହ୍ରାସ ଆଶା କରାଯାଉଛି । ସରକାରଙ୍କ ଶିକ୍ଷା ବିଭାଗ ମଧ୍ୟରେ ଏକ ଅଣ-ବିଭାଗୀୟ ସାର୍ବଜନୀନ ସଂସ୍ଥା କାର୍ଯ୍ୟାଳୟରୁ ଛାତ୍ରଛାତ୍ରୀମାନଙ୍କ ଉପରେ



ମିଳିଥିବା ରିପୋର୍ଟରେ କୁହାଯାଇଛି ଯେ, କେତେକ ପ୍ରମୁଖ ଦେଶରେ ସମ୍ଭାବ୍ୟ ଅଣ ବ୍ରିଟିଶ ଛାତ୍ରମାନଙ୍କଠାରୁ ଛାତ୍ର ଭିସା ଆବେଦନଗୁଡ଼ିକରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ଏଥିରେ କୁହାଯାଇଛି ଯେ ବିଭିନ୍ନ ଛାତ୍ରଛାତ୍ରୀଙ୍କ ପାଇଁ ଅନ୍ତର୍ଜାତୀୟ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଥିବା ପ୍ରାୟୋଜକ ଅନୁମୋଦନ ସଂଖ୍ୟାରେ ଏହି ସଂଖ୍ୟା ୧୧.୮ ପ୍ରତିଶତ ହ୍ରାସକୁ ଦର୍ଶାଉଛି ।ଭାରତୀୟ ଏବଂ ନାଇଜେରିଆ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଇଥିବା ସିଏଏସ ସଂଖ୍ୟାରେ ସର୍ବାଧିକ ହ୍ରାସ ରେକର୍ଡ ହୋଇଛି । ଏହା ଭାରତୀୟ ଛାତ୍ରଛାତ୍ରୀମାନଙ୍କ ପାଇଁ ୨୮,୫୮୫(୨୦.୪ ପ୍ରତିଶତ) ନାଇଜେରିଆ ପାଇଁ ୨୫,୮୯୭(୪୪.୬ ପ୍ରତିଶତ) ରହିଛି । କେତେକ ଦେଶରୁ ବ୍ରିଟେନରେ ଅଧ୍ୟୟନ କରିବାକୁ ଆସୁଥିବା ଅନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଛି ବୋଲି ଏଥିରେ ଚେତାବନୀ ଦିଆଯାଇଛି । ଇଣ୍ଡିଆନ୍ ନ୍ୟାସନାଲ୍ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଆଇଏନଏସଏ) ବ୍ରିଟେନ କହିଛି ଯେ ବିଦେଶୀ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ସହିତ ନିଜ ଜୀବନସାଥୀଙ୍କୁ ଆଣିବାକୁ ସରକାରଙ୍କ ପ୍ରତିବନ୍ଧକକୁ ଦୃଷ୍ଟିରେ ରଖି ଭାରତରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟାରେ ହ୍ରାସ ଘଟିବାରେ ଲାଗିଛି ।

# ଶକ୍ତିକାନ୍ତ, ଦେବାଶିଷଙ୍କ କାର୍ଯ୍ୟକାଳ ନେଇ କଳ୍ପନାଜଳ୍ପନା

**ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଆଉ ଅଳ୍ପ ଦିନରେ ଶେଷ ହେବାକୁ ଯାଉଛି । ଦେଶ ଏବେ ଦରବୃଦ୍ଧି ବିରୋଧରେ ଲଢେଇ କରୁଥିବାରୁ ତାଙ୍କୁ ଆଉ ତୃତୀୟ ଥର ସୁଯୋଗ ମିଳିବ ନା ନାହିଁ ତାହାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଛି । କୋଭିଡ୍ ମହାମାରୀ ସମୟରେ ବେଶ୍ ପାରଦର୍ଶୀ ଢଙ୍ଗରେ ରିଜର୍ଭ ବ୍ୟାଙ୍କର ପରିଚାଳନା କରି ସେ ବିଶ୍ୱବ୍ୟାପୀ ପ୍ରଶଂସା ସାଉଁଟିଥିଲେ ।୨୦୧୬ ନଭେମ୍ବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଘୋଷଣା କରିଥିବା ବିମୁଦ୍ରୀକରଣକୁ ସଫଳ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିବା ଶକ୍ତିକାନ୍ତଙ୍କୁ ପୁରସ୍କାର ସ୍ୱରୂପ ୨୦୧୮ ଡିସେମ୍ବର ୧୨ରେ ରିଜର୍ଭ



ବ୍ୟାଙ୍କ ଗଭର୍ଣ୍ଣର ଭାବେ ନିଯୁକ୍ତି ମିଳିଥିଲା । ସେହି ସମୟର ଗଭର୍ଣ୍ଣର ଉର୍ଜିତ ପଟେଲ୍ ସରକାରଙ୍କ ସହ ମତଭେଦ ଯୋଗୁ ନିଜ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ହଠାତ୍ ଇସ୍ତଫା ଦେଇ ଚାଲିଯିବାରୁ ଅଡୁଆରେ ପଡ଼ିଥିବା ସରକାର ଶକ୍ତିକାନ୍ତ ଉପରେ ଭରସା ପ୍ରକଟ କରିଥିଲେ । ୨୦୨୧ରେ ତାଙ୍କ କାର୍ଯ୍ୟକାଳକୁ ଆଉ ତିନି ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ଗତ ସାତ ଦଶନ୍ଧି ମଧ୍ୟରେ ଶକ୍ତିକାନ୍ତ ସବୁଠୁ ଲମ୍ବା ସମୟ ପାଇଁ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଭାବେ କାର୍ଯ୍ୟ କରିଛନ୍ତି । ଯଦି ତାଙ୍କୁ ଆଉ ଏକ ସୁଯୋଗ ମିଳିବ ତେବେ ସେ ରେକର୍ଡ କରିବେ । ଆର୍ଥିକ କ୍ଷେତ୍ରରେ ବଡ଼ ପଦରେ ଥିବା ଆଉ ଜଣେ ଓଡ଼ିଆ ଅଧିକାରୀ ଦେବାଶିଷ ପଣ୍ଡାଙ୍କ କାର୍ଯ୍ୟକାଳ ମଧ ଶେଷ ହେବାକୁ ଯାଉଛି। ୨୦୨୨ ମାର୍ଚ୍ଚ ୧୪ରେ ତାଙ୍କୁ ଭାରତୀୟ ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ (ଆଇଆର୍ଡିଏଆଇ)ର ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଥିଲା । ୨୦୪୭ ସୁଦ୍ଧା ସମସ୍ତଙ୍କ ପାଖରେ ବୀମା ପହଞ୍ଚାଇବାର ମହତାକାଂକ୍ଷୀ ଲକ୍ଷ୍ୟ ଉପରେ ସେ କାର୍ଯ୍ୟ କରୁଛନ୍ତି ।

# ନିର୍ବାଚନ ଆୟୋଗଙ୍କୁ ନାଟକ କରିବାକୁ ପଡୁଛି

**ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ୨୦୨୪ର ମତଦାନ ପୂର୍ବରୁ ରାଜନୈତିକ ଦଳ ମଧ୍ୟରେ ବୟାନ ଯୁଦ୍ଧ ଜାରି ରହିଛି । ଏହି କ୍ରମରେ ଶିବସେନା ୟୁବିଟି ସାଂସଦ ସଞ୍ଜୟ ରାଉତ କେନ୍ଦ୍ର ଗୃହମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଅମିତ ଶାହାଙ୍କ ଉପରେ ଏକ ବଡ଼ ଆକ୍ରମଣ କରିଛନ୍ତି। ବ୍ୟାଗ ଯାଞ୍ଚ ପ୍ରସଙ୍ଗରେ ସେ କହିଛନ୍ତି, ଉଦ୍ଧବ ଠାକରେ ଜୀ ସ୍ୱର ଉତ୍ତୋଳନ କରିବା ପରେ ତାଙ୍କ ବ୍ୟାଗ ଏବଂ ହେଲିକପ୍ଟର ଯାଞ୍ଚ ଆରମ୍ଭ ହୋଇଛି ।

ଯେତେବେଳେ ଉଦ୍ଧବ ଜୀ ସ୍ୱର ଉତ୍ତୋଳନ କଲେ, ନିର୍ବାଚନ ଆୟୋଗଙ୍କୁ ଏହି ସମସ୍ତ ଡ୍ରାମା କରିବାକୁ ପଡିବ, କିନ୍ତୁ ଟଙ୍କା କାରବାର ଜୋରସୋରରେ ଚାଲିଛି । ଏହି ସବୁ ଖେଳ ପୁଲିସର ତତ୍ତ୍ୱାବଧାନରେ ଏହି ସବୁ ଘଟୁଛି’ ସଞ୍ଜୟ ରାଉତ ଆହୁରି କହିଛନ୍ତି, ନିର୍ବାଚନରେ ସମସ୍ତ ପ୍ରସଙ୍ଗ ସମାପ୍ତ ହୋଇଛି । ବିକାଶ ବିଷୟରେ କଥାବାର୍ତ୍ତା କରନ୍ତୁ ଟାଟା ଏୟାର ବସ୍ ପ୍ରକଳ୍ପ, ମହାରାଷ୍ଟ୍ରରୁ ଗୁଜୁରାଟକୁ କିପରି ଚାଲିଗଲା ସେ ବିଷୟରେ



ଆଲୋଚନା କରନ୍ତୁ । ଅମିତ ଶାହା ଜି ୧୦୦୦୦ ଲୋକଙ୍କୁ ଯେଉଁଠି ରୋଜଗାର ମିଳିଥାନ୍ତା ଏବଂ ୩୦,୦୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଥାନ୍ତା, ସେ ବାବଦରେ ବର୍ତ୍ତମାନ ମହାରାଷ୍ଟ୍ରକୁ କୁହନ୍ତୁ । ଏହା ଏକ କେନ୍ଦ୍ରୀୟ ବିଷୟ, ରାଜ୍ୟ ବିଷୟ ନୁହେଁ । ସଞ୍ଜୟ ରାଉତ ମଧ ଏମଭିଏରେ ଭୋଟ୍ ଜିହାଦ ସମ୍ପର୍କରେ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି, ଦେଖ, ଏମାନେ ସମସ୍ତେ ବିଜେପି ଲୋକ ... ଏହି କାମ ସେମାନଙ୍କ ଉପରେ ଛାଡିଦିଅ । ଯଦି ଭୋଟ୍ ଜିହାଦ, ପ୍ରେମ ଜିହାଦ ଭଳି ଜିନିଷ ସାମ୍ନାକୁ ଆସୁଛି, ଏହାର ଅର୍ଥ ହେଉଛି ବିଜେପି ହାରିଯାଉଛି । ନିର୍ବାଚନ ଆସିବା ମାତ୍ରେ ଏସବୁ କଥା ମନେ ପଡିବା ସ୍ପଷ୍ଟ ଦର୍ଶାଉଛି ଯେ ଭାରତୀୟ ଜନତା ପାର୍ଟି ବର୍ତ୍ତମାନ ଏହି ନିର୍ବାଚନରେ ହାରିଛି ।

# ମଣିପୁରରେ କମୁନି ହିଂସା

**ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):** କୁକି ଆତଙ୍କବାଦୀ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ଗୁଳି ବିନିମୟ ପରେ ରିଲିଫ କ୍ୟାମ୍ପରୁ ନିଖୋଜ ଥିବା ୬ ଜଣଙ୍କ ମଧ୍ୟରୁ ୩ ଜଣଙ୍କ ମୃତଦେହ ଉଦ୍ଧାର ହୋଇଛି ବୋଲି ଶନିବାର ଜାଣିବାକୁ ମିଳିଛି । ଅଭିଯୁକ୍ତମାନେ ସେମାନଙ୍କୁ ଅପହରଣ କରି ବନ୍ଧକ ରଖିଥିବା ଅଭିଯୋଗ ହୋଇଛି । ସୂତ୍ରରୁ ପ୍ରକାଶ ଯେ ଶୁକ୍ରବାର ସନ୍ଧ୍ୟାରେ ସୁଦୂର ଜିରିମୁଖ ଗାଁର ଏକ ନଦୀ ନିକଟରେ ଜଣେ ମହିଳା ଏବଂ ଦୁଇ ଶିଶୁଙ୍କ ମୃତଦେହ ଜବତ କରାଯାଇଛି । ନିଖୋଜ ଥିବା ୬ ଜଣଙ୍କୁ ଖୋଜିବା ପାଇଁ ଏକ ବିଶାଳ ସର୍ଚ୍ଚ ଅପରେସନ ଚାଲିଥିଲା । ତେବେ ଅନ୍ୟ ଦୁଇ ମହିଳା ଏବଂ ଗୋଟିଏ ଶିଶୁ କେଉଁଠାରେ ଅଛନ୍ତି ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ । ନିଖୋଜ ଥିବା ୬ଜଣଙ୍କର ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ନିଖୋଜ ଲୋକଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି ହିଂସାରେ ଜଳୁଛି ମଣିପୁର ।

# ବିଜେପି ଓ କଂଗ୍ରେସକୁ ନିର୍ବାଚନ ଆୟୋଗଙ୍କ ନୋଟିସ

**ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):** ବିଜେପି ଓ କଂଗ୍ରେସକୁ ଜବାବ ମାଗିଲେ ନିର୍ବାଚନ ଆୟୋଗ। ଜାତୀୟ ସ୍ତରରେ ଦୁଇ ପ୍ରମୁଖ ଦଳର ଷ୍ଟାର୍ ପ୍ରଚାରକ ଅମିତ ଶାହ ଏବଂ ରାହୁଲ ଗାନ୍ଧିଙ୍କ ମନ୍ତବ୍ୟକୁ ନେଇ ଦଳର ସଭାପତିମାନଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି ନିର୍ବାଚନ କମିଶନ । ଆସନ୍ତା ସୋମବାର ସୁଦ୍ଧା ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏହାର ଜବାବ ଦେବେ । ନଭେମ୍ବର ୧୧ ରେ ବିଜେପି ରାହୁଲ ଗାନ୍ଧୀଙ୍କ ବିରୋଧରେ ନିର୍ବାଚନ ଆଚରଣ ସଂହିତା ଉଲ୍ଲଙ୍ଘନ କରିବାର ଅଭିଯୋଗ ଆଣିଥିଲା। ରାହୁଲ ଗାନ୍ଧି ମିଛ କହି ମହାରାଷ୍ଟ୍ର ଏବଂ ପଡୋଶୀ ରାଜ୍ୟ ଗୁଜରାଟ ଓ ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରୁଥିବା ବିଜେପି ଅଭିଯୋଗ କରିଥିଲା । ବିଜେପି ଅଭିଯୋଗରେ କହିଥିଲା ଯେ, ରାହୁଲ ଗାନ୍ଧି ନିର୍ବାଚନ ପ୍ରଚାର ସମୟରେ କହିଥିଲେ ଅନ୍ୟ ରାଜ୍ୟମାନେ ମହାରାଷ୍ଟ୍ରର ସୁଯୋଗ ଛଡ଼ାଇ



ନେଉଛନ୍ତି । ଏପରି ମିଥ୍ୟା ଅଭିଯୋଗ ଆଣି କଂଗ୍ରେସ ନେତା (ରାହୁଲ ଗାନ୍ଧି) ପଡୋଶୀ ରାଜ୍ୟ ଏବଂ ମହାରାଷ୍ଟ୍ର ମଧ୍ୟରେ ମତଭେଦ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ଏହାପରେ ନଭେମ୍ବର ୧୩ରେ କଂଗ୍ରେସ ବିଜେପି ବିରୁଦ୍ଧରେ ନିର୍ବାଚନ ଆୟୋଗଙ୍କ ନିକଟରେ ଫେରାଦ ହୋଇଥିଲା । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଭାରତୀୟ ଜାତୀୟ କଂଗ୍ରେସ (INC) ଏବଂ ଏହାର ସହଯୋଗୀମାନଙ୍କ ବିଷୟରେ ମିଥ୍ୟା, ବିଭାଜନକାରୀ ଏବଂ ଅପମାନଜନକ ବିବୃତ୍ତି ଦେଇଥିବା କଂଗ୍ରେସ ଅଭିଯୋଗ ଆଣିଥିଲା । ଶାହ ଧର୍ମ ଓ ଜାତି ଆଧାରରେ ଭୋଟରଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରୁଥିବା କଂଗ୍ରେସ ଅଭିଯୋଗ କରିଥିଲା । ଏହି ଅଭିଯୋଗ କ୍ରମେ ଆଜି ନିର୍ବାଚନ ଆୟୋଗ ଦୁଇ ଦଳର ଅଧ୍ୟକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି । ଆସନ୍ତା ସୋମବାର ସୁଦ୍ଧା ଏହାର ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ନିର୍ବାଚନ ଆୟୋଗ ।

# ଶିରୋମଣି ଅକାଳୀ ଦଳର ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଲେ ସୁଖବୀର ସିଂ

**ଚଣ୍ଡିଗଡ,୧୭।୧୧(ଏଜେନ୍ସି):** ଶିରୋମଣି ଅକାଳୀ ଦଳ ସଭାପତି ସୁଖବୀର ସିଂ ବାଦଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି । ଦଳର କାର୍ଯ୍ୟ କମିଟିରେ ସେ ଇସ୍ତଫା ଦେଇଛନ୍ତି । ଇସ୍ତଫା ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଦଳର ନେତା ତଥା କର୍ମୀମାନେ ତାଙ୍କ ପ୍ରତି ବିଶ୍ୱାସ ରଖିଥିବାରୁ ଓ ସବୁବେଳେ ସହଯୋଗ କରିଥିବାରୁ ସେ କୃତଜ୍ଞତା ଜଣାଉଛନ୍ତି । ଶିରୋମଣି ଅକାଳୀ ଦଳର ନେତା ଦଲଜିତ ସିଂ ଚିମା କହିଛନ୍ତି, ନୂତନ ଅଧ୍ୟକ୍ଷ ନିର୍ବାଚନ ପାଇଁ ରାସ୍ତା ଖୋଲିବା ପାଇଁ ଆଜି ଦଳର କାର୍ଯ୍ୟ କମିଟିରେ ଶିରୋମଣି ଅକାଳୀ ଦଳ ସଭାପତି ସୁଖବୀର ସିଂ ବାଦଲ ତାଙ୍କ ଇସ୍ତଫା ପତ୍ର ଦାଖଲ କରିଛନ୍ତି । ସେ ତାଙ୍କ ନେତୃତ୍ୱ ଉପରେ ଆତ୍ମବିଶ୍ୱାସ ପ୍ରକାଶ କରିଛନ୍ତି ଏବଂ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେବା ଜାରି ରଖିବେ । ଦଳର ସମସ୍ତ ନେତା ଓ କର୍ମୀଙ୍କୁ ହୃଦୟରୁ ସମର୍ଥନ ଏବଂ ସହଯୋଗ ପାଇଁ ସେ ଧନ୍ୟବାଦ ଜଣାଇଛନ୍ତି । ଆପଣଙ୍କୁ



କହିରଖୁଛୁ ଯେ ୨୦୦୮ ମସିହାରେ ସୁଖବୀର ସିଂ ବାଦଲ ଶିରୋମଣି ଅକାଳୀ ଦଳର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିଲେ ବାଦଲ ୧୬ ବର୍ଷ ଦୁଇ ମାସ ପାଇଁ ଶିରୋମଣି ଅକାଳୀ ଦଳ ସଭାପତି ଭାବରେ କାର୍ଯ୍ୟ କରିଥିଲେ । ସୁଖବୀର ସିଂ ବାଦଲଙ୍କ ପୂର୍ବରୁ ତାଙ୍କ ପିତା ପ୍ରକାଶ ସିଂ ବାଦଲ ଦଳର ସଭାପତି ଥିଲେ । ନଭେମ୍ବର ୨୦ ରେ ପଞ୍ଜାବର ଚାରିଟି ବିଧାନସଭା ଆସନରେ ଉପ-ନିର୍ବାଚନ ହେବାକୁ ଯାଉଥିବା ସମୟରେ ସୁଖବୀର ସିଂ ବାଦଲ ଦଳର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି । ତାଙ୍କ ଇସ୍ତଫା ପରେ ଏବେ ଦେଖିବାକୁ ବାକି ରହିଲା କିଏ ଶିରୋମଣି ଅକାଳୀ ଦଳର ମୁଖ୍ୟ ହେବେ ।

# ନାଇଜେରିଆ, ବ୍ରାଜିଲ ଏବଂ ଗୁୟାନାକୁ ପାଞ୍ଚ ଦିନିଆ ଗସ୍ତରେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):** ନାଇଜେରିଆ, ବ୍ରାଜିଲ ଏବଂ ଗୁୟାନାକୁ ପାଞ୍ଚ ଦିନିଆ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ଆମନ୍ତ୍ରଣ କ୍ରମେ ମୋଦୀଙ୍କର ଏହା ପ୍ରଥମ ନାଇଜେରିଆ ଗସ୍ତ । ଏହି ଗସ୍ତକୁ ନେଇ ମୋଦୀ କହିଛନ୍ତି ଯେ ଆମର ରଣନୀତିକ ସହଭାଗିତା ଯାହାକି ଗଣତନ୍ତ୍ର ଓ ବହୁଳବାଦର ପାରସ୍ପରିକ ବିଶ୍ୱାସ ଆଧାରିତ ତାକୁ ସୁଦୃଢ କରିବା ପାଇଁ ମୋର ଗସ୍ତ ଏକ ସୁଯୋଗ । ସେହିପରି ମୋଦୀ ବ୍ରାଜିଲରେ ୧୯ ତମ ଜି-୨୦ ଶିଖର ସମ୍ମିଳନୀରେ ଟ୍ରୋଇକା ସଦସ୍ୟ ଭାବେ ଯୋଗ ଦେବେ । ଏନେଇ ମୋଦୀ କହିଛନ୍ତି ଯେ ଗତ ବର୍ଷ ଭାରତ ସଫଳତାର ସହ ଅଧ୍ୟକ୍ଷତା କରିବା କରି ଜି-୨୦କୁ ଜନସାଧାରଣଙ୍କ ଜି-୨୦ ଭାବେ ଶୀର୍ଷକୁ ନେଇଥିଲା ଏବଂ ଗ୍ଲୋବାଲ ସାଉଥର ଅଗ୍ରାଧିକାରକୁ କାର୍ଯ୍ୟସୂଚୀରେ ସାମିଲ କରିପାରିଥିଲା । ଚଳିତ ବର୍ଷ ବ୍ରାଜିଲ ଏହି ପରମ୍ପରାକୁ ଆଗକୁ ନେବ । ‘ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ’ ଦୃଷ୍ଟିକୋଣ ଅନୁଯାୟୀ ଫଳପ୍ରଦ



ଆଲୋଚନାକୁ ମୁଁ ଅପେକ୍ଷା କରି ରହିଛି । ଅନ୍ୟାନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କରେ ଭାବ ବିନିମୟ କରିବାକୁ ମଧ ଏହି ସୁଯୋଗର ମୁଁ ସଦ୍ୱ୍ୟବହାର କରିବି । ସେହିପରି ରାଷ୍ଟ୍ରପତି ମହମ୍ମଦ ଇରଫାନ ଅଲ୍ଲୀଙ୍କ ଆମନ୍ତ୍ରଣ କ୍ରମେ ମୋଦୀ ଗୁୟାନା ଗସ୍ତ ମଧ କରିବେ ବିଗତ ୫୦ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗୁୟାନା ଗସ୍ତ ହେବ । ଏହି ଗସ୍ତ ନେଇ ମୋଦୀ କହିଛନ୍ତି ଯେ ଐତିହ୍ୟ, ସଂସ୍କୃତି ଓ ନୈତିକତା ଆଧାରରେ ଆମର ସ୍ୱତନ୍ତ୍ର ସମ୍ପର୍କକୁ ରଣନୀତିକ ଦିଗକୁ ନେବାକୁ ଆମେ ଭାବ ବିନିମୟ କରିବୁ । ଭାରତର ଏକ ପୁରାତନ ସମୁଦାୟ ଯେଉଁମାନେ କି ୧୮୫ ବର୍ଷ ପୂର୍ବେ ଗୁୟାନା ଚାଲି ଯାଇଥିଲେ ସେମାନଙ୍କୁ ମୁଁ ସମ୍ମାନ ଜଣାଇବି ଏବଂ ଲୋକତନ୍ତ୍ରର ସାଥୀ ଭାବେ ସଂସଦରେ ମୁଁ ଉଦବୋଧନ ଦେବି ।

## ୧୦ ଶିଶୁ ଜଳିଯିବା ଘଟଣା

# କ୍ଷତିପୂରଣ ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ,୧୭।୧୧(ଏଜେନ୍ସି):** ଗତରାତିରେ ଉତ୍ତରପ୍ରଦେଶର ଝାନସୀ ମେଡିକାଲ କଲେଜର ଶିଶୁ ୱାର୍ଡରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିବା ବେଳେ ୧୦ ଶିଶୁ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି । ଏହି ଅଗ୍ନିକାଣ୍ଡରେ ବହୁ ଶିଶୁ ଜଳି ଗୁରୁତର ହୋଇପଡ଼ିଛନ୍ତି । ଏହି ଘଟଣାକୁ ଅତି ଗୁରୁତର ସହ ନେଇଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହାକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କହିଛନ୍ତି । ଏଥିସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇବା ସହ କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି । ଝାନସୀ ମେଡିକାଲରେ ଘଟିଥିବା ଅଗ୍ନିକାଣ୍ଡ ଯୋଗୁ ମୃତ ଶିଶୁଙ୍କ ପରିବାର ପାଇଁ ୫ ଲକ୍ଷ ଲେଖାଏ ଅନୁକମ୍ପାମୂଳକ ରାଶି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଯୋଗୀ । ଏଥିସହ ଗୁରୁତରଙ୍କ ପରିବାର ନିମନ୍ତେ ୫୦ ହଜାର ଟଙ୍କା ଲେଖାଏ ଘୋଷଣା କରିଛନ୍ତି । ଗତ ରାତିରେ ଘଟିଥିବା ଏହି ଘଟଣା ସମଗ୍ର ଦେଶକୁ ଦୋହଲାଇ ରଖି ଦେଇଛି । ଶୁକ୍ରବାର ବିଳମ୍ବିତ ରାତିରେ ଏନେଇ ସୂଚନା ପାଇବା ପରେ ମୁଖ୍ୟମନ୍ତ୍ରୀ ତୁରନ୍ତ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ ଓ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ସଚିବଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ । କ’ଣ ପାଇଁ ଏପରି ଭୟାବହ ଅଗ୍ନିକାଣ୍ଡ ଘଟିଲା, ଏତେ ସଂଖ୍ୟକ ଛୁଆଙ୍କ ଜୀବନ ଚାଲିଗଲା ତାହାର ଉଚ୍ଚସ୍ତରୀୟ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏହି ଯାଞ୍ଚ ରିପୋର୍ଟ ୧୨ ଘଣ୍ଟାରେ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଘଟଣାର ତ୍ରିସ୍ତରୀୟ ଯାଞ୍ଚ କରାଯିବ । ପ୍ରଥମ ଯାଞ୍ଚ ସ୍ୱାସ୍ଥ୍ୟ ବିଭାଗ କରିବ ଦ୍ୱିତୀୟ ଯାଞ୍ଚ ପୁଲିସ୍ ପ୍ରଶାସନ ଓ ଅଗ୍ନିଶମ ବିଭାଗ କରିବେ । ଏହାପରେ ମାଜିଷ୍ଟ୍ରେଟ ଶେଷ ଯାଞ୍ଚ କରିବେ । ଯେଉଁମାନଙ୍କ ଦାୟିତ୍ୱହୀନତା ନିମନ୍ତେ ଏପରି ଘଟଣା ଘଟିଥିବା ପ୍ରମାଣିତ ହେବ ସେମାନଙ୍କୁ ଚିହ୍ନଟ କରି କଡ଼ା ଶାସ୍ତି ଦିଆଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବି ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ମୃତ ଶିଶୁଙ୍କ ପରିବାର ପ୍ରତି ସେ ଗଭୀର ସମବେଦନା ଜଣାଇବା ସହ ଗୁରୁତର ଶିଶୁଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

## ପ୍ରଦୁଷଣ ନିୟମ ଉଲଙ୍ଘନ

# ଦୁର୍ଗା ରାଇସ ମିଲକୁ କାରଣ ଦର୍ଶାଅ ନୋଟିସ

**ରେଙ୍ଗାଲି,୧୭।୧୧ (ମହାଭାରତ):** ସମ୍ବଲପୁର ଜିଲାର ରେଙ୍ଗାଲି ନିକଟସ୍ଥ ନୁଆଁ ରମ୍ଭେଲା ରାସ୍ତା ପାର୍ଶ୍ୱରେ ଥିବା ଦୁର୍ଗା ରାଇସ୍ ମିଲ୍ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ଧାର୍ଯ୍ୟ ନିୟମ ତଥା ଗାଇଡ୍ ଲାଇନ୍‌ର ଉଲଙ୍ଘନ କରି ମିଲ୍ ଚଲାଉଥିବାରୁ ପ୍ରଦୁଷଣ ସମସ୍ୟା ଦେଖାଦେଇଛି। ସମ୍ବଲପୁର ଆଞ୍ଚଳିକ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ବିଶେଷଜ୍ଞ ଦଳ ରାଇସ୍ ମିଲ୍ ପରିଦର୍ଶନ ସମୟରେ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ନୀତି ନିୟମ ଉଲଘଂନ କରାଯାଇ ମିଲ୍ ଚାଲୁଥିବାର ଦେଖି ଏହି ରାଇସ୍ ମିଲକୁ କାହିଁକି ବନ୍ଦ କରାଯିବ ନାହିଁ ତହିଁର ଜବାବ ଦାଖଲ କରିବା ପାଇଁ ବୋର୍ଡ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି।

# ଶିକ୍ଷକ ନିଯୁକ୍ତିରେ ଚଞ୍ଚକତା, ତଦନ୍ତ ଦାବି

**ନିଶ୍ଚିନ୍ତକୋଇଲି,୧୭।୧୧ (ମହାଭାରତ):** ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ନିଯୁକ୍ତିରେ ବ୍ୟାପକ ଅନିୟମିତତା ଓ ଚଞ୍ଚକତା କରାଯାଇଥିବାର ଅଭିଯୋଗ ହୋଇଛି। ଏହାର ତଦନ୍ତ ଦାବି ହୋଇଛି। କଟିକଟା ଗ୍ରାମପଞ୍ଚାୟତ ରାମରାଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ର ଛାତ୍ରୀ ଶୂନ୍ୟ ହୋଇ ପଡିବା ପରେ ଏହି ବିଦ୍ୟାଳୟକୁ ବନ୍ଦ କରି ଦିଆଯାଇଥିଲା। ଏଠାରେ କାର୍ଯ୍ୟ କରୁଥିବା ଲେବୁଲ-୪ ପ୍ରଧାନ ଶିକ୍ଷୟିତ୍ରୀ ସ୍ନିଗ୍ଧାରାଣୀ ସାମଲଙ୍କୁ ପାଟସୁରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଥିଲା। ମାତ୍ର ଏହି ବିଦ୍ୟାଳୟରେ ତାଙ୍କର ପଦବୀ ନଥିବା କାରଣରୁ ତାଙ୍କୁ ବ୍ଲକ ଶିକ୍ଷାଧିକାରୀ ପାରସାଇଲୋ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟକୁ ୨୦୨୪ ସେପ୍ଟେମ୍ବର ମାସରେ କ୍ଲସଟେକ ଆଦେଶ ଦେଇଥିଲେ। ମାତ୍ର ଏହି ଉର୍ଦ୍ଧ୍ୱ ବିଦ୍ୟାଳୟରେ ଗତ ୨୦୨୨ ମସିହାରୁ ପଦୋନ୍ନତି ପାଇଥିବା ଲେବୁଲ-୪ ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ନାଥଶର୍ମା କାର୍ଯ୍ୟ କରିଆସୁଛନ୍ତି। ଏଠାରେ ପ୍ରଶ୍ନ ଉଠେ ଏହି ବ୍ଲକର ବହୁ ବିଦ୍ୟାଳୟରେ ଲେବୁଲ-୪ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିଲା ବେଳେ ଜଣେ ବରିଷ୍ଠ ପ୍ରଧାନ ଶିକ୍ଷକଙ୍କୁ ଗୋଟିଏ ବିଦ୍ୟାଳୟରେ ଜଣେ କନିଷ୍ଠ ପ୍ରଧାନଶିକ୍ଷକଙ୍କ ଅଧିନରେ କାର୍ଯ୍ୟକରିବାକୁ ପଡୁଥିବାର ଅଭିଯୋଗ ହୋଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ବିଭାଗରେ ଏଭଳି ବିଚିତ୍ର ଅବସ୍ଥା ସୃଷ୍ଟି ହୋଇଥିଲା। ଯେତେବେଳେ କି ୩ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଭାନୁମତୀ ସେଠ, ଦେବୀପ୍ରଭା ଦାଶ ଓ ମଳୟ କୁମାର ମଲ୍ଲ ଜଣେ ଜଣେ ସହକାରୀ ଶିକ୍ଷକଙ୍କ ଅଧିନରେ ଦୁଇ ଦୁଇ ବର୍ଷ ଧରି କାର୍ଯ୍ୟକରି ଆସୁଥିଲେ। ଏସମ୍ପର୍କରେ ରାଜ୍ୟର ପ୍ରମୁଖ ଗଣ ମାଧମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତରଫରୁ ତତ୍ପରତା ପ୍ରକାଶ ପାଇଥିଲା। ଏହି ବ୍ଲକରେ ଗୋଟିଏ ଦୁଇଟି ବିଦ୍ୟାଳୟରେ ୫ଟି ପିଲା ଥିଲା ବେଳେ ସେହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି କରାଯାଇଛି। ମାତ୍ର ଏହି ବ୍ଲକର ବହୁ ବିଦ୍ୟାଳୟରେ ଅଧିକ ଶିକ୍ଷକ ରହିଥିଲେ ମଧ ଏହି ଉଚ୍ଚ ପ୍ରାଥମିକ କିମ୍ବା ପ୍ରାଥମିକ ବିଦ୍ୟାଳୟରେ ପଦୋନ୍ନତି ପାଇଥିବା ପ୍ରଧାନ ଶିକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇନଥିବାର ଅଭିଯୋଗ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ସରକାରଙ୍କ ଦ୍ୱାରା ନିଶ୍ଚିନ୍ତକୋଇଲି ବ୍ଲକରେ ଗତ ଅକ୍ଟୋବର ମାସରେ ନିଯୁକ୍ତି ପାଇଥିବା କନିଷ୍ଠ ଶିକ୍ଷକ ପଦବୀ ଛାତ୍ର ଛାତ୍ରୀଙ୍କ ଅନୁପାତରେ ପୁରଣ କରାନଯାଇ ମନମୂଖି ଭାବେ କରାଯାଇଥିବାର ଅଭିଯୋଗ ହୋଇଛି।

# ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ନିଶ୍ଚିନ୍ତକୋଇଲି,୧୭।୧୧ (ମହାଭାରତ):** ନିଶ୍ଚିନ୍ତକୋଇଲି ବ୍ଲକ ଖଣ୍ଡସାହି ଗ୍ରାମର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କୁଳମଣୀ ମିଶ୍ରଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିଚାରଣ ସଭାରେ ପ୍ରାକ୍ତନ ଶିକ୍ଷକ ଉତ୍ସବ ଚରଣ ବାରିକ ସଭାପତିତ୍ୱ କରିଥିଲେ। ଏଥିରେ ବର୍ଷୀୟାନ କବି ସଚ୍ଚିଦାନନ୍ଦ ମିଶ୍ର, ପ୍ରବୋଧ କୁମାର ସାମଲ, ଜିତେନ୍ଦ୍ର କୁମାର ଦାଶ, ଅୟସା କାନ୍ତ ତ୍ରିପାଠୀ, ସଞ୍ଜୁକ୍ତା ତ୍ରିପାଠୀ, ମହେନ୍ଦ୍ର କୁମାର ଦାସ, ଅଜିତ କୁମାର ଶତପଥି, ପ୍ରଣବ କୁମାର ମିଶ୍ର, ଚନ୍ଦନ କୁମାର ମିଶ୍ର, ଅମୀୟ କୁମାର ଶତପଥି, ପୂର୍ଣ୍ଣଚନ୍ଦ୍ର ଷଡଙ୍ଗୀ, ନିଗମ ଚରଣ ଦାସ, ପ୍ରଭାକର ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ମହାପାତ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ସ୍ୱର୍ଗତ



ମିଶ୍ରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ସମ୍ପର୍କରେ ଗଭୀରଭାବେ ଆଲୋକପାତ କରିଥିଲେ। ଶେଷରେ ତାଙ୍କର ଜ୍ୟେଷ୍ଠପୁତ୍ର ରବିନାରାୟଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ହକି ଦଳକୁ ଭବ୍ୟ ସ୍ୱାଗତ





ଭୁବନେଶ୍ୱର,୧୭।୧୧: ଚେନ୍ନାଇରେ ଅନୁଷ୍ଠିତ ୧୪ତମ ଜାତୀୟ ସିନିୟର ହକି ଋମ୍ପିୟନଶିପ୍‌ରେ ହରିୟାଣାକୁ ୫-୧ରେ ହରାଇ ଓଡ଼ିଶା ପୁରୁଷ ଦଳ ପ୍ରଥମ ଥର ପାଇଁ ଋମ୍ପିୟନ ହୋଇଛି। ଏହି ପରିପ୍ରେକ୍ଷୀରେ ଚେନ୍ନାଇରୁ ଏକ ବିମାନ ଯୋଗେ ଋମ୍ପିୟନ ହକି ଟିମ୍ ରବିବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି। ଏହି ଅବସରରେ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

ଓଡ଼ିଶା ଟିମ୍ ଆଜି ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର ଠାରେ ପହଞ୍ଚିବା ପରେ ଅନେକ ଯୁବ କ୍ରୀଡ଼ାଡ଼ି ଓ ପ୍ରଶଂସକମାନେ ଟିମ୍ ର କ୍ରୀଡ଼ାବିତ୍ ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଓଡ଼ିଶା ହକି ପ୍ରମୋସନ କାଉନ୍‌ସିଲ୍‌ର ସିଇଓ ଶ୍ରୀ ଦୀପଙ୍କର ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ବିଭାଗ ପକ୍ଷରୁ ଓଡ଼ିଶା ହକି ଦଳର କ୍ରୀଡ଼ାବି ମାନଙ୍କୁ ଭବ୍ୟ ସ୍ୱାଗତ ପ୍ରଦାନ କରିଥିଲେ।

ଏହାପରେ ଓଡ଼ିଶା ହକି ଟିମ୍ ର କ୍ରୀଡ଼ାବି ମାନେ କଳିଙ୍ଗ ଷ୍ଟାଡିୟମ ଠାରେ ଆସି ପହଞ୍ଚିଥିଲେ କଳିଙ୍ଗ ଷ୍ଟାଡିୟମ୍ ଠାରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶା ଟିମ୍ କୁ ତାଙ୍କର ଐତିହାସିକ ବିଜୟ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଯେପରି ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ମାନଙ୍କରେ କ୍ରୀଡ଼ାବି ମାନେ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ରାଜ୍ୟ ପାଇଁ ଗୌରବ ଅର୍ଜନ କରିବେ ସେଥିପାଇଁ ସମସ୍ତ କ୍ରୀଡ଼ାବିତ ମାନଙ୍କୁ ପ୍ରୋତ୍ସାହିତ କରିଥିଲେ।

ସେ କହିଥିଲେ ଯେ, ଓଡ଼ିଶା ହକି ଟିମ୍ ର ଏହି ବିଜୟ ଓଡ଼ିଶା କ୍ରୀଡ଼ା ଜଗତ ପାଇଁ ଐତିହାସିକ ଆପଣମାନେ ସମସ୍ତେ ହେଉଛନ୍ତି ଆମ ଗର୍ବ ଓ ଗୌରବ ଓ ଓଡ଼ିଶାର ପ୍ରତ୍ୟେକ ଯୁବ କ୍ରୀଡ଼ାବିତ୍ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ଆଗକୁ ମଧ୍ୟ ଏହି ବିଜୟର ଗାଥା ଜାରି ରହୁ ଏବଂ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ମାନଙ୍କରେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ମାଧ୍ୟମରେ ପଦକ ଜିତି ଓଡ଼ିଶା ପାଇଁ ନିଶ୍ଚିତ ଭାବେ ଆପଣମାନେ ଗର୍ବ ଓ ଗୌରବ ଅର୍ଜନ କରିବେ ବୋଲି ମୋର ଆଶା କ୍ରୀଡ଼ା ଓ କ୍ରୀଡ଼ାବିତ୍ ମାନଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ଓଡ଼ିଶା ସରକାର ସଦାସର୍ବଦା ଚେଷ୍ଟିତ ଏବଂ ଖେଳାଳୀ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଓ ସହଯୋଗ ପ୍ରଦାନ କରାଯିବ ବୋଲି କ୍ରୀଡ଼ାମନ୍ତ୍ରୀ। ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଥିଲେ। ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ୧୪ତମ ହକି ଇଣ୍ଡିଆ। ସିନିୟର ପୁରୁଷ ଜାତୀୟ ଚମ୍ପିୟାନସିପ୍ ର ଫାଇନାଲ ମ୍ୟାଚ୍ ରେ ଟିମ୍ ଓଡ଼ିଶା ୫-୧ ଗୋଲ୍ ରେ ଟିମ୍ ହରିୟାଣାକୁ ପରାସ୍ତ କରି ଏହି ଐତିହାସିକ ବିଜୟ ହାସଲ କରିଛନ୍ତି। ଟିମ୍ ଓଡ଼ିଶାର କ୍ରୀଡ଼ାବିତ ଶିଳାନନ୍ଦ ଲାକ୍ରା ଓଡ଼ିଶା ପାଇଁ ହ୍ୟାଟ୍ରିକ ଗୋଲ୍ କରିଥିବା ବେଳେ କ୍ରୀଡ଼ାବିତ ରଜତ ଆକାଶ ର୍ତିକୀ ଓ ପ୍ରତାପ ଲାକ୍ରା ଉଭୟ ଗୋଟିଏ ଗୋଟିଏ ଗୋଲ୍ କରିଥିଲେ ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କ୍ରୀଡ଼ାବିତ ଶିଳାନନ୍ଦ ଲାକ୍ରାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ଭାବେ ମଧ୍ୟ ଘୋଷଣା କରାଯାଇଥିଲା।

ସୂଚନାଯୋଗ୍ୟ, ଜାତୀୟ ଋମ୍ପିୟନଶିପ୍‌ରେ ଓଡ଼ିଶା ପୁରୁଷ ଦଳ ପ୍ରଥମ ଥର ଟ୍ରଫି ହାସଲ କରିବାରେ ସମର୍ଥ ହୋଇଛି। ପୂର୍ବରୁ ଦଳ ୨୦୦୬ରେ ତୃତୀୟ ସ୍ଥାନ ହାସଲ କରିଥିଲା। ୨୦୧୧ ପରଠାରୁ ହକି ଇଣ୍ଡିଆ। ଜାତୀୟ ଋମ୍ପିୟନଶିପ ଆୟୋଜନ କରୁଥିବା ବେଳେ ପଞ୍ଜାବ ଓ ରେଲୱେଜ ସଫଳ ଦଳ ଭାବରେ ୪ ଥର ଲେଖାଏ ଟାଇଟଲ ହାସଲ କରିଛନ୍ତି। ଓଡ଼ିଶା ପକ୍ଷରୁ ଶିଳାନନ୍ଦ ଲାକ୍ରା(୪୮, ୫୭, ୬୦) ମିନିଟ୍‌ରେ ହ୍ୟାଟ୍ରିକ ଅର୍ଜନ କରି ଓଡ଼ିଶାକୁ ବିଜୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ରଜତ ଆକାଶ ର୍ତିକି(୧୧) ଓ ପ୍ରତାପ ଲାକ୍ରା(୩୯) ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ହରିୟାଣା ପକ୍ଷରୁ ଯୋଗୀନ୍ଦର ସିଂ(୫୫) ମିନିଟ୍‌ରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଓଡ଼ିଶା ହକି ଦଳର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ପୋଷ୍ଟ କରି ଶୁଭେଚ୍ଛା ଜଣାଇଥିଲେ। ଓଡ଼ିଶା ହକି ଦଳର ଏହି ବିଜୟ ଏକ ମାଇଲଖୁଣ୍ଟ ଭାବରେ ଅଗାମୀ ପିଢିକୁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ପର୍ଥ ଟେଷ୍ଟ ପୂର୍ବରୁ ଗିଲ୍‌ଙ୍କ ଆଙ୍ଗୁଠି ଭାଙ୍ଗିଲା, ଖେଳିବେନି ରୋହିତ



ପର୍ଥ,୧୭।୧୧: ତୀବ୍ର ଆହ୍ୱାନଭରା ବର୍ଡର-ଗାଭାସ୍କର ଟ୍ରଫି ଆରମ୍ଭ ହେବାକୁ ଆଉ ମାତ୍ର ପାଞ୍ଚ ଦିନ ବାକି ଅଛି ସମୟ ଯେତିକି ପାଖେଇ ଆସୁଛି, ଭାରତୀୟ ଦଳ ପାଇଁ ଆହତ ସମସ୍ୟା ସେତିକି ବଢ଼ିବାରେ ଲାଗିଛି। ଭାରତ ଏ ଦଳ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ସମୟରେ ସ୍ଲିପରେ ଫିଲ୍ଡିଂ କରୁଥିବାବେଳେ ଯୁବ ବ୍ୟାଟର ଶୁବମନ ଗିଲ୍ ଆହତ ହୋଇଛନ୍ତି। ସେ ପ୍ରଥମ ଟେଷ୍ଟ ଖେଳିବେନି। ସେହିପରି ବ୍ୟକ୍ତିଗତ କାରଣ ଦର୍ଶାଇ ରୋହିତ ଶର୍ମା ମଧ୍ୟ ପ୍ରଥମ ଟେଷ୍ଟ ଖେଳିବେନି। ଏହି ଦୁଇ ଖେଳାଳିଙ୍କ ଅନୁପସ୍ଥିତିରେ ହର୍ଷିତ ରାଣା ଓ ଦେବଦତ୍ତ ପାଡିକଲ ଟେଷ୍ଟ ଡେବ୍ୟୁ କରିବେ।

ମିଳିଥିବା ଖବର ଅନୁସାରେ କ୍ଷେତ୍ରରକ୍ଷଣ ବେଳେ ଗିଲଙ୍କ ବାମ ହାତ ବୁଢ଼ା ଆଙ୍ଗୁଳିରେ ଆଘାତ ଲାଗିଥିଲା। ଏହାପରେ ସେ ପଡ଼ିଆ ଛାଡ଼ିଥିଲେ, ଆଉ ଖେଳିବାକୁ ମଧ୍ୟ ଫେରିନଥିଲେ। ଏକ୍ସ-ରେ ପରେ ତାଙ୍କ ଆଙ୍ଗୁଳି ଭାଙ୍ଗି ଯାଇଥିବା ସ୍ପଷ୍ଟ ହୋଇଛି। ଅରସନ୍ତା ପ୍ରାୟ ୧୪ ଦିନ ପର୍ଯ୍ୟନ୍ତ ସେ ଖଳିପାରିବେ ନାହିଁ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି। ଅର୍ଥାତ ଆସନ୍ତା ୨୨ ତାରିଖରୁ ପର୍ଥରେ ଆରମ୍ଭ ହେବାକୁ ଥିବା ବହୁ ପ୍ରତୀକ୍ଷିତ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ସେ ଖେଳିବା ସମ୍ଭବ ହେବନାହିଁ। ତେବେ ସେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଫେରିପାରନ୍ତି ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ।

ଏହି ଅଭ୍ୟାସ ମ୍ୟାଚରେ ପ୍ରସିଦ୍ଧ କ୍ରିଷ୍ଣା ବୋଲିଂ କରୁଥିବାବେଳେ ଏକ ବଲ୍ କେଏଲ୍ ରାହୁଲଙ୍କ କହୁଣୀରେ ବାଜିବାରୁ ସେ ମଧ୍ୟ ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ିଥିଲେ। ତେବେ ଆଜି ରାହୁଲ ପୁଣିଥରେ ଅଭ୍ୟାସକୁ ଫେରିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଅଧିନାୟକ ରୋହିତ ଶର୍ମା ପତ୍ନୀଙ୍କ ସନ୍ତାନ ଜନ୍ମ ପାଇଁ ଦଳ ସହ ଅଷ୍ଟ୍ରେଲିଆ ଗସ୍ତ କରିନାହାନ୍ତି। ତେଣୁ ଜୟସ୍ୱାଲଙ୍କ ସହ ଗିଲ୍ ପାଳି ଆରମ୍ଭ କରିବେ ବୋଲି କୁହାଯାଉଥିଲା। ଏଭଳି ସ୍ଥିତିରେ ସେ ଆହତ ହେବା ଦଳକୁ ଅଡୁଆରେ ପକାଇଛି। ଶନିବାର ରୋହିତଙ୍କ ପତ୍ନୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ତେଣୁ ଯଦି ପ୍ରଥମ ଟେଷ୍ଟ ଖେଳିବାକୁ ରୋହିତ ପର୍ଥରେ ପହଞ୍ଚିପାଆନ୍ତି, ତାହେଲେ ସ୍ଥିତି ଭିନ୍ନ ହେବ।

## ଓଡ଼ିଶା ଟେନିସ ଦଳର ଜାମ୍ମୁ-କାଶ୍ମୀର ଗସ୍ତ

ଭୁବନେଶ୍ୱର,୧୭।୧୧: ଆସନ୍ତା ୧୮ଠାରୁ ଆରମ୍ଭ କରି ୨୧ ତାରିଖ ପର୍ଯ୍ୟନ୍ତ ଜମ୍ମୁ ଓ କଶ୍ମୀର ଠାରେ ୩୫ତମ ଜାତୀୟ ସିନିଅର ଟେନିସ୍ ବଲ୍ କ୍ରିକେଟ୍ ଚମ୍ପିଅନ୍‌ସିପ୍ ପାଇଁ ଆୟୋଜନ ହେବ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ଜାତୀୟ ସିନିଅର (ମହିଳା ଓ ପୁରୁଷ) ବର୍ଗର ଦଳ ଜମ୍ମୁ ଅଭିମୁଖେ ଆଜି ହୀରାକୁଦ ଏକ୍ସପ୍ରେସ ଯୋଗେ ଯାତ୍ରା କରିଛନ୍ତି।

ପୁରୁଷ ଦଳ: ଅଭିନାଶ ଖଟୁଆ, ସୁନୀଲ ଦଳାଇ, ଏମ ରାଜା, ପଙ୍କଜ କୁମାର ଦାସ, ଭିକି ଡିଗାଲ (କ୍ୟାପଟେନ), ସୁନୀଲ ମଲ୍ଲିକ, ବିକାଶ ବାଛା, ଶରତ ପଟ୍ଟନାୟକ, ଅମ୍ରିତ କୁମାର ଦାସ, ରଜତ କୁମାର ନାୟକ, ସୁଦାମା ବେହେରା, ଦେବାଶିଷ ସାହୁ, ସମୀର କୁମାର ସାହୁ, ସମ୍ପୂର୍ଣ୍ଣ ରଥ, କୋଚ ପ୍ରକାଶ ସାହୁ ଓ ମ୍ୟାନେଜର ସୋମନାଥ ପରିଡ଼ା।ମହିଳା ଦଳ: ଇତିଶ୍ରୀ ସେଠି, ସନ୍ତୋଷିନୀ ତ୍ରିପାଠୀ, ପ୍ରଜ୍ଞା ପାରମିତା ପରିଡ଼ା, ମଧୁସ୍ମିତା ପଣ୍ଡା, ଭାଗ୍ୟଶ୍ରୀ ରାଉତ, ଶଶୀରେଖା ସାହୁ, ଶୀତୁପ୍ରଭା ନାୟକ, ସ୍ମୃତିରୁପା ମଲ୍ଲିକ, ରଇଲା ଭତ୍ରା (କ୍ୟାପଟେନ ), କାମକଳା ଜାନି, ନର୍ମଦା ଏଡ଼ଡିଙ୍ଗ, ସ୍ୱାତିରାଣୀ ପ୍ରଧାନୀ, ଅଭିପ୍ସା ସିଂ, ଲକ୍ଷ୍ମୀ ମାଝୀ, କୋଚ ଆଜିତା ଦାସ, ମ୍ୟାନେଜର ରଞ୍ଜନ କୁମାର ନାୟକ ଓଡ଼ିଶା ଟେନିସ ବଲ କ୍ରିକେଟ ସଙ୍ଘର ସଭାପତି ସୁରଜ କୁମାର ମିଶ୍ର, ସମ୍ପାଦକ ସିଥିଲ କୁମାର ପଣ୍ଡା, କେନ୍ଦ୍ରାପଡା ସଙ୍ଘର ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ଏବଂ ଓଡ଼ିଶା ଟେନିସ୍ ବଲ୍ କ୍ରିକେଟ୍ ମୁଖ୍ୟ କୋଚ୍ ଚକ୍ରଧର ମାଝୀ ଓଡ଼ିଶା ଦଳର ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପାରାଦୀପରେ ଆନ୍ତଃ-କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ





ପାରାଦୀପ,୧୭।୧୧: ପାରାଦୀପ ପୋର୍ଟ କ୍ରିକେଟ ଜିଲ୍ଲା ଆନୁକୂଲ୍ୟରେ ଓଡିଶା କ୍ରିକେଟ ଆସୋସିଏସନ (ଓସିଏ) ଦ୍ୱାରା ଆୟୋଜିତ ସିନିୟର ଆନ୍ତଃ-କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାରାଦୀପ ବନ୍ଦରର ଗୋପବନ୍ଧୁ ଷ୍ଟାଡିୟମ ଠାରେ ଉଦଘାଟିତ ହୋଇଯାଇଛି। ୫୦ ଓଭର ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ରେ ପୋର୍ଟ କ୍ଲବ, ପାରାଦୀପ କ୍ରିକେଟ କ୍ଲବ-୧, ପାରାଦୀପ କ୍ରିକେଟ କ୍ଲବ-୨, ଡାଇମଣ୍ଡ କ୍ଲବ, ପାରାଦୀପ କ୍ରିକେଟ ଏକାଡେମୀ, ମଦର ଇଣ୍ଡିଆ କ୍ଲବ, ପାରାଦୀପ ୟୁଥ କ୍ଲବ ଏବଂ ଡକ ରିକ୍ରେସନ କ୍ଲବ ସମେତ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ତଥା ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲର ସଭାପତି ଧର୍ମେନ୍ଦ୍ର ନାଥ ସୋଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହି ଟୁର୍ଣ୍ଣାମେଣ୍ଟ କୁ ଉଦଘାଟନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲ ର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ପାରାଦୀପ ଗଲ୍ଫ କ୍ଲବ ର କାର୍ଯ୍ୟକାରୀ ସଭାପତି ବବୁଲ ସିକଦାର, ଏସିଇ କମର୍ସିଆଲ ପାରାଦୀପ ୟୁନିଟ ମୁଖ୍ୟ ଏ.ସି.ସୁତାର, ଓଏସଏଲ ଗ୍ରୁପ ର ଅପରେସନ ଜିଏମ ହରିହର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ତେବେ ଖେଳାଳି ମାନଙ୍କୁ ପ୍ରୋତ୍ସାହନ ପାଇଁ ଓସିଏର ଏଭଳି ମ୍ୟାଚ ଆୟୋଜନ ଓ ଉଦ୍ୟମ କୁ ଅତିଥି ମାନେ ଉଚ୍ଚ ପ୍ରଶଂସା କରିଥିଲେ ପାରାଦୀପ ପୋର୍ଟ ସ୍ପୋର୍ଟ୍ସ କାଉନସିଲର ସମ୍ପାଦଜ ରଞ୍ଜନ ରଶ୍ମି ବେଉରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ, ଓସିଏ ସଦସ୍ୟ ତଥା ପାରାଦୀପ ବନ୍ଦର କ୍ରୀଡା ପରାମର୍ଶଦାତା ରବି ଦାସ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷରେ ସ୍ପୋର୍ଟ୍ସ କାଉନସିଲ ର ବୈଷୟିକ ସଦସ୍ୟ ଶିଶିର କୁମାର ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଚଳିତ ନଭେମ୍ବର ମାସ ୧୬ ରୁ ୨୯ ତାରିଖ ଦୀର୍ଘ ୧୪ ଦିନ ଧରି ଋଲିବ।

# ମାର୍କ କିଙ୍ଗ୍ ୫ ବର୍ଷ ବାସନ୍ଦ

ଶିଫିଲ୍ଡ,୧୭।୧୧: ଇଂଲିଶ ସ୍ନୁକର ଖେଳାଳି ମାର୍କ କିଙ୍ଗ୍‌ଙ୍କୁ ଶୁକ୍ରବାର ୫ ବର୍ଷ ବାସନ୍ଦ କରାଯାଇଛି ମ୍ୟାଚ ଫିକ୍ସିଂ କରିବା ଓ ଟୁର୍ନାମେଣ୍ଟର ମାସରେ ସ୍ନୁକର ପରିଋଳନା ପରିଷଦ କିଙ୍ଗ୍‌ଙ୍କୁ ସସ୍‌ପେଣ୍ଡ କରିଥିଲା ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱାଧୀନ ଶୃଙ୍ଖଳା କମିଟି ଗଠନ କରାଯାଇଥିଲା। ତଦନ୍ତ ପରେ ଜଣାପଡ଼ିଥିଲା ଯେ, କିଙ୍ଗ ବେଟିଂ ଉଦ୍ଦେଶ୍ୟରେ ମ୍ୟାଚ ସମ୍ପର୍କରେ ଭିତିରି ତଥ୍ୟ ପ୍ରଦାନ କରିଥିଲେ। ତାଙ୍କ



ଭିତିରି ତଥ୍ୟ ଯୋଗାଇ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ୫୦ ବର୍ଷୀୟ କିଙ୍ଗ୍ ୨୦୦୩ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଙ୍ଗ ୧୧ଶ ସ୍ଥାନ ହାସଲ କରିଥିଲେ। ଗତବର୍ଷ ଫେବୃଆରୀ ୧୩ରେ ଖେଳାଯାଇଥିବା ୱେଲ୍ସ ଓପନରେ ଜୋ ପେରୀଙ୍କ ବିପକ୍ଷ ଏକ ମ୍ୟାଚ ବେଳେ ସେ ବେଟିଂ ସିଣ୍ଡିକେଟ ସହ ଯୋଗାଯୋଗରେ ଥିଲେ ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା। ଏହାର ଏକ ବିରୋଧରେ ଅଣାଯାଇଥିବା ଏହି ଅଭିଯୋଗକୁ ସେତେବେଳେ ସେ ଖଣ୍ଡନ କରିଥିଲେ। କିଙ୍ଗଙ୍କ ବାସନ୍ଦ ଦଣ୍ଡ ୨୦୨୮ ମାର୍ଚ୍ଚ ୧୭ରେ ଶେଷ ହେବ। ତାଙ୍କୁ ଆହୁରି ମଧ୍ୟ ୬୮,୦୦୦ ପାଉଣ୍ଡ (୮୬,୦୦୦ ଡଲାର) ଜରିମାନା କରାଯାଇଛି।ମ୍ୟାଚ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ ହୋଇ ଋଇନିଜ ଖେଳାଳି ଲିଆଙ୍ଗ ୱେନ୍‌ବୋ ଓ ଲି ହାଙ୍ଗ୍‌ଙ୍କୁ ସ୍ନୁକରରୁ ଆଜୀବନ ବାସନ୍ଦ କରାଯାଇଛି।

# ଗମ୍ଭୀର କୋଚ୍ ପାଇଁ ଉପଯୁକ୍ତ ନୁହନ୍ତି : ଟିମ୍ ପେନ୍



ନୂଆଦିଲ୍ଲୀ,୧୭।୧୧: ଦିଲ୍ଲୀ: ନିକଟରେ ନ୍ୟୁଜିଲାଣ୍ଡ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଭାରତୀୟ ଦଳ କ୍ଲିନ ସୁଇପ୍ ପରାଜୟ ଭୋଗିଥିଲା ଯାହା ପରେ କେବଳ ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ଫର୍ମ ଉପରେ ପ୍ରଶ୍ ଉଠି ନାହିଁ ବରଂ ଭାରତୀୟ ଦଳର ନୂତନ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ କୋଚିଂ ଉପରେ ମଧ୍ୟ ପ୍ରଶ୍ନ ଉଠିଛି ଭାରତୀୟ ଦଳ ନଭେମ୍ବର ୨୨ରୁ ବର୍ଡର-ଗାଭାସ୍କର ଟ୍ରଫି ଖେଳିବାକୁ ଯାଉଛି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଏହି ଟେଷ୍ଟ ସିରିଜ୍ ପୂର୍ବରୁ ପୁଣି ଥରେ ଗୌତମ ଗମ୍ଭୀରଙ୍କ କୋଚିଂ ଶୈଳୀ ଉପରେ ପ୍ରଶ୍ନ ଉଠିଛି ଅଷ୍ଟ୍ରେଲିଆ। ଦଳର ପୂର୍ବତନ ଅଧିନାୟକ ଟିମ୍ ପେନ ଗୌତମ ଗମ୍ଭୀରଙ୍କ କୋଚିଂର ସମାଲୋଚନା କରିଛନ୍ତି

ସେ କହିଛନ୍ତି ଗୌତମ ଗମ୍ଭୀରଙ୍କ କୋଚିଂ ଶୈଳୀ ଭାରତୀୟ ଦଳ ପାଇଁ ମଙ୍ଗଳ ନୁହେଁ ଯଦି ଭାରତୀୟ ଦଳ ନଭେମ୍ବର ୨୨ରୁ ଆରମ୍ଭ ହେଉଥିବା ପର୍ଥ ଟେଷ୍ଟରେ ମଜବୁତ ଆରମ୍ଭ କରିବାରେ ବିଫଳ ହୁଏ ତେବେ ଆଗକୁ ସିରିଜ୍‌ରେ ଦଳ ପାଇଁ ବହୁତ ମୁସ୍କିଲ ହୋଇପାରେ। ପେନ ଏସଇଏନ ରେଡିଓରେ କହିଛନ୍ତି, ଗତ ଦୁଇଟି ସିରିଜରେ ଭାରତୀୟ ଦଳର ବିଜୟ ସମୟରେ କୋଚ୍ ରବି ଶାସ୍ତ୍ରୀ ଥିଲେ। ସେ ଦଳରେ ସର୍ବଦା ସକାରାତ୍ମକ ମାହୋଲ ତିଆରି କରି ରଖୁଥିଲେ ଖେଳାଳିଙ୍କୁ ଉତ୍ସାହିତ କରୁଥିଲେ। ଫଳରେ ଖେଳାଳି ମାନେ ଆତ୍ମ ବିଶ୍ୱାସର ସହ ଖେଳୁଥିଲେ। ଖେଳାଳିଙ୍କୁ ସ୍ୱପ୍ନ ଦେଖାଇବା ସହ ଖୁସି ମଜାକ ପ୍ରକ୍ରିୟାରେ ଖେଳାଳିଙ୍କୁ ପ୍ରେରିତ କରୁଥିଲେ। ଟିମ୍ ପେନ କହିଛନ୍ତି, ଏବେ ଭାରତ ନିକଟରେ ନୂଆ କୋଚ୍ ଅଛନ୍ତି ଯିଏ କ୍ରୋଧୀ ସ୍ୱଭାବର। କିନ୍ତୁ ସେ ବହୁତ ପ୍ରତିଯୋଗିତାମୂଳକ ବ୍ୟକ୍ତି କିନ୍ତୁ ତାଙ୍କର କୋଚିଂ ଶୈଳୀ ଠିକ୍ ନୁହେଁ ମୋର ଚିନ୍ତା ଏହା ଯେ, ଗମ୍ଭୀର ଭାରତୀୟ କ୍ରିକେଟ୍ ଦଳ ପାଇଁ ଉପଯୁକ୍ତ ନୁହନ୍ତି।

ପେନ୍ କହିଛନ୍ତି, ଯଦି ଆପଣଙ୍କ କୋଚ୍ ସାମ୍ବାଦିକ ସମ୍ମିଳନୀରେ ଏକ ସାଧାରଣ ପ୍ରଶ୍ନରେ କ୍ଷୁବ୍ଧ ହୋଇ ଯାଉଛନ୍ତି, ତେବେ ଏହାକୁ କଣ କୁହାଯିବ। ସାମ୍ବାଦିକ ସମ୍ମିଳନୀରେ ଗମ୍ଭୀରଙ୍କ ପ୍ରତିକ୍ରିୟା ଅନୁଚିତ। ପଣ୍ଟିଂ ଏବେ ଭାଷ୍ୟକାର ଏବଂ ତାଙ୍କୁ ନିଜର ରାୟ ରଖିବା ପାଇଁ ଟଙ୍କା ମିଳୁଛି। ବିରାଟଙ୍କ ଫର୍ମ ଉପରେ ତାଙ୍କର ବିଶ୍ଳେଷଣ ଠିକ୍ ଥିଲା। ମାତ୍ର ଭାରତ ପାଇଁ ସଂପ୍ରତି ସବୁଠୁ ବଡ଼ ସମସ୍ୟା ବିରାଟ କୋହଲିଙ୍କ ଫର୍ମ ନୁହେଁ ବରଂ କୋଚ୍ ଋପରେ ଶାନ୍ତ ରହିବା ବଡ଼ ପ୍ରସଙ୍ଗ ରହିବ।

# ଉସମାନ ଖ୍ୱାଜାଙ୍କୁ ସାମି ଭୟ

ନୂଆଦିଲ୍ଲୀ,୧୭।୧୧: ଭାରତୀୟ ବୋଲର୍ ଜସପ୍ରିତ ବୁମ୍‌ରା ନିଜର ସ୍ୱତନ୍ତ୍ର ବୋଲିଂ ଶୈଳୀକୁ ନେଇ ସାରା ବିଶ୍ୱରେ ପରିଚିତ ତାଙ୍କ ସାମ୍ନାରେ ବଡ଼ ବଡ଼ ବ୍ୟାଟ୍ସମ୍ୟାନ ଅଧିକ ସମୟ ତିଷ୍ଠି ପାରନ୍ତି ନାହିଁ। ହେଲେ ଅଷ୍ଟ୍ରେଲିଆର ଏଭଳି ଜଣେ ବ୍ୟାଟ୍ସମ୍ୟାନ୍ ଅଛନ୍ତି ଯିଏ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ପୂର୍ବରୁ ବୁମ୍‌ରାଙ୍କୁ ନେଇ ଭୟଭୀତ ନାହାନ୍ତି। କାରଣ ସେ ବେଶ ଆରାମରେ ତାଙ୍କୁ ଖେଳିପାରନ୍ତି। କେବଳ ଏତିକି ନୁହେଁ ବୁମ୍‌ରା ଆଜିଯାଏ ତାଙ୍କୁ ଟେଷ୍ଟରେ ଆଉଟ୍ କରିପାରିନାହାନ୍ତି। ଆମେ କହୁଛୁ ଅଷ୍ଟ୍ରେଲିଆର ଓପନର ଉସ୍‌ମାନ ଖ୍ୱାଜାଙ୍କ ବିଷୟରେ। ବର୍ଡର ଗାଭାସ୍କର ଟ୍ରଫି ଆରମ୍ଭ ହେବା ପୂର୍ବରୁ ସେ କହିଛନ୍ତି ଯେ ବୁମ୍‌ରାଙ୍କୁ ଖେଳିବା ବହୁତ ସହଜ। ହେଲେ ସେ ଭାରତୀୟ ଟିମ୍‌ରୁ ବାଦ୍ ପଡ଼ିଥିବା ଜଣେ ବୋଲରଙ୍କ ନାମ କହିଛନ୍ତି ଯାହାକୁ ସେ ବହୁତ ଡ଼ରିଥାନ୍ତି।



ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଆରମ୍ଭ ହେବାକୁ ଆଉ ଦିନ କେଇଟା ବାକି ନଭେମ୍ବର ୨୨ରେ ପ୍ରଥମ ମ୍ୟାଚ୍ ଖେଳାଯିବ। ହେଲେ ଏହା ପୂର୍ବରୁ ଉସ୍‌ମାନ ଚକିତ କଲା ଭଳି ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରାରମ୍ଭରୁ ବୁମ୍‌ରାଙ୍କୁ ଖେଳିବା ସହଜ ହୋଇ ନ ଥାଏ। ହେଲେ କିଛି ସମୟ ଖେଳିବା ପରେ ଅଭ୍ୟାସରେ ପରିଣତ ହୋଇଯାଏ। ତେବେ ସେ ଟେଷ୍ଟରେ ବୁମ୍‌ରାଙ୍କ ୧୫୫ ବଲ୍ ଖେଳିଥିବା ବେଳେ ଗୋଟିଏ ଥର ଆଉଟ୍ ହୋଇନାହାନ୍ତି। ଏଥିରେ ସେ ୪୩ ରନ୍ ମଧ୍ୟ କରିଛନ୍ତି।ଯଦି ଏଭଳି ଋଲୁ ରହେ ତେବେ ଭାରତୀୟ ଦଳ ଅଡୁଆରେ ପଡ଼ିପାରେ। ତେବେ ଉସମାନ୍ ମହମ୍ମଦ ଶାମୀଙ୍କୁ ଡରୁଥିବା କହିଛନ୍ତି। କାରଣ ସେ ଘାତକ ବୋଲିଂ କରନ୍ତି। ଏଯାବତ ସେ ୨୯୬ ବଲ୍ ଖେଳିଥିବା ବେଳେ ୨୪୨ ଡଟ୍ ବଲ୍ ରହିଛି। ସେହିଭଳି ୧୦୯ ରନ୍ କରିବା ସହ ୨ ଥର ଉଇକେଟ ମଧ୍ୟ ହରାଇଛନ୍ତି।

# ଦଳକୁ ଫେରିବେ ପୃଥ୍ୱୀ ଶ

ମୁମ୍ବାଇ,୧୭।୧୧: ନଭେମ୍ବର ୨୩ରୁ ଆରମ୍ଭ ହେବ ବିସିସିଆଇର ଘରୋଇ ଟି୨୦ ଟୁର୍ଣ୍ଣାମେଣ୍ଟ ସୟଦ ମୁସ୍ତାକ ଅଲି ଟ୍ରଫି ଏଥିପାଇଁ ୨୮ ଜଣିଆ। ସମ୍ଭାବ୍ୟ ଖେଳାଳି ତାଲିକା ଜାରି କରିଛି ମୁମ୍ବାଇ। ଏହି ତାଲିକାରେ ପୃଥ୍ୱୀ ଶଙ୍କ ନାଁ ଅଛି ଏହା ପୂର୍ବରୁ ଫିଟନେସ୍ ଓ ଶୃଙ୍ଖଳାଗତ କାରଣରୁ ରଣଜୀ ଟ୍ରଫି ଟୁର୍ଣ୍ଣାମେଣ୍ଟରୁ ମୁମ୍ବାଇ ତାଙ୍କୁ ବାଦ ଦେଇଥିଲା। ଏହାପରେ ତାଙ୍କ କ୍ୟାରିୟର ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।ହେଲେ ବର୍ତ୍ତମାନ ସୟଦ ମୁସ୍ତାକ ଅଲି ଟ୍ରଫିକୁ ଯଦି ସେ ପ୍ରତ୍ୟାବର୍ତ୍ତନ କରନ୍ତି, ଏହା ତାଙ୍କ ପାଇଁ ବଡ଼ ଆଶ୍ୱସ୍ତି ହେବ। ପୃଥ୍ୱୀଙ୍କ ବ୍ୟତୀତ ଆଜିଙ୍କ୍ୟ ରାହାଣେ, ଶ୍ରେୟସ ଆୟର, ଶାର୍ଦ୍ଦୁଲ ଠାକୁର, ଅଙ୍ଗକ୍ରିଶ ରଘୁବଂଶୀ ଏବଂ ଶାମ୍ସ ମୁଲାନି ମଧ୍ୟ ସୟଦ ମୁସ୍ତାକ ଅଲି ଟୁର୍ଣ୍ଣାମେଣ୍ଟ ପାଇଁ ମୁମ୍ବାଇର ସମ୍ଭାବ୍ୟ ଖେଳାଳି ତାଲିକାରେ ସ୍ଥାନ ପାଇଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927, Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ